

ଆର୍ଚର ପ୍ଲେୟର ଅଫ୍ ଦି ମ୍ୟାଚ୍

ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-326 MONDAY 25 MAY 2026 PAGE-12 ₹ 7.00 | SAMBALPUR | ବର୍ଷ-୪୩ ସଂଖ୍ୟା-୩୨୬ ସୋମବାର ୨୫ ମେ ୨୦୨୬ ପୃଷ୍ଠା-୧୨ ଟ.୭.୦୦

Admissions open for CHSE, CBSE (XI), NEET & JEE -2026-27

TETRAHEDRON
GROUP OF INSTITUTIONS

TANGI, CUTTACK : 8093064522, 8093064525, 7008222977

CONGRATULATIONS

594
BARSHA
R. No. : 321CZ014
M. : 9937812604

OUR CHSE RESULT -2026

593 SUBHASHREE R. No. : 321CZ052 M. : 8658788702
592 KUMKUM R. No. : 321CZ002 M. : 7749846746
592 SAI SWAROOPA R. No. : 321CZ016 M. : 9658406332
592 PRANGYA R. No. : 321CZ541 M. : 9853131639
590 ARPITA R. No. : 321CZ007 M. : 8144980060
590 ANKITA R. No. : 321CZ036 M. : 8249460797
589 BARSARANI R. No. : 321CZ544 M. : 6372745224
588 RAJALAXMI R. No. : 321CZ012 M. : 8270795476
588 ABHIPSHA R. No. : 321CZ045 M. : 6371397039

588 KAMAL KIRAN R. No. : 312CZ004 M. : 7606902119
588 NIRMALA PRAVAT R. No. : 312CZ028 M. : 9938719292
588 RAJESH R. No. : 312CZ037 M. : 7205415008
587 GURU PRASAD R. No. : 312CZ026 M. : 9668089772
587 GOPIKRISHNA R. No. : 312CZ033 M. : 9348058600
586 GYANTI PRANGYA R. No. : 321CZ010 M. : 9861094501
587 JAHNAVI R. No. : 321CZ028 M. : 9871735028
586 PREETI LAGNA R. No. : 321CZ038 M. : 9437608832
586 TARANJEET R. No. : 321CZ018 M. : 8895124986
586 SOUMYA RANJAN R. No. : 312CZ022 M. : 6372159942

586 SUBHAM R. No. : 312CZ131 M. : 9726267196
585 TANUSHREE R. No. : 321CZ017 M. : 7849056961
585 KALPITA R. No. : 321CZ023 M. : 9437655026
585 IPSITA R. No. : 321CZ027 M. : 8917375068
584 SWAYANSMITA R. No. : 321CZ019 M. : 8457017722
584 SARTHAK R. No. : 312CZ005 M. : 9438308673
582 JINGYASHA R. No. : 321CZ018 M. : 9658280574
582 HANSIKA R. No. : 321CZ024 M. : 8260251210
582 ASSIMA R. No. : 321CZ042 M. : 9237525958
582 SIPRA PRIYADARSINI R. No. : 321CZ128 M. : 9938807694

582 SAI NIBEDITA R. No. : 321CZ317 M. : 9437605001
582 SUBHENDU R. No. : 321CZ135 M. : 9692403471
581 SUSHREE SUBHADARSHINEE R. No. : 321CZ026 M. : 7846811676
581 SWETAPADMA R. No. : 321CZ529 M. : 8144301095
581 SATYAM SUBHADARSHI R. No. : 312CZ002 M. : 9437124945
581 HARA PRASAD R. No. : 312CZ113 M. : 9938020989
580 BHASWATI R. No. : 321CZ005 M. : 9668539462
580 MANISKA R. No. : 321CZ008 M. : 9348911032
580 ANKITA R. No. : 321CZ055 M. : 9178406322
580 NIRLIPTA R. No. : 321CZ092 M. : 8763320310
580 JAYA PRAKASH R. No. : 312CZ016 M. : 9668480067

OUR CHSE RESULTS -2026

Above 98%	Above 95%	Above 560	Above 90%	Above 89%	Above 88%
13 STUDENTS	95 STUDENTS	163 STUDENTS	315 STUDENTS	367 STUDENTS	412 STUDENTS

Above 85%	Above 80%	Above 75%	Above 70%	Above 60%
558 STUDENTS	774 STUDENTS	948 STUDENTS	1066 STUDENTS	1144 STUDENTS

OUR CHSE RESULTS -2025

Above 95%	Above 560	Above 90%	Above 89%	Above 88%
14 STUDENTS	51 STUDENTS	199 STUDENTS	236 STUDENTS	285 STUDENTS

Above 500	Above 80%	Above 75%	Above 70%	Above 60%
536 STUDENTS	714 STUDENTS	902 STUDENTS	1023 STUDENTS	1120 STUDENTS

2025 : 127 MBBS ADMISSIONS
2024 : 71 MBBS ADMISSIONS
2023 : 54 MBBS ADMISSIONS

OUR INCREDIABLE ACHIEVERS IN AIIMS

SUSHREE SANGITA MOB. : 9810975701 AIIMS DELHI (2021)
KAMALAKANTA Mob. : 8249906661 AIIMS BBSR(2024)
RAHUL M. : 6372741832 AIIMS RAIPUR(2024)
OMM PRAKASH M. : 6372521307 AIIMS GORAKHAPUR(2024)
SWAGATIKA M. : 7381845430 AIIMS GORAKHAPUR(2024)
DEVASIS SAHOO Mob. : 9861492793 AIIMS BBSR(2021)
ASHIRBAD BISWAL Mob. : 7846821473 AIIMS GORAKHPUR(2023)
ANUPAM NAYAK Mob. : 7205755502 AIIMS KALYANI (2023)
ADITYA NARAYAN M. : 8260333635 AIIMS MADURAI(2024)
SATYAJIT NAYAK Mob. : 8260601336 AIIMS RAIPUR(2022)
SOURAV RANJAN Mob. : 9337135920 AIIMS KALYANI(2025)
AMIT ANSUMAN Mob. : 8260552053 AIIMS KALYANI(2025)
G.S. TANISHA Mob. :6370203229 AIIMS KALYANI(2025)
SOUMYA RANJAN Mob. : 9853490176 AIIMS DEOGHAR(2025)
ASHUTOSH Mob. : 9438110102 AIIMS BBSR (2025)

★ One Year NEET Batch start's from 1st June/25th June 2026

★ For NEET Admission Visit Our Website NEET : www.tetrahedroncoaching.com Tetrahedron Tangi Tetrahedrongroup

ବଢ଼ିଲା ଇବୋଲା ଆତଙ୍କ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ଆଫ୍ରିକୀୟ ଦେଶ ଗୁଡ଼ିକରେ 'ବୁଣ୍ଡିବୁଗ୍ୟୋ' ଷ୍ଟ୍ରେନ୍ ଜନିତ ଇବୋଲା ଭୂତାଣୁ ସଂକ୍ରମଣ ବ୍ୟାପିବା ପରେ ଭାରତ ସରକାର ନିଜ ନାଗରିକମାନଙ୍କ ପାଇଁ ଏକ ସତର୍କ ସୂଚନା (ଟ୍ରାଭେଲ ଆଡଭାଇଜରୀ) ଜାରି କରିଛନ୍ତି। କଙ୍ଗୋ, ଉଗାଣ୍ଡା ଏବଂ ଦକ୍ଷିଣ ସୁଦାନକୁ ଜରୁରୀ କାର୍ଯ୍ୟ ନଥିଲେ ଯାତ୍ରା ନକରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଏହାକୁ ଅନ୍ତର୍ଜାତୀୟ ସ୍ତରର ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଭାବେ ଘୋଷଣା କରିସାରିଛି। ବର୍ତ୍ତମାନ ସୁଦ୍ଧା ଭାରତରେ ଏହି ମାରାତ୍ମକ ଜ୍ୱରର କୌଣସି ମାମଲା ଚିହ୍ନଟ ହୋଇନାହିଁ, କିନ୍ତୁ ବିମାନବନ୍ଦର ଗୁଡ଼ିକରେ ବିଦେଶରୁ ଫେରୁଥିବା ସନ୍ଦିଗ୍ଧ ରୋଗୀଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଏହି ନିର୍ଦ୍ଦିଷ୍ଟ ପ୍ରଜାତିର ଇବୋଲା ଭୂତାଣୁ ପାଇଁ ଏପର୍ଯ୍ୟନ୍ତ କୌଣସି ପ୍ରତିଷେଧକ ଟିକା ବା ନିର୍ଦ୍ଦିଷ୍ଟ ଚିକିତ୍ସା ବାହାରି ନାହିଁ।

କଙ୍ଗୋ, ଉଗାଣ୍ଡା, ଦକ୍ଷିଣ ସୁଦାନ ନଯିବାକୁ ସରକାରଙ୍କ ପରାମର୍ଶ

ମଣିପୁର ନେତା ହତ୍ୟା, ନିଖୋଜ ମାମଲାର ତଦନ୍ତ କରିବ ଏନ୍ଆଇଏ

ଇମ୍ଫାଲ,୨୪।୫(ଏଜେନ୍ସି): ମଣିପୁରରେ ଚାଲିଥିବା ଅଶାନ୍ତି ମଧ୍ୟରେ କାଙ୍ଗପୋକପି ଜିଲ୍ଲାରୁ ୬ ଜଣ ନାଗା ଗ୍ରାମବାସୀ ନିଖୋଜ ହେବା ଏବଂ 'ଥାଡୋଉ' ସମ୍ପ୍ରଦାୟର ୩ ଜଣ ଚର୍ଚ୍ଚ ନେତାଙ୍କ ହତ୍ୟା ମାମଲାର ତଦନ୍ତ ଭାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) କୁ ହସ୍ତାନ୍ତର କରାଯିବ। ୟୁନାଇଟେଡ୍ ନାଗା କାଉନ୍ସିଲ୍ (ୟୁଏନ୍ସି) ର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚାନ୍ଦ ସିଂହଙ୍କୁ ଭେଟିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଗତ ମଇ ୧୩ ରେ ଏକ ଆକ୍ରମଣରେ ୩ ଜଣ ଚର୍ଚ୍ଚ ନେତା ପ୍ରାଣ ହରାଇଥିଲେ ଏବଂ ମଇ ୧୪ ରୁ ୬ ଜଣ ନାଗା ଗ୍ରାମବାସୀ ନିଖୋଜ ଅଛନ୍ତି, ଯାହାଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନ ଜାରି ରହିଛି। ଅପରପକ୍ଷରେ, ରାଜ୍ୟରେ ଶାନ୍ତି ପ୍ରତିଷ୍ଠା କରିବାରେ ବିଫଳ ହୋଇଥିବା ଅଭିଯୋଗ କରି ୟୁଥ୍ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ତାଙ୍କ ଇସ୍ତଫା ଦାବି କରାଯାଇଛି।

ତାମିଲନାଡୁରେ ବଡ଼ଧରଣର ଅପରାଧୀ ଦମନ ଅଭିଯାନ

ଚେନ୍ନାଇ,୨୪।୫(ଏଜେନ୍ସି): ତାମିଲନାଡୁରେ ନୂଆ ସରକାର ଗଠନ ପରେ ଅପରାଧ ଓ ନିଶା କାରବାର ବିରୋଧରେ ଏକ ବଡ଼ ଧରଣର ଧରପଗଡ଼ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ବିଜୟଙ୍କ ନିର୍ଦ୍ଦେଶକ୍ରମେ ଗତ ୩ ଦିନ ମଧ୍ୟରେ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଚଳାଇ ପୋଲିସ ୩,୨୪୬ ଜଣ ଅପରାଧୀଙ୍କୁ ଅଟକ ରଖିଥିବା ବେଳେ ୪୧୯ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ଏଥିସହିତ ୮୪୪ ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏହି ସ୍ୱତନ୍ତ୍ର ଆଣ୍ଟି-ଡ୍ରଗ୍ସ ଅଭିଯାନ ଅଧୀନରେ ୨୯୪ଟି ମାମଲା ରୁଜୁ କରାଯାଇ ପ୍ରାୟ ୨୬୮ କିଲୋ ଗଞ୍ଜେଇ ଏବଂ ୨,୪୭୬ଟି ନିଶା ବଟିକା ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧.୪୩ କୋଟି ଟଙ୍କା ହେବ। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ୪୮ ଘଣ୍ଟା ମଧ୍ୟରେ ବିଜୟ ରାଜ୍ୟରେ ୬୫ଟି ଆଣ୍ଟି-ଡ୍ରଗ୍ ଟାସ୍କ ଫୋର୍ସ (ଏଏନ୍ଟିଏଫ୍) ଗଠନ, ମହିଳା ସୁରକ୍ଷା ପାଇଁ 'ସିଙ୍ଗାପେନ୍' ସ୍ୱତନ୍ତ୍ର ବାହିନୀ, ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ ଏବଂ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ସ୍ଥଳ ନିକଟରେ ଥିବା ୭୧୭ଟି ସରକାରୀ ମଦ ଦୋକାନ ବନ୍ଦ କରିବା ଭଳି ୪ଟି ବଡ଼ ନିଷ୍ପତ୍ତି ନେଇଛନ୍ତି।

୩ ଦିନରେ ୩୨୪୬ ଗିରଫ; ୧.୪୩ କୋଟିର ନିଶାଦ୍ରବ୍ୟ ଜବତ

ମହିଳାଙ୍କୁ ହତ୍ୟା: ଅବସରପ୍ରାପ୍ତ ସେନା କର୍ମଚାରୀ ଗିରଫ

ସାମ୍ବା,୨୪।୫(ଏଜେନ୍ସି): ଜମ୍ମୁ-କାଶ୍ମୀରର ସାମ୍ବା ଜିଲ୍ଲାରେ ପରକୀୟା ପ୍ରୀତିରେ କଳହକୁ କେନ୍ଦ୍ର କରି ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ନିଜର ଜଣେ ସମ୍ପର୍କୀୟା ମହିଳାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଗତ ସୋମବାର ବାରି ବ୍ରାହ୍ମଣା ଅଞ୍ଚଳରେ ଅନୁରାଧା ନାମକ ମହିଳାଙ୍କ ମୃତଦେହ ତାଙ୍କ ଘର ଭିତରୁ ମିଳିଥିଲା। ଏହି ଘଟଣାରେ କୌଣସି ପ୍ରତ୍ୟକ୍ଷଦର୍ଶୀ ନଥିବାରୁ ପୋଲିସ ବୈଷୟିକ ସର୍ଭିଲାନ୍ସ ଓ ମୋବାଇଲ୍ କଲ୍ ରେକର୍ଡ (ସିଡିଆର) ଆଧାରରେ ଅଭିଯୁକ୍ତ ଛେଲ୍ ସିଂହଙ୍କୁ ଜମ୍ମୁର ଖୌର ଅଞ୍ଚଳରୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଉଭୟଙ୍କ ମଧ୍ୟରେ ଥିବା ଅବୈଧ ସମ୍ପର୍କରେ ନିକଟରେ ତିକ୍ତତା ପ୍ରକାଶ ପାଇଥିଲା ଏବଂ ହତ୍ୟା ଦିନ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବା ପରେ ଛେଲ୍ ସିଂହ ମହିଳାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି।

ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିମାଡ଼; ଦୁର୍ବୃତ୍ତ ନିହତ

ୱାଶିଂଟନ, ୨୪।୫ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଭବନ 'ହ୍ୱାଇଟ୍ ହାଉସ୍' ନିକଟସ୍ଥ ଏକ ସୁରକ୍ଷା ଚେକ୍ପଏଣ୍ଟ ପାଖରେ ଶନିବାର ଜଣେ ସନ୍ଦିଗ୍ଧ ବ୍ୟକ୍ତି ଆକ୍ରମଣ କରିବା ପରେ ସିକ୍ରେଟ୍ ସର୍ଭିସ କର୍ମଚାରୀଙ୍କ ପାଲଟା ଗୁଳିମାଡ଼ରେ ତାର ମୃତ୍ୟୁ ଘଟିଛି। ଉକ୍ତ ବ୍ୟକ୍ତି ଜଣକ ଚେକପଏଣ୍ଟ ନିକଟକୁ ଆସି ହଠାତ୍ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲା। ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ସେ ଗୁରୁତର ହୋଇ ଡାକ୍ତରଖାନାରେ ପ୍ରାଣ ହରାଇଛି। ଗୁଳି ବିନିମୟ ବେଳେ ଜଣେ ସାଧାରଣ ପଥଚାରୀ ମଧ୍ୟ ଆହତ ହୋଇଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସେହି ସମୟରେ ହ୍ୱାଇଟ୍ ହାଉସ୍ ଭିତରେ ଥିଲେ, କିନ୍ତୁ ଆକ୍ରମଣକାରୀ ସୁରକ୍ଷା ବଳୟ ଭେଦ କରିପାରିନଥିଲା। ଟ୍ରମ୍ପ ସିକ୍ରେଟ୍ ସର୍ଭିସର 'ତୁରନ୍ତ କାର୍ଯ୍ୟାନୁଷ୍ଠାନ' ପାଇଁ ଧନ୍ୟବାଦ ଜଣାଇବା ସହ ମୃତ ଅଭିଯୁକ୍ତର ଏକ ହିଂସାତ୍ମକ ଇତିହାସ ଥିଲା ବୋଲି ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏଫବିଆଇ ଏବଂ ସିକ୍ରେଟ୍ ସର୍ଭିସ ପକ୍ଷରୁ ଏହି ଘଟଣାର ମିଳିତ ତଦନ୍ତ ଚାଲିଛି।

କ୍ୱେଟା ଷ୍ଟେସନରେ ବିସ୍ଫୋରଣ, ୨୪ ନିହତ

କ୍ୱେଟା,୨୪।୫(ଏଜେନ୍ସି): ପାକିସ୍ତାନର ଅଶାନ୍ତ ବେଲୁଚିସ୍ତାନ ରାଜ୍ୟର ରାଜଧାନୀ କ୍ୱେଟା ସହରର ଚମନ ଫାଟକ ନିକଟରେ ରବିବାର ସକାଳେ ଏକ ବଡ଼ ଧରଣର ଭୟଙ୍କର ଆତ୍ମଘାତୀ ଆକ୍ରମଣ ସଂଘଟିତ ହୋଇଯାଇଛି। ଏହି ଭୟଙ୍କର ବିସ୍ଫୋରଣରେ ୨୪ ଜଣ ନିରୀହ ଲୋକ ପ୍ରାଣ ହରାଇଥିବା ବେଳେ ବହୁ ସଂଖ୍ୟାରେ ଲୋକ ଗୁରୁତର ଭାବେ ଆହତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ବାଲୋଚ୍ ବିଚ୍ଛିନ୍ନତାବାଦୀ ସଂଗଠନ 'ବେଲୁଚ୍ ଲିବରେସନ୍ ଆର୍ମି' ବା ବେଲୁଚ୍ ମୁକ୍ତି ବାହିନୀ (ବିଏଲ୍ଏ) ଏହି ରକ୍ତାକ୍ତ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ବିସ୍ଫୋରଣର ପ୍ରକମ୍ପନ ଏତେ ତୀବ୍ର ଥିଲା ଯେ ଏହା କେବଳ ଟ୍ରେନର ବଗିକୁ ଛାରଖାର କରିଦେଇନାହିଁ, ବରଂ ଆଖପାଖର ବାସଗୃହ ଏବଂ ଯାନବାହନକୁ ମଧ୍ୟ ଧ୍ୱଂସସ୍ତୂପରେ ପରିଣତ କରିଦେଇଛି। ରେଳଧାରଣା ନିକଟରେ ଚମକି ଉଠିଥିବା ସେହି ମାରାତ୍ମକ ଅଗ୍ନିଶିଖା ଭୟାବହତାକୁ ବୟାନ କରୁଛି। ଗୃହ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସହାୟକ ବାବର ୟୁସୁଫଜାଇ ସମଗ୍ର ଅଞ୍ଚଳରେ ସତର୍କ ସୂଚନା ଜାରି କରିବା ସହ ଜନସାଧାରଣଙ୍କୁ ଘଟଣାସ୍ଥଳରୁ ଦୂରେଇ ରହିବାକୁ ଅନୁରୋଧ କରିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅନ୍ୟପଟେ ବେଲୁଚ୍ ମୁକ୍ତି ବାହିନୀ ନିଜର

ଶତାଧିକ ଆହତ; ନିଜକୁ ଦାୟୀ କଲା ବିଏଲ୍ଏ

କେତେ ଯେ ସ୍ୱପ୍ନକୁ ପାଉଁଶ କରିଦେଇଛି, ତାର ଆକଳନ କରିବା ସହଜ ନୁହେଁ। ସ୍ଥାନୀୟ ଆରକ୍ଷୀ ବାହିନୀ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାନୁସାରେ, ଜାଫର ଏକ୍ସପ୍ରେସ ନାମକ ଏକ ଯାତ୍ରୀବାହୀ ଟ୍ରେନ କ୍ୱେଟା ସେନା ନିବାସରୁ ପେଶାୱାର ଅଭିମୁଖେ ଯାତ୍ରା ଆରମ୍ଭ କରିବା ସମୟରେ ଏହି ବିପର୍ଯ୍ୟୟ ଘଟିଥିଲା। ବିସ୍ଫୋରଣ ପରେ ଟ୍ରେନର ଏକ ବଗିରେ ନିଆଁ ଲାଗିଯାଇଥିଲା ଏବଂ ଚତୁର୍ଦ୍ଦିଗ ଆର୍ତ୍ତନାଦ ଓ ଚିତ୍କାରରେ ଫାଟି ପଡ଼ିଥିଲା। ସ୍ଥାନୀୟ ବାସିନ୍ଦା ଏବଂ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ତତ୍କାଳ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଆଖପାଖର କୋଠାବାଡ଼ିର କାଚ ସବୁ ଭାଙ୍ଗି ଚୂରମାର ହୋଇଯାଇଛି, ଯାହା ସେହି ସମୟର ସାମରିକ ବିବୃତିରେ ପ୍ରକାଶ କରିଛି ଯେ, ସେମାନଙ୍କର ସର୍ବୋଚ୍ଚ ବଳିଦାନ ଦେଉଥିବା ବିଶେଷ ସାମରିକ ଦଳ ମଜିଦ୍ ବ୍ରିଗେଡ୍ ଦ୍ୱାରା ଏହି ସୁଚିନ୍ତିତ ଆତ୍ମଘାତୀ ଆକ୍ରମଣ କରାଯାଇଛି। ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲେ ସେହି ଟ୍ରେନରେ ଯାତ୍ରା କରୁଥିବା ପାକିସ୍ତାନୀ ସେନା ବାହିନୀର ଯବାନମାନେ। ତେବେ ଏହି ଆକ୍ରମଣରେ କେତେ ସେନା ଏବଂ କେତେ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି, ତାର ସ୍ପଷ୍ଟ ସୂଚନା ଏପର୍ଯ୍ୟନ୍ତ ମିଳିପାରିନାହିଁ। ବେଲୁଚିସ୍ତାନରେ ଦୀର୍ଘ ଦିନ ହେବ ଚାଲିଆସୁଥିବା ସନ୍ତ୍ରାସବାଦୀ ଏବଂ ବିଦ୍ରୋହୀ କାର୍ଯ୍ୟକଳାପ ମଧ୍ୟରେ ଏହି ବଡ଼ ଧରଣର ଟ୍ରେନ୍ ଆକ୍ରମଣ ସୁରକ୍ଷା ବ୍ୟବସ୍ଥା ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ୟୁକ୍ରେନରେ ୬୦୦ ଡ୍ରୋନ୍, ୯୦ କ୍ଷେପଣାସ୍ତ୍ର ମାଡ଼

ରୁଷର ସୁପରସୋନିକ୍ କ୍ଷେପଣାସ୍ତ୍ର ଆକ୍ରମଣ

କିଭ୍,୨୪।୫(ଏଜେନ୍ସି): ରୁଷ ଏବଂ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଆହୁରି ଭୟଙ୍କର ରୂପ ନେଇଛି। ଶନିବାର ବିଳମ୍ବିତ ରାତିରେ ରୁଷ ପକ୍ଷରୁ ୟୁକ୍ରେନର ରାଜଧାନୀ କିଭ୍ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ଏକ ବଡ଼ଧରଣର ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି ଆକ୍ରମଣରେ ରୁଷ ତାର ସବୁଠାରୁ ଆଧୁନିକ ଓ ବିପଜ୍ଜନକ ହାଇପରସୋନିକ ମିସାଇଲ୍ 'ଓରେଶ୍ନିକ୍'ର ବ୍ୟବହାର କରିଛି, ଯାହା ପରମାଣୁ ଅସ୍ତ୍ର ବହନ କରିବାରେ ସକ୍ଷମ। ୟୁକ୍ରେନ ବାୟୁସେନା ଅନୁଯାୟୀ, ରୁଷ ରାତିସାରା ପ୍ରାୟ ୬୦୦ ଡ୍ରୋନ୍ ଏବଂ ୯୦ଟି ମିସାଇଲ୍ ମାଡ଼ କରିଛି। ଏହି ଆକ୍ରମଣରେ ଅତିକମରେ ୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ପ୍ରାୟ ୧୦୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ରାଜଧାନୀ କୀଭ୍ର ଅନେକ ଆବାସିକ ବିଲ୍ଡିଂ, ସ୍କୁଲ୍ ଏବଂ ବଜାର ଏହି ଆକ୍ରମଣରେ ଛାରଖାର ହୋଇଯାଇଛି। ଯୁଦ୍ଧ ମଧ୍ୟରେ ରୁଷ ଏହି ମିସାଇଲ୍କୁ ମାତ୍ର ତୃତୀୟ ଥର ପାଇଁ ବ୍ୟବହାର କରିଛି। ଏହାପୂର୍ବରୁ ନଭେମ୍ବର ୨୦୨୪ ରେ ଦ୍ନିପ୍ରୋ ଏବଂ ଜାନୁଆରୀ ୨୦୨୬ ରେ ଲ୍ଭିଭ୍ ଉପରେ ଏହା ଦ୍ୱାରା ଆକ୍ରମଣ କରାଯାଇଥିଲା। ଏଥର ଏହା କୀଭ୍ ନିକଟସ୍ଥ 'ବିଲା ତ୍ସେରକ୍ୱା' ସହରରେ ପଡ଼ିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଏହାକୁ ନିନ୍ଦା କରି କହିଛନ୍ତି, ରୁଷ ସତରେ ପାଗଳ ହୋଇଯାଇଛନ୍ତି। ଏଭଳି ଆକ୍ରମଣ ପାଇଁ ବିଶ୍ୱ ସମୁଦାୟ ରୁଷକୁ ଉଚିତ୍ ଶାସ୍ତି ଦେବା ଦରକାର। ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଆନ୍ଦ୍ରି ସିବିହା ସୂଚନା ଦେଇଛନ୍ତି ଯେ, ଏହି ମିସାଇଲ୍ରେ କୌଣସି ପରମାଣୁ ବୋମା ନଥିଲା, ବରଂ ଏକ 'ଡମି ୱାରହେଡ୍' ଲଗାଯାଇଥିଲା। କେବଳ ଭୟ ସୃଷ୍ଟି କରିବା ପାଇଁ ରୁଷ ଏହା କରିଛି। ୟୁରୋପୀୟ ସଂଘର ବୈଦେଶିକ ନୀତି ମୁଖ୍ୟ କାଜା କ୍ୟାଲାସ୍ ଏହାକୁ ରୁଷର "ପରମାଣୁ ବ୍ଲାକମେଲ୍" ଏବଂ ରାଜନୈତିକ ଭୟ ପ୍ରଦର୍ଶନର ଏକ ଅଂଶ ବୋଲି କହିଛନ୍ତି। ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଗତ ଶୁକ୍ରବାର ଦିନ ୟୁକ୍ରେନ ପକ୍ଷରୁ ରୁଷ ନିୟନ୍ତ୍ରିତ ଲୁହାନସ୍କ ଅଞ୍ଚଳର ଏକ କଲେଜ ହଷ୍ଟେଲ ଉପରେ ଡ୍ରୋନ୍ ମାଡ଼ କରାଯାଇଥିଲା, ଯେଉଁଥିରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିଲା। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହାକୁ ଏକ 'ଆତଙ୍କବାଦୀ ଆକ୍ରମଣ' କହି ଏହାର ବଦଳା ନେବାକୁ ସେନାକୁ ନିର୍ଦ୍ଦେଶ ଦେଇଥିଲେ, ଯାହା ପରେ ରୁଷ ଏହି ବଡ଼ ଧରଣର ପାଲଟା ଆକ୍ରମଣ କରିଛି।

ଅନୁପ୍ରବେଶକାରୀଙ୍କ ପାଇଁ 'ହୋଲ୍ଡିଂ ସେଣ୍ଟର'

କୋଲକାତା,୨୪।୫(ଏଜେନ୍ସି): ପଶ୍ଚିମବଙ୍ଗରେ ନବଗଠିତ ବିଜେପି ସରକାର ବେଆଇନ ଅନୁପ୍ରବେଶକାରୀଙ୍କ ବିରୋଧରେ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ କରିଛନ୍ତି। ରାଜ୍ୟରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀ ଏବଂ ରୋହିଙ୍ଗ୍ୟା ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଦେଶରୁ ବାହାର କରିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ତୁରନ୍ତ 'ହୋଲ୍ଡିଂ ସେଣ୍ଟର' ବା ଅସ୍ଥାୟୀ ଶିବିର ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଠାରେ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍) କୁ ହସ୍ତାନ୍ତର କରାଯିବା ପୂର୍ବରୁ ଅନୁପ୍ରବେଶକାରୀଙ୍କୁ ଅଟକ ରଖାଯିବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ୩୧ ଡିସେମ୍ବର ୨୦୨୪ ପରେ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିବା ସମସ୍ତ ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କୁ ଏହି ହୋଲ୍ଡିଂ ସେଣ୍ଟରରେ ରଖାଯିବ। ଏହା ସହିତ ଜେଲରୁ ମୁକୁଳିଥିବା ବିଦେଶୀ ନାଗରିକମାନଙ୍କୁ ମଧ୍ୟ ଦେଶାନ୍ତର ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଏହି କେନ୍ଦ୍ରଗୁଡ଼ିକରେ ରଖାଯିବ। ନିୟମ ଅନୁଯାୟୀ, ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଅଧୀନରେ ଆସୁଥିବା ଏବଂ ୩୧ ଡିସେମ୍ବର ୨୦୨୪ ପୂର୍ବରୁ ଆସିଥିବା ଶରଣାର୍ଥୀମାନଙ୍କୁ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯିବ ଏବଂ ସେମାନଙ୍କୁ ଆଇନଗତ ନାଗରିକତ୍ୱ ପ୍ରଦାନ ପାଇଁ ବିଚାର କରାଯିବ। ହେଲେ ଏହି ଆଇନ ପରିସରଭୁକ୍ତ ହେଉନଥିବା ଅନୁପ୍ରବେଶକାରୀଙ୍କୁ ଦେଶରୁ ବାହାର କରାଯିବ। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ, ବେଆଇନ ଅନୁପ୍ରବେଶ ରୋକିବା ପାଇଁ କେନ୍ଦ୍ରୀୟ ଆଇନକୁ ରାଜ୍ୟରେ କଠୋର ଭାବେ ଲାଗୁ କରାଯିବ। ନିର୍ବାଚନ ପ୍ରଚାର ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ପଶ୍ଚିମବଙ୍ଗରେ ଅନୁପ୍ରବେଶକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଗୃହ ମନ୍ତ୍ରଣାଳୟର ସୂଚନା ଆଧାରରେ ରାଜ୍ୟ ସରକାର ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ପରେ ଆଗାମୀ ଦିନରେ ରାଜ୍ୟରେ ନାଗରିକତ୍ୱ ଓ ମାନବାଧିକାରକୁ ନେଇ ଏକ ବଡ଼ ଧରଣର ରାଜନୈତିକ ଓ ଆଇନଗତ ବିବାଦ ସୃଷ୍ଟି ହେବାର ଆଶଙ୍କା ରହିଛି।

ପଶ୍ଚିମବଙ୍ଗରେ ବାଂଲାଦେଶୀ, ରୋହିଙ୍ଗିଆ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ପରୀକ୍ଷା ବାତିଲ ଚିନ୍ତା: ନିଟ୍ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟା

ବେଙ୍ଗାଲୁରୁ,୨୪।୫(ଏଜେନ୍ସି): ପ୍ରଶ୍ନପତ୍ର ଲିକ୍ ମାମଲା ଯୋଗୁଁ ନିଟ୍ ପରୀକ୍ଷା ବାତିଲ ହେବା ପରେ କର୍ଣ୍ଣାଟକର ଜଣେ ୧୮ ବର୍ଷର ମେଧାବୀ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀଙ୍କ ନାମ ଭାଗ୍ୟଶ୍ରୀ ବୋଲି ଜଣାପଡ଼ିଛି। ସେ ନିଜ ଘର ସିଲିଂ ଫ୍ୟାନ୍ରେ ରସି ଲଗାଇ ଜୀବନ ହାରିଛନ୍ତି। ମୃତ ବାଳିକାଙ୍କ ପିତା ରାଜଶେଖରଙ୍କ କହିବା ଅନୁଯାୟୀ, ଭାଗ୍ୟଶ୍ରୀ ପାଠପଢ଼ାରେ ବହୁତ ଭଲ ଥିଲେ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୯୨ ପ୍ରତିଶତ ମାର୍କ ରଖିଥିଲେ। ପରିବାରରେ କୌଣସି ସମସ୍ୟା ନଥିଲା। ସେ ନିଟ୍ ପରୀକ୍ଷା ବହୁତ ଭଲ ଦେଇଥିଲେ। ହେଲେ ପରୀକ୍ଷା ବାତିଲ ହେବା ଏବଂ ପୁଣିଥରେ ପରୀକ୍ଷା ଦେବାକୁ ନେଇ ସେ ମାନସିକ ଚାପରେ ଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନାହିଁ। ସ୍ଥାନୀୟ ଷ୍ଟେସନ ବଜାର ପୋଲିସ ଏହି ମାମଲାରେ ଏକ କେସ୍ ରୁଜୁ କରି ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମେ ୩ ତାରିଖରେ ହୋଇଥିବା ନିଟ୍ ପରୀକ୍ଷାକୁ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ ବାତିଲ କରାଯାଇଛି ଏବଂ ଆସନ୍ତା ଜୁନ୍ ୨୧ ତାରିଖରେ ପୁଣିଥରେ ପରୀକ୍ଷା କରିବାକୁ ଜାତୀୟ ପରୀକ୍ଷା ସଂସ୍ଥା (ଏନ୍ଟିଏ) ଦିନ ଧାର୍ଯ୍ୟ କରିଛି।

ନଦୀରେ ବୁଡ଼ି ପରିବାରର ୮ ମୃତ

କାରୱାର,୨୪।୫(ଏଜେନ୍ସି): କର୍ଣ୍ଣାଟକର ଉତ୍ତର କନ୍ନଡ ଜିଲ୍ଲାରେ ଘଟିଥିବା ନଦୀ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। 'ଆଟ୍ଟେ ହାକ୍କାଲୁ' ନଦୀରେ ମାଟିଆ (ଶାମୁକା ଜାତୀୟ ଜୀବ) ସଂଗ୍ରହ କରିବାକୁ ଯାଇଥିବା ସମୟରେ ପ୍ରବଳ ସ୍ରୋତରେ ଭାସିଯାଇ ଗୋଟିଏ ପରିବାରର ୮ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୭ ଜଣ ମହିଳା ଅଛନ୍ତି। ଏହା ସହିତ ଅନ୍ୟ ୨ ଜଣ ଏବେ ବି ନିଖୋଜ ଥିବା ପୋଲିସ ସୂତ୍ରରୁ ପ୍ରକାଶ ପାଇଛି। ଭଟକାଲ ତାଲୁକର ଶିରାଲି ଗାଁର ପ୍ରାୟ ୧୪ ଜଣ ସଦସ୍ୟ ନଦୀକୁ ମାଟିଆ ସଂଗ୍ରହ କରିବାକୁ ଯାଇଥିଲେ। ଉପକୂଳବର୍ତ୍ତୀ ଅଞ୍ଚଳରେ ଏହା ଏକ ପାରମ୍ପରିକ ଋତୁଭିତ୍ତିକ ଜୀବିକା ଅଟେ। ପାଣିର ଗଭୀରତାକୁ ନ ମାପି ସେମାନେ ନଦୀ ଭିତରକୁ ଚାଲିଯାଇଥିଲେ। ଏହି ସମୟରେ ହଠାତ ପାଣିର ସ୍ରୋତ ବଢ଼ିଯିବାରୁ ଦୁଇଜଣ ଭାସିଯାଇଥିଲେ। ସେମାନଙ୍କୁ ବଞ୍ଚାଇବା ପାଇଁ ପରିବାରର ଅନ୍ୟ ସଦସ୍ୟମାନେ ନଦୀକୁ ଡେଇଁ ପଡ଼ିବାରୁ ଏଭଳି ବଡ଼ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଅଞ୍ଚଳରେ ବର୍ଷା ଯୋଗୁଁ ନଦୀର ସ୍ରୋତ ଅଧିକ ଶକ୍ତିଶାଳୀ ହୋଇଯାଇଥିଲା। ବର୍ତ୍ତମାନ ସୁଦ୍ଧା ୮ ଜଣଙ୍କ ଶବ ଉଦ୍ଧାର କରାଯାଇଥିବା ବେଳେ ବାକି ୨ ଜଣଙ୍କୁ ଖୋଜିବା ପାଇଁ ପୋଲିସ, ସ୍ଥାନୀୟ ମତ୍ସ୍ୟଜୀବୀ ଏବଂ ଉଦ୍ଧାରକାରୀ ଦଳ ବ୍ୟାପକ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି।

ଫାଲଟାରେ ଜିତିଲେ ବିଜେପି ପ୍ରାର୍ଥୀ

ଡାଇମଣ୍ଡ ହାର୍ବର,୨୪।୫(ଏଜେନ୍ସି): ପଶ୍ଚିମବଙ୍ଗର ଫାଲଟା ବିଧାନସଭା ଆସନ ପାଇଁ ଅନୁଷ୍ଠିତ ହୋଇଥିବା ପୁନଃ ମତଦାନରେ ଭାରତୀୟ ଜନତା ପାର୍ଟି (ବିଜେପି) ପ୍ରାର୍ଥୀ ଦେବାଂଶୁ ପଣ୍ଡା ବିଜୟ ହାସଲ କରିଛନ୍ତି। ୨୧ ରାଉଣ୍ଡ ଭୋଟ୍ ଗଣତି ଶେଷରେ ଦେବାଂଶୁ ୧,୪୯,୬୬୬ ଭୋଟ୍ ପାଇ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସିପିଆଇ(ଏମ)ର ଶମ୍ଭୁନାଥ କୁର୍ମୀଙ୍କୁ ୧,୦୯,୦୨୧ ଭୋଟ୍ ବ୍ୟବଧାନରେ ପରାଜିତ କରିଛନ୍ତି। ଅନ୍ୟପଟେ ଟିଏମସି ପ୍ରାର୍ଥୀ ଜାହାଙ୍ଗୀର ଖାନ ଏହି ନିର୍ବାଚନରୁ ଓହରିଯିବାକୁ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୯ ରେ ଏହି ଆସନରେ ଅନିୟମିତତା ଓ ଇଭିଏମ ଟାମ୍ପରିଂ ଅଭିଯୋଗ ପରେ ନିର୍ବାଚନ କମିଶନ ମଇ ୨୧ ରେ ସମସ୍ତ ୨୮୫ଟି ବୁଥରେ ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯେଉଁଥିରେ ୮୭ ପ୍ରତିଶତ ଭୋଟ୍ ରେକର୍ଡ କରାଯାଇଥିଲା। ଏହି ଫଳାଫଳ ଉପରେ ପ୍ରତିକ୍ରିୟା ରଖି ଟିଏମସି ନେତା ଅଭିଷେକ ବାନାର୍ଜୀ ନିର୍ବାଚନ କମିଶନଙ୍କ ଗଣତି ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇବା ସହ ସିସିଟିଭି ଅଡିଟ୍ ଦାବି କରିଛନ୍ତି। ୨୦୨୬ ବିଧାନସଭା ନିର୍ବାଚନରେ ବିଜେପି ୨୦୭ଟି ଆସନ ଜିତି ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ପ୍ରଥମ ଥର ପାଇଁ ସରକାର ଗଠନ କରିସାରିଛି।

କେମିକାଲ୍ ଲିକ୍: ବିସ୍ଫୋରଣ ଆଶଙ୍କାରେ ୪୦,୦୦୦ ସ୍ଥାନାନ୍ତରିତ

କାଲିଫର୍ଣ୍ଣିଆ,୨୪।୫(ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆ ସ୍ଥିତ ପ୍ରସିଦ୍ଧ 'ଡିଜ୍ନିଲ୍ୟାଣ୍ଡ' ଥିମ୍ ପାର୍କ ନିକଟରେ ଏକ ଏରୋସ୍ପେସ୍ କାରଖାନାର କେମିକାଲ୍ ଟାଙ୍କି ଅତ୍ୟଧିକ ଗରମ ହୋଇ ବିଷାକ୍ତ ଗ୍ୟାସ୍ ଲିକ୍ ହେବା ପରେ ସେଠାରେ ବ୍ୟାପକ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ଗାର୍ଡେନ୍ ଗ୍ରୋଭ୍ ଅଞ୍ଚଳରେ ଥିବା ଏହି କାରଖାନାର ଟାଙ୍କିରେ ପ୍ରାୟ ୨୨,୭୦୦ ରୁ ୨୬,୫୦୦ ଲିଟର ପ୍ଲାଷ୍ଟିକ୍ ତିଆରି ରାସାୟନିକ ପଦାର୍ଥ 'ମିଥାଇଲ୍ ମେଥାକ୍ରିଲେଟ୍' ରହିଛି। ଏହା ଯେକୌଣସି ସମୟରେ ବିସ୍ଫୋରଣ ହେବାର ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ଆଖପାଖର ୬ଟି ସହରରୁ ପ୍ରାୟ ୪୦,୦୦୦ ବାସିନ୍ଦାଙ୍କୁ ଜରୁରୀକାଳୀନ ଭାବେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଅଞ୍ଚଳର ଅନେକ ସ୍କୁଲ୍ ବନ୍ଦ କରିଦିଆଯାଇଛି ଏବଂ ଆଶ୍ରୟସ୍ଥଳୀ ମାନ ଖୋଲାଯାଇଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି କେମିକାଲ୍ ଅତ୍ୟନ୍ତ ଜ୍ୱଳନଶୀଳ ଓ ବିଷାକ୍ତ ହୋଇଥିବାରୁ ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା, ଆଖି ପୋଡ଼ିବା ଏବଂ ମୁଣ୍ଡବିନ୍ଧା ଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ।

ଲାଲ୍କିଲ୍ଲା ବିସ୍ଫୋରଣ: 'ଚାଟ୍ଜିପିଟି' ସହାୟତାରେ ବୋମା ପ୍ରସ୍ତୁତି

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ଦିଲ୍ଲୀର ଲାଲ୍କିଲ୍ଲା ଅଞ୍ଚଳରେ ହୋଇଥିବା କାର୍ବୋମା ବିସ୍ଫୋରଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଏକ ଚାଞ୍ଚଲ୍ୟକର ଖୁଲାସା କରିଛି। ବିଶ୍ୱସ୍ତରୀୟ ଆତଙ୍କବାଦୀ ସଂଗଠନ ଅଲ୍-କାଏଦା ସହ ଜଡ଼ିତ ଜଣେ ଅଭିଯୁକ୍ତ 'ଟେରର ଇଞ୍ଜିନିୟରିଂ' ବା ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ବୋମା ତିଆରି ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ଲାଟଫର୍ମ 'ଚାଟ୍ଜିପିଟି' ଏବଂ ୟୁଟ୍ୟୁବ୍ର ଅପବ୍ୟବହାର କରିଥିବା ଜଣାପଡ଼ିଛି। ଗତ ବର୍ଷ ନଭେମ୍ବର ୧୦ ତାରିଖରେ ଦିଲ୍ଲୀରେ ହୋଇଥିବା ଏହି ଭୟାବହ ଗାଡ଼ି ବିସ୍ଫୋରଣରେ ୧୧ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଏନଆଇଏ ଗତ ମେ ୧୪ ତାରିଖରେ କୋର୍ଟରେ ଏକ ୭,୫୦୦ ପୃଷ୍ଠାର ସ୍ପେଶାଲ ଚାର୍ଜସିଟ୍ ଦାଖଲ କରିଛି, ଯେଉଁଥିରେ ଆତଙ୍କବାଦୀଙ୍କ ଏହି ଭୟଙ୍କର ବ୍ଲ୍ୟୁ-ପ୍ରିଣ୍ଟ ସାମ୍ନାକୁ ଆସିଛି। ଚାର୍ଜସିଟ୍ ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ଜାସିର ବିଲାଲ ୱାନି 'ରକେଟ୍ କେମିତି ତିଆରି ହୁଏ ଏବଂ ଏଥିରେ କେଉଁ ଅନୁପାତରେ କେମିକାଲ୍ ମିଶ୍ରଣ କରାଯାଏ' ସେନେଇ ଚାଟ୍ଜିପିଟିରେ ସର୍ଚ୍ଚ କରିଥିଲା। ଏହା ସାହାଯ୍ୟରେ ସେମାନେ ରକେଟ୍ ଆଇଇଡି ପ୍ରସ୍ତୁତ କରି ଜମ୍ମୁ-କାଶ୍ମୀରର ଅନନ୍ତନାଗ ଜିଲ୍ଲାର କାଜିଗୁଣ୍ଡ ଏବଂ ଯୋସମର୍ଗ ଜଙ୍ଗଲରେ ପରୀକ୍ଷଣ ମଧ୍ୟ କରିଥିଲେ। ଏହା ସହିତ ସୁରକ୍ଷା ବାହିନୀ ଉପରେ ଆକ୍ରମଣ ପାଇଁ ବିସ୍ଫୋରକ ବହନକାରୀ ଡ୍ରୋନ୍ ପ୍ରସ୍ତୁତ କରିବାର ଯୋଜନା ମଧ୍ୟ ଥିଲା। ଏହି ସଂଗଠନରେ ହରିୟାଣାର ଅଲ୍ ଫଲାହ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ତିନିଜଣ ଡାକ୍ତର ସାମିଲ ଥିଲେ। ଏହି ଶିକ୍ଷିତ ଏବଂ କଠୋରପନ୍ଥୀ ଡାକ୍ତରମାନେ ବୋମା ତିଆରି ପାଇଁ ଆବଶ୍ୟକ ସାମଗ୍ରୀ ଯଥା ପୋଟାସିୟମ୍ ନାଇଟ୍ରେଟ୍ ଏବଂ ସାର ଯୋଗାଇବା ସହ ଆତଙ୍କବାଦୀ ଇଞ୍ଜିନିୟର ଜାସିରକୁ ସବୁ ପ୍ରକାରର ବୈଷୟିକ ସହାୟତା ଦେଉଥିଲେ। ବିସ୍ଫୋରଣର ଟ୍ରିଗର ମେକାନିଜମ୍ (ବୋମା ଫୁଟାଇବା ପ୍ରକ୍ରିୟା) ପ୍ରସ୍ତୁତ କରିବା ପାଇଁ ଅଭିଯୁକ୍ତ ଜାସିର ନିଜର ଫ୍ଲିପକାର୍ଟ ଆକାଉଣ୍ଟ ମାଧ୍ୟମରେ ସେନ୍ସର, ରିମୋଟ୍ କଣ୍ଟ୍ରୋଲ୍ ରିଲେ-ସ୍ୱିଚ୍ ଏବଂ ସୋଲ୍ଡରିଂ କିଟ୍ ଭଳି ବିଭିନ୍ନ ଇଲେକ୍ଟ୍ରୋନିକ ସାମଗ୍ରୀ ଅର୍ଡର କରିଥିଲା, ଯାହାର ପେମେଣ୍ଟ କ୍ୟାଶ୍-ଅନ୍-ଡେଲିଭରି ମାଧ୍ୟମରେ କରାଯାଇଥିଲା। ଏନଆଇଏ ତଦନ୍ତ ବେଳେ ଜଙ୍ଗଲ ଭିତରୁ ପରୀକ୍ଷଣ କରାଯାଇଥିବା ବୋମାର ଅବଶେଷ ଜବତ କରିଛି। ଏହା ସହିତ ଏକ ନିୟନ୍ତ୍ରିତ ସିମୁଲେସନ ପ୍ରକ୍ରିୟାରେ ଅଭିଯୁକ୍ତ ଜାସିର ବୋମା ନିଷ୍କ୍ରିୟକାରୀ ଦଳ ସମ୍ମୁଖରେ ବଜାରରେ ମିଳୁଥିବା ସାଧାରଣ ସାମଗ୍ରୀରେ କିଭଳି କାର୍ଯ୍ୟକ୍ଷମ ରକେଟ୍ ଆଇଇଡି ତିଆରି କରାଯାଇପାରିବ, ତାହାର ପ୍ରଦର୍ଶନ ମଧ୍ୟ କରି ଦେଖାଇଛି।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-326 ◆MONDAY ◆25 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୨୬ ◆ସୋମବାର ◆୨୫ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ଅଶୋଧିତ ତୈଳ ଆଣିଛି ବଡ଼ ସଙ୍କଟ

ପୁଣି ବଢ଼ିବ ତେଲ ଦର !

■ ନୂଆଦିଲ୍ଲୀ, ୨୪ା୫ (ଏଜେନ୍ସି): ମାତ୍ର ୮ ଦିନ ମଧ୍ୟରେ ତୃତୀୟ ଥର ପାଇଁ ଦେଶରେ ମହଙ୍ଗା ହୋଇଛି ଇନ୍ଧନ ମୂଲ୍ୟ । ଶନିବାର ପେଟ୍ରୋଲ, ଡିଜେଲ ଏବଂ ସିଏନ୍‌ଜି ମୂଲ୍ୟ ପୁଣି ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଦେଇଛି, ଯାହା ସାଧାରଣ ଲୋକଙ୍କ ପାଇଁ ଏକ ବଡ଼ ଆର୍ଥିକ ସଙ୍କଟ ସୃଷ୍ଟି କରିଛି । ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଆଗାମୀ ଦିନରେ ଇନ୍ଧନ ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ । ଆସନ୍ତା ସପ୍ତାହକ ମଧ୍ୟରେ ପେଟ୍ରୋଲ, ଡିଜେଲ, ସିଏନ୍‌ଜି କିମ୍ବା ଏଲ୍‌ପିଜି ମୂଲ୍ୟ ପୁଣି ବୃଦ୍ଧି ପାଇପାରେ । ଏ ନେଇ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ୍) ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇସାରିଛନ୍ତି ।

ଯଦି ବର୍ତ୍ତମାନର ବିଶ୍ୱ ଶକ୍ତି ସଙ୍କଟ ଜାରି ରହେ, ତେବେ ଖୁଚୁରା ଇନ୍ଧନ ମୂଲ୍ୟରେ ଆହୁରି ବୃଦ୍ଧି ଅନିବାର୍ଯ୍ୟ ହୋଇପାରେ । ଏହାର ଅର୍ଥ ହେଉଛି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ । ଏଥିରେ ସେ ଦୁଇରୁ ତିନୋଟି ବିକଳ୍ପ ମଧ୍ୟ ଉଲ୍ଲେଖ କରିଛନ୍ତି । କାରଣ ଅଶୋଧିତ ତୈଳ ବଜାର ନିରନ୍ତର ଅସ୍ଥିର ହେଉଛି । ଇନ୍ଧନ ମୂଲ୍ୟ ବୃଦ୍ଧି ମୁଦ୍ରାସ୍ଫୀତି ରୂପରେ ସାଧାରଣ ଲୋକଙ୍କୁ ପ୍ରଭାବିତ କରିବାରେ ଲାଗିଛି । ବଜାରରେ ପ୍ରାୟ ସବୁ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ପୂର୍ବରୁ ବୃଦ୍ଧି ପାଇସାରିଛି । ଆଗାମୀ ଦିନରେ ଏଥିରେ ଆହୁରି ବୃଦ୍ଧି ହେବାର ସମ୍ଭାବନା ଅଛି । ଇନ୍ଧନ ମୂଲ୍ୟ ବୃଦ୍ଧି ଦ୍ୱାରା କୃଷି, ଖାଦ୍ୟ, ଏଫ୍‌ଏମ୍‌ସିଜି, ଇସ୍ପାତ, ଇ-କମର୍ସ ଏବଂ ପର୍ଯ୍ୟଟନ କ୍ଷେତ୍ର ସର୍ବାଧିକ ପ୍ରଭାବିତ

ପେଟ୍ରୋଲ୍‌ରୁ ସିଏନ୍‌ଜି ଯାଏଁ ଦର ବୃଦ୍ଧି; ଚାପରେ ମଧ୍ୟବିତ୍ତ

ହେବ ବୋଲି ଆଶଙ୍କା କରାଯାଉଛି । କାରଣ ଇନ୍ଧନ ଏବଂ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବା ଦ୍ୱାରା ପରିଚାଳନା ଖର୍ଚ୍ଚ ବୃଦ୍ଧି ପାଇବାର ଆଶା କରାଯାଉଛି । ଏଥିଯୋଗୁ ଅଟୋ ଏବଂ ଟ୍ୟାକ୍ସି ପାଇଁ ଭଡା ମଧ୍ୟ ବୃଦ୍ଧି ପାଇପାରେ । ଘରୋଇ ବଜାରରେ ଇନ୍ଧନ ମୂଲ୍ୟରେ ଏହି ବୃଦ୍ଧିର ମୁଖ୍ୟ କାରଣ ହେଉଛି ମଧ୍ୟପ୍ରାଚ୍ୟ (ପଶ୍ଚିମ ଏସିଆ)ରେ ଚାଲିଥିବା ଉତ୍ତେଜନା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଆକାଶଛୁଆଁ ମୂଲ୍ୟ । ଅନ୍ତର୍ଜାତୀୟ ବଜାରରେ, ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ବର୍ତ୍ତମାନ ପ୍ରତି ବ୍ୟାରେଲ ୧୦୪.୨୪ ଡଲାରରେ ପହଞ୍ଚିଛି, ଯେତେବେଳେ ଆମେରିକାର ପଶ୍ଚିମ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଏ) ଫ୍ୟୁଚର୍ ପ୍ରତି ବ୍ୟାରେଲ ୯୭.୪୬ ଡଲାରରେ ଟ୍ରେଣ୍ଡ କରୁଛି । ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପୂର୍ବରୁ, ଅଶୋଧିତ ତୈଳ ପ୍ରତି ବ୍ୟାରେଲ ୭୦ ରୁ ୭୨ ଡଲାରରେ ଉପଲବ୍ଧ ଥିଲା ।

ଗତ ଦୁଇ ବର୍ଷ ଧରି, ଭାରତ ଏହାର ଆମଦାନୀ ଖର୍ଚ୍ଚ ନିୟନ୍ତ୍ରଣ କରିବା ପାଇଁ ସବସିଡିଯୁକ୍ତ ରୁଷିଆ ଅଶୋଧିତ ତେଲ ଉପରେ ବହୁତ ନିର୍ଭର କରିଥିଲା । କିନ୍ତୁ ବର୍ତ୍ତମାନ ବିଶ୍ୱବ୍ୟାପୀ ଅଶୋଧିତ ତେଲ ମୂଲ୍ୟ ପ୍ରତି ବ୍ୟାରେଲ ୧୦୦ ଡଲାର ଅତିକ୍ରମ କରିସାରିଛି, ତେଣୁ ସରକାରୀ ତେଲ ▶ପୃଷ୍ଠା-୯

୯୦ ବର୍ଷୀୟ ଶାଶୂଙ୍କୁ ପିଠିରେ ବୋହି ୯ କିମି ଚାଲିଲେ ବୋହୂ

ଭତ୍ତା ପାଇଁ ସଂଘର୍ଷ

■ ଅମ୍ବିକାପୁର, ୨୪ା୫ (ଏଜେନ୍ସି): ଛତିଶଗଡ଼ର ସୁରଗୁଜା ଜିଲ୍ଲା ମୈନପାଟ ଅଞ୍ଚଳରୁ ଅତି ଯନ୍ତ୍ରଣାଦାୟକ ଭିଡିଓ ସାମ୍ନାକୁ ଆସିଛି, ଯାହା ସରକାରୀ ବ୍ୟବସ୍ଥାର ଅସଲ ଚିତ୍ରକୁ ପଦାରେ ପକାଇଛି । ଏଠାରେ ଜଣେ ମହିଳା ନିଜର ୯୦ ବର୍ଷର ବୃଦ୍ଧା ଶାଶୂଙ୍କୁ ପିଠିରେ ବୋହି ଜଙ୍ଗଲ ପାହାଡ଼, ପଥରୁରିଆ ରାସ୍ତା ଏବଂ ନାଳ ପାର ହୋଇ ପ୍ରାୟ ୯ କିଲୋମିଟର ଦୂର ବ୍ୟାଙ୍କକୁ ଯାଇଛନ୍ତି । ବୃଦ୍ଧା ଶାଶୂଙ୍କ ସରକାରୀ ଭତ୍ତା ଟଙ୍କା ଆଣିବା ପାଇଁ ବୋହୂଙ୍କୁ ଏଭଳି କଷ୍ଟକର ଯାତ୍ରା କରିବାକୁ ପଡ଼ିଛି । ବ୍ୟାଙ୍କ ନିୟମ ଅନୁଯାୟୀ, ଭତ୍ତା ଟଙ୍କା ପାଇବା ପାଇଁ ହିତାଧିକାରୀଙ୍କୁ ନିଜେ ବ୍ୟାଙ୍କରେ ଉପସ୍ଥିତ ରହି ବାୟୋମେଟ୍ରିକ ଯାଞ୍ଚ ବାଧ୍ୟତାମୂଳକ । ଶାଶୂ ଚାଲିବାକୁ ଅକ୍ଷମ ହୋଇଥିଲେ ମଧ୍ୟ ବୋହୂ ତାଙ୍କୁ ପିଠିରେ ବୋହି ନେବାକୁ ବାଧ୍ୟ ହୋଇଥିଲେ । ଏହି ଆଦିବାସୀ ବହୁଳ ଜଙ୍ଗଲ ଅଞ୍ଚଳରେ କୌଣସି ଗାଡ଼ିମୋଟରର ସୁବିଧା ନାହିଁ । ମହିଳା ଜଣକ କହିଛନ୍ତି ଯେ ସେମାନଙ୍କୁ ମାସିକ ପ୍ରାୟ ୧୫୦୦ ଟଙ୍କା ଭତ୍ତା ମିଳେ ଏବଂ ଏହି ଟଙ୍କା ▶ପୃଷ୍ଠା-୯

ଟ୍ରମ୍ପଙ୍କୁ ଧମକ ଦେଲା ଇରାନ

କଠୋର ସର୍ତ୍ତ ରଖିଲେ ଆଲୋଚନାରୁ ଓହରିଯିବୁ

■ ତେହେରାନ/ୱାସିଂଟନ, ୨୪ା୫ (ଏଜେନ୍ସି): ଆମେରିକା ସର୍ତ୍ତକୁ ଇରାନ ଗ୍ରହଣ କରିନେଇଛି । ଏହାର ସମୃଦ୍ଧ ୟୁରାନିୟମ ହସ୍ତାନ୍ତର କରିବାକୁ ଇରାନ ମଧ୍ୟସ୍ଥିଙ୍କୁ ଜଣାଇଛି । ତେଣୁ ଯେକୌଣସି ମୁହୂର୍ତ୍ତରେ ଶାନ୍ତି ବୁଝାମଣା ହୋଇପାରେ । ଆଜି ଦିନସାରା ଆମେରିକାରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏଭଳି ସୂଚନା ଦିଆଯାଉଥିଲା । ନିଜେ ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟ ସାମାଜିକ ଗଣମାଧ୍ୟରେ ଅନୁରୂପ କଥା କହିଥିଲେ । ଏହାକୁ ନେଇ ବିଶ୍ୱବାସୀ ଆଶ୍ୱସ୍ତ ଅନୁଭବ କରିବାକୁ ଲାଗିଥିଲେ । କିନ୍ତୁ ସନ୍ଧ୍ୟା ବେଳେ ଇରାନ ଏଭଳି କୌଣସି ବୁଝାମଣା ଖବରକୁ ଖଣ୍ଡନ କରିଛି । ଇରାନ ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଛି ଯେ ଏହା ସମୃଦ୍ଧ ୟୁରାନିୟମ୍ ତ୍ୟାଗ କରିବାର ପ୍ରଶ୍ନ ଉଠୁନାହିଁ । ଟ୍ରମ୍ପ ପ୍ରଶାସନ ଏଭଳି କଠୋର ସର୍ତ୍ତ ରଖିଲେ ଶାନ୍ତି ଆଲୋଚନାରୁ ଓହରିଯିବ ବୋଲି ଇରାନ ଧମକ ଦେଇଛି । ଏହାସହିତ ଟ୍ରମ୍ପଙ୍କୁ ଚେତାବନୀ ଦେଇଛି ଯେ ଇରାନ ଉପରେ ପୁଣି ଆକ୍ରମଣ ହେଲେ ଏହାର ମୁହଁତୋଡ଼ ଜବାବ ଦିଆଯିବ ।

ଇରାନର ଏଭଳି ଧମକ ସଂପର୍କରେ ଆମେରିକାର କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ । ତେବେ ହ୍ୱାଇଟ୍ ହାଉସର ଜଣେ ଅଧିକାରୀ କହିଛନ୍ତି ଯେ ଶାନ୍ତି ରାଜିନାମା ପାଇଁ ଆମେରିକା ତରବର ହେଉନାହିଁ । ଆଲୋଚନା ଚାଲିଛି ଏବଂ ରାଷ୍ଟ୍ରପତି ଟ୍ରମ୍ପ ଅପେକ୍ଷା କରିବାକୁ ପ୍ରସ୍ତୁତ ଅଛନ୍ତି ।

ସୂଚନାଯୋଗ୍ୟ ଯେ ଆଜି ଦିନସାରା ଟ୍ରମ୍ପ ପ୍ରଶାସନର ଏକାଧିକ ଅଧିକାରୀ କହିଥିଲେ ଯେ ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷର ଅନ୍ତ ଘଟାଇବା ପାଇଁ ଆମେରିକା ଏବଂ ଇରାନ ମଧ୍ୟରେ ଏକ ବଡ଼ ଧରଣର ସହମତି ପ୍ରକାଶ ପାଇଛି । ଏକ ବ୍ୟାପକ ଶାନ୍ତି ଚୁକ୍ତିର ଅଂଶବିଶେଷ ସ୍ୱରୂପ ଇରାନ ନିଜ ପାଖରେ ଥିବା ଅତ୍ୟଧିକ ସମୃଦ୍ଧ ▶ପୃଷ୍ଠା-୯

ଆହୁରି ୪ ଦିନ ତାତି ଓ ଗୁଳୁଗୁଳି

ମୌସୁମୀ ଆସିବା ଯାଏଁ ଦହଗଞ୍ଜ

ପୁଣି ୬ ସହରରେ ତାପମାତ୍ରା ୪୫ ଡିଗ୍ରୀ ପାର୍

ଉପକୂଳରେ ସକାଳ ୯ ରୁ ଅସହ୍ୟ ହେଉଛି ଗୁଳୁଗୁଳି

■ ଭୁବନେଶ୍ୱର, ୨୪ା୫ (ସମିସ): ରାଜ୍ୟରେ ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିଛି । ଆଭ୍ୟନ୍ତରୀଣରେ ଭୀଷଣ ତାତି ସାଙ୍ଗକୁ ଉପକୂଳରେ ପ୍ରବଳ ଗୁଳୁଗୁଳି ଲୋକଙ୍କୁ କଲବଲ କରୁଛି । ରବିବାର ମଧ୍ୟ ସମାନ ସ୍ଥିତି ସହ ଆଜି ମୋଟ୍ ୨୦ ସହରରେ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ ହୋଇଛି । ଏହାସହିତ ଆଭ୍ୟନ୍ତରୀଣ ଓଡ଼ିଶାର ୬ ଟି ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିଛି । ଏହି ସହରଗୁଡ଼ିକ ମଧ୍ୟରେ ଟିଟିଲାଗଡ଼ରେ ସର୍ବାଧିକ ୪୫.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବୌଦ୍ଧରେ ୪୫.୬, ଭବାନୀପାଟଣାରେ ୪୫.୪, ସମ୍ବଲପୁର ୪୫.୩, ସୋନପୁର ୪୫.୨, ବଲାଙ୍ଗିରରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ ହୋଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଜାରି ରହିଥିବା ଏହି ସ୍ଥିତି ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି । ଏହି ସମୟରେ ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି ହେବା ▶ପୃଷ୍ଠା-୯

ରାଜ୍ୟରୁ ଲୁଟ୍ ହୋଇଛି ୬୫୦ ଅସ୍ତ୍ରଶସ୍ତ୍ର

ମିଳିନି ୨୩୦ଟି ଅସ୍ତ୍ରଶସ୍ତ୍ରର ସନ୍ଧାନ

ଫେରିବ ମାଓବାଦୀ ଲୁଟିଥିବା ଅସ୍ତ୍ର

୭ ରାଜ୍ୟର ଡିଜିଙ୍କୁ ଚିଠି ଲେଖିଲା ଓଡ଼ିଶା ଏସ୍‌ଆଇଡବ୍ଲୁ

■ ଭୁବନେଶ୍ୱର, ୨୪ା୫ (ସମିସ): ଓଡ଼ିଶା ସମେତ ପୂରା ଭାରତବର୍ଷ ଏବେ ମାଓବାଦୀଙ୍କ କବଳରୁ ମୁକ୍ତ ହୋଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗତ ମାର୍ଚ୍ଚରେ ଦେଶକୁ ମାଓମୁକ୍ତ ଘୋଷଣା କରିଛନ୍ତି । ମାଓବାଦୀମାନେ ଆତ୍ମସମର୍ପଣ କରିବା ପରେ ସେମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ଅସ୍ତ୍ରଶସ୍ତ୍ର ଜବତ ହେବା ପରେ ରାଜ୍ୟରୁ ମାଓବାଦୀଙ୍କ ଦ୍ୱାରା ଲୁଟ୍ ହୋଇଥିବା ଅସ୍ତ୍ରଶସ୍ତ୍ର ଫେରାଇ ଆଣିବାକୁ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ(ଏସ୍‌ଆଇଡବ୍ଲୁ) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଲୁଟ୍ ହୋଇଥିବା ଅସ୍ତ୍ରଶସ୍ତ୍ରକୁ କେଉଁଠି ରହିଛି, ତାହାର ସନ୍ଧାନ କରାଯାଉଛି ଓ ପରେ ସଂପୃକ୍ତ ରାଜ୍ୟର ପୁଲିସ ମୁଖ୍ୟଙ୍କୁ ଚିଠି ଲେଖାଯାଉଛି । ଏହା ଭିତରେ ବିଏସ୍‌ଏଫ୍, ସିଆରପିଏଫ୍ ସମେତ ୭ ରାଜ୍ୟର ପୁଲିସ ଡିଜିଙ୍କୁ ଚିଠି ଲେଖିଛି ଏସ୍‌ଆଇଡବ୍ଲୁ ।

ସୂଚନା ଅନୁସାରେ, ୧୯୯୨ ମସିହାରେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ▶ପୃଷ୍ଠା-୯

ଟ୍ରାଇମେଟ୍ରୋ ଓ ଆନାଡ୍ରୋନ୍ ସିଷ୍ଟମ୍ସ ବୁଲିଲେ ମୁଖ୍ୟମନ୍ତ୍ରୀ

ମହିଳା କର୍ମଜୀବୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ

ଇଭି ବସ୍ ଓ ଅତ୍ୟାଧୁନିକ ହଷ୍ଟେଲ ଘୋଷଣା

ରାଜ୍ୟରେ ସୃଷ୍ଟି ହେବ ବ୍ୟାପକ ନିଯୁକ୍ତି ସୁଯୋଗ

■ ଭୁବନେଶ୍ୱର, ୨୪ା୫ (ସମିସ): "ଓଡ଼ିଶାରେ ଶିଳ୍ପାୟନର ପ୍ରସାର, ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ଏବଂ ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ।" ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲାର ଦୁଇଟି ପ୍ରମୁଖ ଶିଳ୍ପସଂସ୍ଥା ପରିଦର୍ଶନ ଅବସରରେ ଏପରି ମତ ରଖିଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରଥମେ କାଳୀବେଟିସ୍ଥିତ ଏପିକ୍ ଗ୍ରୁପ୍‌ର ଅତ୍ୟାଧୁନିକ ବସ୍ତ୍ର ଉତ୍ପାଦନ କାରଖାନା 'ଟ୍ରାଇମେଟ୍ରୋ ଗାର୍ମେଣ୍ଟସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍' ଏବଂ ପରବର୍ତ୍ତୀ ସମୟରେ ମୁଣ୍ଡାଆମ୍ବସ୍ଥିତ ପ୍ରତିରକ୍ଷା ଓ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଅଗ୍ରଣୀ ସଂସ୍ଥା 'ଆନାଡ୍ରୋନ୍ ସିଷ୍ଟମ୍ସ' ପରିସର ପରିଦର୍ଶନ କରିବା ସହ ସେଠାରେ କାର୍ଯ୍ୟରତ ଟିମ୍ ଓ କର୍ମଚାରୀମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି । କର୍ମଚାରୀମାନଙ୍କ ସହ କଥା ହୋଇ ମୁଖ୍ୟମନ୍ତ୍ରୀ ଶିଳ୍ପାଞ୍ଚଳରେ ଶ୍ରମିକ ତଥା କର୍ମଚାରୀମାନଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ସୁଯୋଗର ବିକାଶ ଉପରେ ସବିଶେଷ ଗୁରୁତ୍ୱାରୋପ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ପରିଚାଳନା କର୍ତ୍ତୃପକ୍ଷଙ୍କୁ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ସହ ସ୍ଥାନୀୟ ନିଯୁକ୍ତିକୁ ସର୍ବାଧିକ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ । ବିଶେଷକରି କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ▶ପୃଷ୍ଠା-୯

ଝାଡ଼ାବାନ୍ତିରେ ୨ ମୃତ, ୫ ଆକ୍ରାନ୍ତ

■ ଝାରସୁଗୁଡ଼ା, ୨୪ା୫ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ଅତାବିରା ପଞ୍ଚାୟତ ସୁନାଖାଏନ ଗାଁରେ ଝାଡ଼ାବାନ୍ତି ଆତଙ୍କ ଦେଖାଦେଇଛି । ଝାଡ଼ାବାନ୍ତିରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଆକ୍ରାନ୍ତ ହୋଇଛନ୍ତି । ମୃତକମାନେ ହେଲେ, ଗାଁର ଉଲ୍ଲାସ ଖଡିଆ ଓ ସୁକାନ୍ତି ଖଡିଆ । ୫ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ଚିକିତ୍ସା ପରେ ଜଣେ ସୁସ୍ଥ ହୋଇଥିବା ବେଳେ ୪ ଜଣ ଚିକିତ୍ସାଧୀନ ରହିଛନ୍ତି । ଆକ୍ରାନ୍ତମାନେ ହେଲେ, ଫକିର ଖଡ଼ିଆ, ମଞ୍ଜରୀ ଖଡ଼ିଆ, ଏଞ୍ଜେଲିନା ଖଡ଼ିଆ, ରଶ୍ମି ଖଡ଼ିଆ ।

ଗତ ଗୁରୁବାର ସୁନାଖାଏନ ଗାଁର ପ୍ରାୟ ୨୫ଜଣ ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ୍ ନୂଆଁଡିହି ଗାଁକୁ ଏକ ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଯାଇଥିଲେ । ସେଠାରେ ଭୋଜି ଖାଇ ଘରକୁ ଫେରିଲା ପରେ ପ୍ରଥମେ ୭ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ସେମାନଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଉଲ୍ଲାସ ଓ ସୁକାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବୁର୍ଲା ଭୀମସାର୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ, ସେଠାରେ ଆଇସିୟୁ ବେଡ୍ ନ ମିଳିବାରୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ବେଳେ ରାସ୍ତାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା ।

ଅନ୍ୟପକ୍ଷରେ, ଡାକ୍ତରୀ ଦଳ ସୁନାଖାଏନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଝାଡ଼ାବାନ୍ତିରେ ଆକ୍ରାନ୍ତ ଥିବା ଲୋକଙ୍କ ଖାଦ୍ୟ ପାଣି ଆଦିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିବା ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏସ୍‌ଏସ୍ ସେଟ୍ କହିଛନ୍ତି ।

ସକାଳ
THE SAKALA

ସମ୍ପାଦକୀୟ

କଷ୍ଟକର କାମ କରିବା ପାଇଁ ମୁଁ ଅଳସୁଆ ବ୍ୟକ୍ତିମାନଙ୍କୁ ପସନ୍ଦ କରେ; କାରଣ ସେମାନେ କଷ୍ଟ କାମଟି କରିବା ପାଇଁ ସହଜ ଉପାୟଟିଏ ବାହାର କରନ୍ତି।
-ବିଲ୍ ଗେଟ୍ସ

ଅଦୂରଦର୍ଶିତାର ପରିଣାମ

ଓଡ଼ିଶାର ବିଭିନ୍ନ ସହରର ତାପମାତ୍ରା ବଢ଼ିବା ସହିତ ଅଂଶୁଘାତ ଜନିତ ମୃତ୍ୟୁ ଖବର ଆସିବାରେ ଲାଗିଛି। ଏହି ଆଲେଖ୍ୟ ଲେଖା ହେବା ବେଳକୁ ଓଡ଼ିଶାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ସରକାରୀ ଭାବେ ୩ ଦର୍ଶାଯାଇଥିଲେ ମଧ ତାହା ୧୬ ବୋଲି ଅନ୍ୟସୂତ୍ରରୁ ଦାବି କରାଯାଇଛି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ସହିତ ଦୂରଦୃଷ୍ଟିହୀନ ବିକାଶ ଯୋଜନା ଏବଂ ସର୍ବୋପରି ଜନସାଧାରଣଙ୍କ ଅପରିଣାମଦର୍ଶୀ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ବିଶେଷକରି ଓଡ଼ିଶା ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟରେ ଏହି ସମସ୍ୟା ଅଧିକ ଗମ୍ଭୀର।

ଗତ ସରକାର ଅମଳରେ ଏ ଦିଗରେ ବହୁ ଉଦାହରଣୀୟ ପ୍ରଭାବୀ ପଦକ୍ଷେପ ନିଆଯାଇଥିଲେ ହେଁ କେନ୍ଦ୍ର ସରକାରଙ୍କ ଉପେକ୍ଷା କାରଣରୁ ଦୀର୍ଘମିଆଦୀ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ଭବ ହୋଇପାରୁନାହିଁ। ଅଂଶୁଘାତ, ବନ୍ୟା, ବାତ୍ୟା ଆଦିକୁ କେବଳ ପ୍ରାକୃତିକ ବିପର୍ଯ୍ୟୟ ଓ ଦୈବୀ ଦୁର୍ବିପାକ କହି ସରକାର ନିଜ ଦାୟିତ୍ୱରୁ ଓହରି ପାରିବେ ନାହିଁ। ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ପାଇଁ ଶିଳ୍ପାୟନ ଓ ସହରୀକରଣ ଅପରିହାର୍ଯ୍ୟ ହେଲେ ମଧ ଏହାର ସୁଦୂରପ୍ରସାରୀ କୁପ୍ରଭାବକୁ ଯଥାସମ୍ଭବ ନିୟନ୍ତ୍ରଣ କରିବା ପାଇଁ ଯେଭଳି କେନ୍ଦ୍ରୀୟ ସରକାରୀ ତତ୍ପରତା ପ୍ରକାଶ ପାଇବା କଥା ତାହା ହେଉନାହିଁ।

ଏଥିପାଇଁ ଅତୀତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସରକାରଙ୍କୁ ସଚେତନ କରିଛନ୍ତି। ଜଳବାୟୁ ପରିବର୍ତ୍ତନର ପରିଣତି ବିଷୟରେ ସଚେତନ ଥାଇ ମଧ ତାହାର ନିରାକରଣ ଦିଗରେ ଆଗ୍ରହହୀନତା ଏବଂ ଯୋଜନା-ରୂପାୟନ ମଧ୍ୟରେ ବଢୁଥିବା ଦୂରତ୍ୱ ଆଗାମୀ ଦିନରେ ଅଂଶୁଘାତ ଭଳି ସମସ୍ୟାକୁ ଆହୁରି ଉତ୍କଟ କରିବ ବୋଲି ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି। ତେଣୁ ଏ ଦିଗରେ ବେଳ ହୁଁ ପଦକ୍ଷେପ ନେବା କେବଳ ଆବଶ୍ୟକତା ନୁହେଁ, ଅପରିହାର୍ଯ୍ୟତା ମଧ। ୨୦୨୪ ଜୁଲାଇରେ, ଲୋକସଭାରେ କେନ୍ଦ୍ର ବିଜ୍ଞାନ, ବୈଷୟିକ ଓ ଭୂବିଜ୍ଞାନ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଦେଶର ୨୩ଟି ଅଂଶୁଘାତ ପ୍ରବଣ ଓ ଉତ୍ତାପ ସମ୍ବେଦନଶୀଳ ସହରରେ କେନ୍ଦ୍ର ସରକାର ଦୀର୍ଘମିଆଦୀ ଯୋଜନା ସମ୍ପୃକ୍ତ ରାଜ୍ୟ ସରକାରମାନଙ୍କ ସହଯୋଗରେ କାର୍ଯ୍ୟକାରୀ କରାଯାଉଛି। ଏହାସତ୍ତ୍ୱେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି। କିନ୍ତୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ପରିସଂଖ୍ୟାନ କିଛି ଭିନ୍ନ ଦର୍ଶାଉଛି। ଅଂଶୁଘାତ ଜନିତ ଅଘଟଣ ଜନିତ ସରକାରୀ ତଥ୍ୟ ସହିତ କ୍ଷତିପୂରଣ ରାଶି ଜଡ଼ିତ ଥିବାରୁ ସରକାରୀ ପରିସଂଖ୍ୟାନ କମ୍ କରି ପ୍ରକାଶିତ ହେବା ସ୍ୱାଭାବିକ। ଉଦାହରଣ ସ୍ୱରୂପ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ସୂଚନାରେ ୨୦୨୪ରେ ମୋଟ ଅଂଶୁଘାତ ଜନିତ ଜୀବନହାନି ସଂଖ୍ୟା ୧୬୧ ଦର୍ଶାଯାଇଥିବା ବେଳେ 'ହିଟ୍ ୱାଚ୍' ନାମକ ଏକ ବେସରକାରୀ ସଂସ୍ଥାର ତଥ୍ୟ ଅନୁଯାୟୀ ୧୭ଟି ରାଜ୍ୟର ଏହି ସଂଖ୍ୟା ୭୩୩।

କେନ୍ଦ୍ର ସରକାର ବିପର୍ଯ୍ୟୟ ପ୍ରଶମନ(ସଂ) ବିଧେୟକ-୨୦୨୪ ପାରିତ କରିଛନ୍ତି। ଏଥିରେ ଅନ୍ୟାନ୍ୟ କେତେକ ପ୍ରାବଧାନ ସହିତ ସହରାଞ୍ଚଳ ବିପର୍ଯ୍ୟୟ ପ୍ରଶମନ ପାଇଁ ସ୍ୱତନ୍ତ୍ର କର୍ତ୍ତୃପକ୍ଷ ଗଠନ ବ୍ୟବସ୍ଥା ରହିଛି। ଅଂଶୁଘାତ ଜନିତ ବିପର୍ଯ୍ୟୟ ମୁଖ୍ୟତଃ ସହରାଞ୍ଚଳରେ ଅଧିକ ଦେଖାଯାଉଥିବାରୁ ଏଭଳି ସ୍ୱତନ୍ତ୍ର କର୍ତ୍ତୃପକ୍ଷ ଗଠନ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ହେଲେ ମଧ ଏ ଦିଗରେ ଥିବା ମୁଖ୍ୟ ସମସ୍ୟାଟି ହେଉଛି ଉପର ବର୍ଣ୍ଣିତ ଯୋଜନା ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ସମନ୍ୱୟର ଅଭାବ। ବିପର୍ଯ୍ୟୟ ପ୍ରଶମନ ଆଇନ ୨୦୦୫ ସ୍ଥାନରେ ପ୍ରଣୀତ ହୋଇଥିବା ଏହି ନୂଆ ଆଇନରେ ପାଣ୍ଠି ପରିଚାଳନା ଓ କ୍ଷତିପୂରଣ ଭଳି କେତେକ ସମ୍ବେଦନଶୀଳ ପ୍ରସଙ୍ଗର କେନ୍ଦ୍ରୀକରଣ ହୋଇଥିବା ଅଭିଯୋଗ ଦୃଷ୍ଟିରୁ ଏହି ଆଇନ ବାସ୍ତବ ସମସ୍ୟା ସମାଧାନରେ କେତେ ସହାୟକ ହେବ ତାହା ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆହୁରି ମଧ ନୂଆ ଆଇନରେ ବିପର୍ଯ୍ୟୟ ସୂଚନାକୁ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଆଧାରିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ମୂଳ ସମସ୍ୟା ହେଲା ସୂଚନା ଦେବାରେ କର୍ତ୍ତୃପକ୍ଷ ଅବହେଳା କରୁ ନ ଥିବା ବେଳେ ଏହାର ନିରାକରଣ ବା ପ୍ରଶମନ ଦିଗଟି ଶୂନ୍ୟ ରହିଯାଉଛି।

ପ୍ରତି ଗ୍ରୀଷ୍ମ ଋତୁରେ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅତି ଆବଶ୍ୟକ ନ ପଡ଼ିଲେ ବାହାରକୁ ନ ବାହାରିବା ପାଇଁ ସରକାରଙ୍କ ପକ୍ଷରୁ ବାରଣ କରାଯାଉଛି। ଏହି ସମୟରେ ଶ୍ରମିକମାନଙ୍କୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ମଧ ଚେତାବନୀ ଦିଆଯାଉଛି। ଦୃଢ଼ ଆଇନ୍ କାନୁନର ଅଭାବରୁ ଏହି କଟକଣାକୁ ଠିକାଦାରମାନେ ମାନୁ ନାହାନ୍ତି। ଏପରିକି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ସରକାରୀ ବାବୁମାନଙ୍କ ଆଖି ସାମ୍ନାରେ ଏହି କଟକଣାର ଉଲ୍ଲଙ୍ଘନ ହେଉଥିବା ଦେଖାଯାଉଛି। ତେଣୁ ଅଂଶୁଘାତ ଜନିତ ମୃତ୍ୟୁ ଓ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ। ଏ ଦିଗରେ କଟକଣା ଆହୁରି କଡ଼ା ହେବା ସହିତ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ ବ୍ୟବସ୍ଥା ଆଇନରେ ନାହିଁ।

ସର୍ବୋପରି ଆତ୍ମସଚେତନ ଓ ଆତ୍ମନିୟନ୍ତ୍ରିତ ଜୀବନଶୈଳୀ ହିଁ ଏଭଳି ସମସ୍ୟାରୁ ନିଜକୁ, ସମାଜକୁ ଓ ପ୍ରକୃତିକୁ ଧ୍ୱଂସମୁଖରୁ ରକ୍ଷା କରିପାରିବ। ବିଡ଼ମ୍ବନା ଯେ ନୀତି ନିର୍ଦ୍ଧାରଣ କରୁଥିବା ଏବଂ ଏହାର ରୂପାୟନ ଦାୟିତ୍ୱରେ ଥିବା ସମ୍ପୃକ୍ତ ଅଂଶୀଦାରମାନେ ହିଁ ଅନୁପାଳନ କରିବାରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଆଗାମୀ ଦିନରେ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜନିତ ଦୁର୍ବିପାକ ଗୁରୁତର ହେବାକୁ ଯାଉଛି। ଏହି ବୈଶ୍ୱିକ ସମସ୍ୟାର ମୁକାବିଲା ପାଇଁ ଭାରତ ସେଭଳି ପ୍ରସ୍ତୁତ ହୋଇଥିବା ହୃଦବୋଧ ହେଉନାହିଁ। ଏଭଳି ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ସବୁସ୍ତରରେ ପ୍ରସ୍ତୁତି ତ୍ୱରାନ୍ୱିତ ହେବା ଆବଶ୍ୟକ।

ଗାଡ଼ି ଅଭ୍ୟାସର ସଂସ୍କୃତି

ଡକ୍ଟର ଅବଶ ପରିଡ଼ା

ଇନ୍ଧନ ସଂରକ୍ଷଣ ପାଇଁ ଏବେ ବିଶ୍ୱବ୍ୟାପୀ 'ରେଡ ଟେପ' ଘୋଷଣା ହୋଇଛି। ମୁଖ୍ୟତଃ ପେଟ୍ରୋଲ ଓ ଡିଜେଲର ସଙ୍କଟ ପାଖେଇ ଆସୁଛି ବୋଲି ଅନେକ ଖବର ଆସୁଛି। ଏହି ପରିପ୍ରେକ୍ଷୀରେ କିଛିଦିନ ତଳେ ପ୍ରଧାନମନ୍ତ୍ରୀ ଇନ୍ଧନ ସଞ୍ଚୟ ପାଇଁ ଆହ୍ୱାନ କରିବା ପରେ ଓଡ଼ିଶା ସମେତ ଅନେକ ରାଜ୍ୟ ସରକାର ଅଯଥା ଯାତ୍ରା ହ୍ରାସ କରିବା, ଇନ୍ଧନ ବ୍ୟବହାର କମ୍ କରିବା ଏବଂ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ଆପଣେଇବା ଭଳି କିଛି ପରାମର୍ଶ ଜାରି କରିଛନ୍ତି। କିନ୍ତୁ ଏପରି ଆବେଦନ ଓ ପରାମର୍ଶ ଅନେକଙ୍କୁ ସାମାଜିକ ଅବାସ୍ତବତା ଭଳି ଲାଗୁଛି ବା ଲାଗୁଥାଇପାରେ। କମ୍ ଦୂରତା ପାଇଁ ମଧ ଆମେମାନେ ମୋଟରସାଇକେଲ, ସ୍କୁଟର ଓ କାର ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇଯାଇଛୁ। ଏହାର ମୁଖ୍ୟ କାରଣ ଯାନବାହନର ଅତ୍ୟଧିକ ବ୍ୟବହାର ଆଉ କେବଳ ଏକ ବ୍ୟାବହାରିକ ଆବଶ୍ୟକତା ନୁହେଁ, ବରଂ ଆଧୁନିକ ଜୀବନଶୈଳୀ, ସୁବିଧା, ଆରାମ, ସହରାଞ୍ଚଳ ସଂସ୍କୃତି ଏବଂ ବ୍ୟକ୍ତିର ସାମାଜିକ ସ୍ଥିତି, ପ୍ରତିଷ୍ଠା ଓ ଚେତନା ସହିତ ଜଡ଼ିତ ହୋଇସାରିଛି। ସରଳରେ ଏହା ହେଉଛି ଏକ ସାଧାରଣ ସାମାଜିକ ଅଭ୍ୟାସ।

ଦ୍ୱିତୀୟ ଶ୍ରେଣୀ ଭାରତୀୟ ସହରକୁ ନେଇ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଇନ୍ଧନ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଲୋକମାନେ ଯାନବାହନ ବ୍ୟବହାରରେ ଆଂଶିକ ହ୍ରାସ କରିଛନ୍ତି। ସେହିପରି କିଛିବର୍ଷ ତଳର ଅନୁସନ୍ଧାନ କୁହେ ଯେ ଭଲ ଆୟ, ଏକାଧିକ ଯାନବାହନ ଏବଂ ଅଧିକ ସାମାଜିକ ବିଶ୍ୱାସ ଥିବା ଲୋକମାନେ ସାର୍ବଜନୀନ ପରିବହନକୁ ଏଡ଼ାଇବାର ସମ୍ଭାବନା ଅଧିକ ଥାଏ। ଏହାସହିତ ସେହି ଶ୍ରେଣୀର ବ୍ୟକ୍ତିବିଶେଷ ବ୍ୟକ୍ତିଗତ ଯାନର ଅଦରକାରୀ ବ୍ୟବହାର କରିବାକୁ ପସନ୍ଦ କରନ୍ତି। ଅନ୍ୟପଟେ ଏହାର ବିପରୀତ ଏକ ରିପୋର୍ଟ କୁହେ ଯେ ଅପର୍ଯ୍ୟାପ୍ତ ସାର୍ବଜନୀନ ପରିବହନ, ସୁରକ୍ଷା ଚିନ୍ତା ଓ ଦୁର୍ବଳ ସଂଯୋଗୀକରଣ ନାଗରିକମାନଙ୍କୁ ବ୍ୟକ୍ତିଗତ ଯାନବାହନ ଆଡ଼କୁ ଆକର୍ଷିତ କରୁଛି। ସେ ଯାହା ବି ହେଉ ଉଭୟ ଚାଲି କରି ଯିବା କିମ୍ବା ସାର୍ବଜନୀନ ପରିବହନକୁ ପ୍ରାୟତଃ ଅସୁବିଧାଜନକ ଓ ସାମାଜିକ ଭାବରେ କମ୍ ମୂଲ୍ୟବାନ ଭାବେ ଦେଖାଯାଏ। ଫଳସ୍ୱରୂପ, ଇନ୍ଧନ ଅଧିକ ବ୍ୟବହାର ଏକ ସରଳ ଆର୍ଥିକ କାର୍ଯ୍ୟକଳାପ ନୁହେଁ, ବରଂ ଉପଭୋକ୍ତାବାଦ, ସହରୀକରଣ ଓ ଆଧୁନିକ ଆକାଂକ୍ଷା ଦ୍ୱାରା ଆକୃତି ପ୍ରାପ୍ତ ଏକ ସାଂସ୍କୃତିକ ଅଭ୍ୟାସରେ ପରିଣତ ହୋଇଛି। ତେଣୁ ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ ଯେ ଜନସାଧାରଣଙ୍କ ଉପରେ ଇନ୍ଧନ ସଞ୍ଚୟ ପରାମର୍ଶଗୁଡ଼ିକର ସୀମିତ ପ୍ରଭାବ ପଡ଼ିପାରେ। ପ୍ରଶ୍ନ ଆସିପାରେ, ବ୍ୟକ୍ତିଗତ ଯାନବାହନର ଅତ୍ୟଧିକ ନିର୍ଭରଶୀଳତାକୁ କେବଳ ଅଭ୍ୟାସ ନା ଅନ୍ୟ କେଉଁ ସବୁ ଉପାଦାନ ପ୍ରୋତ୍ସାହିତ କରୁଛି? ଏହାର ଆଚରଣଗତ ଓ ଗଠନମୂଳକ କାରଣଗୁଡ଼ିକୁ ଆଲୋଚନା ଓ ସମାଧାନ କରିବାର ଆବଶ୍ୟକତା ଅଛି କି? ଏହି ଦୁଇଟି ବିଷୟବସ୍ତୁକୁ ନେଇ ଆଜିର ଆଲୋଚନା।

ଆମ ଆଧୁନିକ ସହରାଞ୍ଚଳରେ ନିକଟସ୍ଥ ଚା' ଦୋକାନକୁ ଚାଲିକିଯିବା ସତେଯେମିତି ଯୁକ୍ତିହୀନ ଲାଗେ ଏବଂ ଦୁଇଶହ ମିଟର ପାଇଁ ମଧ ଗାଡ଼ିଟିଏ ବ୍ୟବହାର କରିବା ସାମାଜିକ ଭାବରେ ସ୍ୱାଭାବିକ ମନେହୁଏ। ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ, କ୍ଷୁଦ୍ରତମ ଦୈନନ୍ଦିନ କାର୍ଯ୍ୟକଳାପ ପାଇଁ ଯାନବାହନ ଉପରେ ବଢୁଥିବା ନିର୍ଭରଶୀଳତା ହେଉଛି ଏକ 'ଅଭ୍ୟାସଗତ ଉପଭୋକ୍ତାବାଦ'(ହାବିଚୁଆଲ୍ କଞ୍ଜ୍ୟୁମରିଜିମ୍)। ଏହାର ସରଳ ଅର୍ଥ ହେଉଛି ଉପଭୋକ୍ତା-ଭିତ୍ତିକ ଆଚରଣକୁ ସମାଜ ସମୟକ୍ରମେ ସାଧାରଣ ଏବଂ ପ୍ରଶ୍ନହୀନ କରିଦିଏ। ଏହାକୁ 'ହେବିଟସ' ଧାରଣା ମାଧ୍ୟମରେ ବ୍ୟାଖ୍ୟା କରାଯାଇଛି। ସମାଜବିଜ୍ଞାନ ଭାଷାରେ ଏହା ହେଉଛି ଶକ୍ତ ରୂପରେ ସ୍ଥାପିତ ଏକ ବ୍ୟାବହାରିକ ଅଭ୍ୟାସ। ଅନେକ ସମୟରେ ଏହାକୁ ଦକ୍ଷତା, ସ୍ୱଭାବ ଓ ଚିନ୍ତା କରିବାର ଉପାୟ ବୋଲି ମଧ କୁହାଯାଏ। ଏହି ସବୁ ଉପାଦାନର ଉତ୍ସ ହେଉଛି ବ୍ୟକ୍ତିର ସାମାଜିକୀକରଣ ଓ ଅଭିଜ୍ଞତା।

ଆମେ ଜାଣୁ ଯେ ସାମାଜିକ ପରିବେଶ, ସାମାଜିକ ଶ୍ରେଣୀ ଓ ସଂସ୍କୃତି ଦ୍ୱାରା ଆମ ଅଭ୍ୟାସ, ଜୀବନଶୈଳୀ ଓ ପସନ୍ଦଗୁଡ଼ିକ ଆକୃତିପ୍ରାପ୍ତ ହୋଇଥାଏ। ଆର୍ଥିକ କିମ୍ବା ପରିବେଶଗତ ଭାବରେ ଅଯୌକ୍ତିକ ଲାଗିଲେ ମଧ ବାରମ୍ବାର ଅନୁସରଣ କରିବା ଦ୍ୱାରା ସେହି ଅଭ୍ୟାସଗୁଡ଼ିକ ତାର୍କିକ ଓ ସାମାଜିକ ଭାବରେ ଗ୍ରହଣୀୟ ହୁଏ। ସମ୍ଭବତଃ ସେଥିପାଇଁ ସମସାମୟିକ ସହରାଞ୍ଚଳରେ, ଅତି କମ ଦୂରତା ପାଇଁ ଗାଡ଼ି ବ୍ୟବହାର କରିବା କ୍ରମଶଃ ଏହି ସାମାଜିକ ଅଭ୍ୟାସର ଏକ ଅଂଶ ହୋଇଗଲାଣି। ଲୋକମାନେ ଆଉ ଚାଲିବା କିମ୍ବା ସାଇକେଲ ଚଲାଇବା ବାସ୍ତବରେ ସମ୍ଭବ କି ନାହିଁ ତାହା ମୂଲ୍ୟାଙ୍କନ କରୁନାହାନ୍ତି। ତେଣୁ ପ୍ରାରମ୍ଭରେ ସୁବିଧା ଭାବରେ ଉଭା ହୋଇଥିବା ମାଧ୍ୟମ ଆମ ପାଇଁ ଏକ ଅଚେତନ ନିର୍ଭରଶୀଳତାରେ ପରିଣତ ହୋଇସାରିଛି।

କେବଳ ଅଭ୍ୟାସ ନୁହେଁ ଏହି ପ୍ରକ୍ରିୟା ସହ ବ୍ୟକ୍ତିର ପ୍ରତୀକାତ୍ମକ ସାମାଜିକ ସ୍ଥିତି ମଧ ଜଡ଼ିତ। ସହରାଞ୍ଚଳ ପରିବେଶରେ ଅନେକ ଭାରତୀୟଙ୍କ ପାଇଁ ବ୍ୟକ୍ତିଗତ ଯାନ ହେଉଛି ଆଧୁନିକତା, ସଫଳତା, ମର୍ଯ୍ୟାଦା ଓ ଉଚ୍ଚ ସାମାଜିକ ଗତିଶୀଳତାର ପ୍ରତିଫଳନ। ଫଳସ୍ୱରୂପ, ଏଥିରୁ ସୃଷ୍ଟି ହୋଇଥିବା ଅଭ୍ୟାସଗୁଡ଼ିକ ଆବଶ୍ୟକତା ପାଇଁ ନୁହେଁ, ବରଂ ପରିଚୟ ଓ କାର୍ଯ୍ୟଦକ୍ଷତା ବିଷୟରେ ଅଧିକ। ଏହାବ୍ୟତୀତ ଉପଭୋକ୍ତା ସଂସ୍କୃତି ଏବେ ନୂତନ ଭୂମିକାରେ ଉଭା ହୋଇଛି। ଆବଶ୍ୟକତା ସହିତ ମାନବ ଆଚରଣକୁ ମଧ ଏହା ପୁନଃଆକୃତି ଦେଉଛି। ଏହାର ଅର୍ଥ ହେଉଛି ଉପଭୋକ୍ତା ସଂସ୍କୃତି ବ୍ୟକ୍ତିବିଶେଷଙ୍କୁ ପ୍ରତିଷ୍ଠାର ଏକ ଚିହ୍ନକ ଭାବରେ ସୁବିଧା ଗ୍ରହଣ କରିବାକୁ ତାଲିମ ଦିଏ। ତେଣୁ ଅତ୍ୟଧିକ ଇନ୍ଧନ ବ୍ୟବହାର କେବଳ ଏକ ବ୍ୟକ୍ତିଗତ ପସନ୍ଦ ନୁହେଁ, ବରଂ ବିଜ୍ଞାପନ, ସହରାଞ୍ଚଳର ଆପେକ୍ଷିକ ବ୍ୟବହାର ଓ ସଂସ୍କୃତିର ମିଶ୍ରଣ। ସବୁଠାରୁ ବିପଦ ହେଉଛି ଯେତେବେଳେ ଉପଭୋକ୍ତାବାଦ ଏକ ଅଭ୍ୟାସଗତ ହୋଇଯାଏ। ଥରେ ଏହି ଆଚରଣ ସ୍ୱାଭାବିକ ହୋଇଗଲେ, ଲୋକମାନେ ଏହାର ପରିଣାମ ଉପରେ କ୍ୱଚିତ୍ ପ୍ରଶ୍ନ କରନ୍ତି। ତେଣୁ ଏହି ସ୍ଥିତିରେ ଇନ୍ଧନ-ସଞ୍ଚୟ ପରାମର୍ଶଗୁଡ଼ିକ କମ୍ ପ୍ରଭାବଶାଳୀ ହୋଇପଡ଼େ।

ଅଭିଯୋଗ ଏହା ବି ହୁଏ ଯେ ଭାରତରେ ଦ୍ରୁତ ସହରୀକରଣ ଦ୍ୱାରା ସହର ସବୁ ଏପରି ନିର୍ମିତ ହୋଇଛି, ଯାହା ପଦଯାତ୍ରୀଙ୍କ ଅପେକ୍ଷା ଯାନବାହନ ପାଇଁ ଅଧିକ ଅନୁକୂଳ। ସାର୍ବଜନୀନ ପରିବହନ ବ୍ୟବସ୍ଥାର ଅନୁପଲବ୍ଧତା, ଦୁର୍ବଳ ପାଦଚଲା ରାସ୍ତା ଓ ଅସୁରକ୍ଷିତ ରାସ୍ତା ବ୍ୟତୀତ ବଢୁଥିବା ସହରାଞ୍ଚଳ ତାପମାତ୍ରା ଏବଂ ସମୟ ସଞ୍ଚୟ କରିବାର ଚାପ ସାମୂହିକ ଭାବରେ ନାଗରିକମାନଙ୍କୁ ଗାଡ଼ି ବ୍ୟବହାର କରିବାକୁ ବାଧ କରୁଛି। ଏପରି ପରିସ୍ଥିତିରେ, ବିଶାରଦମାନେ ପ୍ରଶ୍ନ କରନ୍ତି ବ୍ୟକ୍ତିଗତ ଯାନବାହନ ଉପରେ ନିର୍ଭରଶୀଳତା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ନୁହେଁ, ବରଂ ସାମାଜିକ ଭାବରେ ଉତ୍ପାଦିତ ଏକ ବ୍ୟବହାର ନୁହେଁ କି?

ପ୍ରସିଦ୍ଧ ସମାଜବିଜ୍ଞାନୀ ଜର୍ଜ ରିଟଜରଙ୍କ ମ୍ୟାକଡୋନାଲ୍ଡାଇଜେସନ ତତ୍ତ୍ୱ ମାଧ୍ୟମରେ ଏହି ବ୍ୟବହାରକୁ ସମାଜଶାସ୍ତ୍ରୀୟ ବ୍ୟାଖ୍ୟା କରିବା। ମ୍ୟାକଡୋନାଲ୍ଡ ହେଉଛି ଏକ ଆନ୍ତର୍ଜାତୀୟ ଲୋକପ୍ରିୟ ଫାଷ୍ଟ ଫୁଡ କମ୍ପାନୀ। ବିଶ୍ୱରେ ଏହି ଫାଷ୍ଟ ଫୁଡ ଏତେ ଲୋକପ୍ରିୟ ହେଲା ଯେ ଏହା ଏକ ସଂସ୍କୃତି ହୋଇଗଲା। ଏହାର ନାଁ ହେଲା ମ୍ୟାକଡୋନାଲ୍ଡାଇଜେସନ। ଏହାର ଅର୍ଥ ହେଉଛି ସମାଜ ମଧ ମ୍ୟାକଡୋନାଲ୍ଡ ଫାଷ୍ଟ-ଫୁଡ୍ ରେଷ୍ଟୁରାଣ୍ଟ ପରି କାମ ସଭିଙ୍କୁ ଠାରୁ ଆଶା କରେ। ଯେଉଁଠାରେ ଗତି, ଦକ୍ଷତା, ସୁବିଧା, ପୂର୍ବାନୁମାନ ଓ ଶୀଘ୍ର ଫଳାଫଳ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟବୋଧ। ଯଦି ଏହି ପରିପ୍ରେକ୍ଷୀରେ ଦେଖିବା, ଦ୍ରୁତ ଗତିରେ ଗତିଶୀଳ ସହରାଞ୍ଚଳ ଯେଉଁଠି ଦଶ ମିନିଟରେ ଡେଲିଭେରୀ ପାଇଁ ତଣ୍ଟିକଟା ପ୍ରତିଯୋଗିତା, ସେଠାରେ ଚାଲିକରି ଯିବା ବା ସାର୍ବଜନୀନ ପରିବହନକୁ ସମୟସାପେକ୍ଷ ଏବଂ ଧୀର ଭାବେ ଦେଖାଯାଇପାରେ।

ପରିଶେଷରେ ଇନ୍ଧନ ସଂରକ୍ଷଣ ପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ଆବେଦନର ସାମାଜିକ ଅଣଦେଖା ହୋଇପାରେ। କାରଣ ସରକାରଙ୍କ ନିୟମ ଆମର ଅସ୍ଥାୟୀ ଆଚରଣ ବଦଳରେ ସ୍ୱାଭାବିକ ସାଂସ୍କୃତିକ ଅଭ୍ୟାସକୁ ଆହ୍ୱାନ କରୁଛି। ଇନ୍ଧନ ସଂରକ୍ଷଣ କେବଳ ନୈତିକ ପରାମର୍ଶ ମାଧ୍ୟମରେ ସଫଳ ହୋଇପାରିବ ନାହିଁ। ନିର୍ଭରଯୋଗ୍ୟ ସାର୍ବଜନୀନ ପରିବହନ, ପଦଯାତ୍ରୀ-ଅନୁକୂଳ ସହରାଞ୍ଚଳ ଯୋଜନା, ସୁରକ୍ଷିତ ଚାଲିବା ସ୍ଥାନ, ସାଇକେଲିଂ ଭିତ୍ତିଭୂମି ଓ ସଚେତନତା ଅଭିଯାନ ଭଳି ସଂରଚନିକ ହସ୍ତକ୍ଷେପ ମଧ ସମାନ ଭାବରେ ଅତ୍ୟାବଶ୍ୟକ। ସମାଜକୁ ସର୍ବନିମ୍ନ ଇନ୍ଧନ ବ୍ୟବହାର, ଇନ୍ଧନର ବିକଳ୍ପ ଏବଂ ସାର୍ବଜନୀନ ପରିବହନକୁ ଅସୁବିଧା ଭାବରେ ନେବା କଥା ନୁହେଁ। ବରଂ ଏହାକୁ ଜଳବାୟୁ ସମସ୍ୟା ଓ ସମ୍ପଦ ଅଭାବ ସମୟରେ ଏକ ଦାୟିତ୍ୱବାନ ନାଗରିକର ଭୂମିକା ଭାବେ ଗ୍ରହଣ କରିବାର ଆବଶ୍ୟକତା ଅଛି।

ଭୁବନେଶ୍ୱର, ୮୪୫୬୮୭୯୫୨୨

ସଂକଟରେ ପୃଥିବୀର ଫୁସଫୁସ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ସମଗ୍ର ଦେଶ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତରେ ସନ୍ତପ୍ତ। ସହରରୁ ଗାଁ ପର୍ଯ୍ୟନ୍ତ ସବୁଠି କେବଳ ଗୋଟିଏ ପ୍ରଶ୍ନ- ଏଥର ଏତେ ଗରମ କାହିଁକି? ଏହି ପ୍ରଶ୍ନର ସ୍ପଷ୍ଟ ଓ ବିଜ୍ଞାନସମ୍ମତ ଉତ୍ତର ନିକଟରେ ପ୍ରକାଶିତ ହୋଇଛି। ମିଳିତ ଜାତିସଂଘର 'ବୈଶ୍ୱିକ ବନ ଲକ୍ଷ୍ୟ ରିପୋର୍ଟ-୨୦୨୬' ତଥ୍ୟ ଦର୍ଶାଉଛି ଯେ, ଯେଉଁ ଜଙ୍ଗଲ ଆମକୁ ପ୍ରକୃତିର ପ୍ରକୋପରୁ ରକ୍ଷା କରିଥା'ନ୍ତା, ତାହାକୁ ସୁରକ୍ଷିତ ରଖିବାରେ ସମଗ୍ର ବିଶ୍ୱ ଅନେକାଂଶରେ ବିଫଳ ହୋଇଛି। ଆମେ ପ୍ରକୃତିକୁ ଧ୍ୱଂସ କରି ଚାଲିଛନ୍ତି ଏବଂ ବଦଳରେ ପ୍ରକୃତି ଏବେ ଭୟଙ୍କର ଗ୍ରୀଷ୍ମ ଓ ଜଳବାୟୁ ପରିବର୍ତ୍ତନ ରୂପରେ ଆମକୁ ସତର୍କ କରାଉଛି।

ବିଗତ କିଛିବର୍ଷ ଧରି ସମଗ୍ର ବିଶ୍ୱରେ ଜଙ୍ଗଲର ପରିସୀମା (ବନାବରଣ) ବୃଦ୍ଧି କରିବା ପାଇଁ ପ୍ରୟାସ କରାଯାଉଛି। ଅନେକ ଦେଶ ଏ ଦିଗରେ ନିଜ ନିଜ ସ୍ତରରେ ପ୍ରଚେଷ୍ଟା ଜାରି ରଖିଛନ୍ତି। ତଥାପି ସ୍ଥିତି ଚିନ୍ତାଜନକ ରହିଛି। 'ବୈଶ୍ୱିକ ବନ ଲକ୍ଷ୍ୟ ରିପୋର୍ଟ-୨୦୨୬' ଅନୁଯାୟୀ ୨୦୩୦ ସୁଦ୍ଧା ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ଜଙ୍ଗଲର ପରିସୀମା ବଢ଼ାଇବା ଏବଂ ଉପଲବ୍ଧ ଜଙ୍ଗଲଗୁଡ଼ିକୁ ସୁରକ୍ଷିତ ରଖିବା ଦିଗରେ ବିଶ୍ୱର ପ୍ରଗତି ସନ୍ତୋଷଜନକ ନୁହେଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମିଳିତ ଜାତିସଂଘ ୨୭ ଏପ୍ରିଲ, ୨୦୧୭ରେ ଜଙ୍ଗଲ ସମ୍ବନ୍ଧୀୟ ରଣନୀତିକ ଯୋଜନା (୨୦୧୭-୨୦୩୦) କୁ ଆପଣାଇଥିଲା, ଯାହା ଅଧୀନରେ ୬ଟି ବୈଶ୍ୱିକ ବନ ଲକ୍ଷ୍ୟ ଏବଂ ଏହା ସହିତ ଜଡ଼ିତ ୨୬ଟି ଉପ-ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଇଥିଲା। ଏଥିରେ ୨୦୩୦ ସୁଦ୍ଧା ସାରା ବିଶ୍ୱରେ ଜଙ୍ଗଲର ପରିସୀମା ୩ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାର ଥିଲା, ଯାହା ଫ୍ରାନ୍ସର ମୋଟ କ୍ଷେତ୍ରଫଳର ଦୁଇ ଗୁଣରୁ ମଧ ଅଧିକ ହୋଇଥା'ନ୍ତା। କିନ୍ତୁ ରିପୋର୍ଟ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ଯେ ବିଗତ ୯ ବର୍ଷ ମଧ୍ୟରେ ଆମେ ଉକ୍ତ ଲକ୍ଷ୍ୟଗୁଡ଼ିକ ମଧ୍ୟରୁ ମାତ୍ର ୭ଟିକୁ ହିଁ ସମ୍ପୂର୍ଣ୍ଣ ଭାବେ ହାସଲ କରିପାରିଛନ୍ତି। ଚିନ୍ତାର ବିଷୟ ଏହା ଯେ, ଏଥିମଧ୍ୟରୁ ୧୭ଟି ଲକ୍ଷ୍ୟକୁ ଆଂଶିକ ଭାବେ ହାସଲ କରାଯାଇପାରିଛି, ଯେତେବେଳେ କି ୨ଟି ଲକ୍ଷ୍ୟ ସମ୍ପୂର୍ଣ୍ଣ ଭାବେ ବାଟବଣା ହୋଇଯାଇଛି।

ଉଲ୍ଲେଖନୀୟ ଯେ, ବିଶ୍ୱର ଯେଉଁ ୪୮ ଟି ଦେଶରେ ମୋଟ ଜଙ୍ଗଲର ୫୧ ପ୍ରତିଶତ ଅଂଶ ରହିଛି, ସେଠାରେ ୨୦୧୫ ରୁ ୨୦୨୫ ମଧ୍ୟରେ ବୈଶ୍ୱିକ ବନ କ୍ଷେତ୍ରରେ ୪ କୋଟି ହେକ୍ଟରରୁ ଅଧିକ ହ୍ରାସ ଦେଖିବାକୁ ମିଳିଛି। ଏବେ ଯେତେବେଳେ ନିର୍ଦ୍ଧାରିତ ଲକ୍ଷ୍ୟ ବର୍ଷରେ ପହଞ୍ଚିବା ପାଇଁ ମାତ୍ର ୪ ବର୍ଷ ସମୟ ବାକି ଅଛି, ସେତେବେଳେ ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଜଙ୍ଗଲ ସଂରକ୍ଷଣ ଦିଗରେ ବିଶ୍ୱ ଏତେ ମନ୍ଥର କାହିଁକି? ପର୍ଯ୍ୟାପ୍ତ କ୍ଷେତ୍ରଫଳରେ ସୁସ୍ଥ ଜଙ୍ଗଲ ରହିବା ସ୍ୱଚ୍ଛ ପରିବେଶ, ଜୀବନ ଓ ମାନବିକତାର ଆଧାର ବୋଲି ବିବେଚନା କରାଯାଏ। ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ସହିତ ଜୈବ ବିବିଧତାର ସଂରକ୍ଷଣ, ଖାଦ୍ୟ ଓ ଆଜୀବିକାର ସୁରକ୍ଷା, ଦାରିଦ୍ର୍ୟ ଦୂରୀକରଣ, ଅମ୍ଳଜାନର ନିରନ୍ତରତା, ମୃତ୍ତିକା ସଂରକ୍ଷଣ, କାର୍ବନ ଅବଶୋଷଣ ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ମଧ ଜଙ୍ଗଲ ଅପରିହାର୍ଯ୍ୟ। ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ, ୧୬୦ କୋଟି ଲୋକଙ୍କ ପାଇଁ ଜଙ୍ଗଲ ହିଁ ଖାଦ୍ୟ, ଜଳ, ଜାଳେଣି ଓ ରୋଜଗାରର ଉତ୍ସ।

ତେବେ ବଢୁଥିବା ସହରୀକରଣ, ଶିଳ୍ପାୟନ, ଭୂମି ବ୍ୟବହାରରେ ପରିବର୍ତ୍ତନ, ବନାଗ୍ନି, ଜଙ୍ଗଲ କ୍ଷୟ ଓ ଜଳବାୟୁ ପରିବର୍ତ୍ତନର ଦୁଷ୍ପ୍ରଭାବ ଯୋଗୁଁ ଜଙ୍ଗଲର ଅସ୍ତିତ୍ୱ ବିପଦରେ ରହିଛି। ବିକାଶ ନାମରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ କଟାଯାଉଛି। ରାସ୍ତା, କୋଠାବାଡ଼ି ଏବଂ ଖଣି ଖନନ ପାଇଁ ସବୁଜିମାର ବଳି ଦିଆଯାଉଛି। ମିଳିତ ଜାତିସଂଘ ବୈଶ୍ୱିକ ବନ ଲକ୍ଷ୍ୟ ହାସଲ କରିବା ପାଇଁ ଜଙ୍ଗଲ କଟା ବନ୍ଦ କରିବା, ସ୍ଥାୟୀ ଜଙ୍ଗଲ ପରିଚାଳନା ଉପରେ ଗୁରୁତ୍ୱ ଏବଂ ପ୍ରଶାସନ ଓ ଆଇନ ପ୍ରଣୟନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଛି। ଆମକୁ ବୁଝିବାକୁ ହେବ ଯେ ଜଙ୍ଗଲକୁ ସୁରକ୍ଷିତ ରଖିବା ମାନବ ସମାଜର ଅସ୍ତିତ୍ୱକୁ ସୁରକ୍ଷିତ ରଖିବା ସହ ସମାନ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବଢୁଥିବା ତାପମାତ୍ରା କାରଣରୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ, ଏପରିକି ଆମ ଓଡ଼ିଶାର ଶିମିଳିପାଳ ଭଳି ଜୈବମଣ୍ଡଳରେ ମଧ ବାରମ୍ବାର ଭୟାବହ ବନାଗ୍ନି ସୃଷ୍ଟି ହେଉଛି, ଯାହା ମୁହୂର୍ତ୍ତକ ମଧ୍ୟରେ ଏକର ଏକର ଜଙ୍ଗଲ ଛାରଖାର କରିଦେଉଛି। ଜଙ୍ଗଲ ସୁରକ୍ଷା ପାଇଁ କଡ଼ା ଆଇନ ଥିଲେ ହେଁ, ପ୍ରଶାସନିକ ଶିଥିଳତା ଏବଂ ବେଆଇନ କାଠ ମାଫିଆଙ୍କ ସକ୍ରିୟତା ଯୋଗୁଁ ଜଙ୍ଗଲ କ୍ଷୟ ରୋକିବା ସମ୍ଭବ ହେଉନାହିଁ।

ଜଙ୍ଗଲ କେବଳ ଗଛ ନୁହେଁ, ଏହା ଜୀବନର ଆଧାର। ଏହା ସାଧାରଣ ମଣିଷର ପେଟ ଓ ପକେଟ୍ ସହ ଜଡ଼ିତ। ଜଙ୍ଗଲ ନଷ୍ଟ ହେଲେ ଦାରିଦ୍ର୍ୟ ବୃଦ୍ଧି ପାଇବ, ଜଳ ସଙ୍କଟ ସୃଷ୍ଟି ହେବ ଏବଂ ମୃତ୍ତିକା କ୍ଷୟ ଯୋଗୁଁ କୃଷି ଉତ୍ପାଦନ ହ୍ରାସ ପାଇବ। ଏହା ବ୍ୟତୀତ, ଜଙ୍ଗଲ ହେଉଛି ପୃଥିବୀର ଫୁସଫୁସ। ଏହା ଅଙ୍ଗାରକାମ୍ଳ ଅବଶୋଷଣ କରି ଅମ୍ଳଜାନ ପ୍ରଦାନ କରେ। ଜଙ୍ଗଲ ହ୍ରାସ ଅର୍ଥ ବାୟୁମଣ୍ଡଳରେ ଗ୍ରୀନହାଉସ୍ ଗ୍ୟାସର ମାତ୍ରା ବଢ଼ିବ, ଯାହା ବର୍ତ୍ତମାନର ଗ୍ରୀଷ୍ମ ପ୍ରବାହକୁ ଆଗାମୀ ଦିନରେ ଆହୁରି ଅସହ୍ୟ କରିଦେବ।

୨୦୩୦ର ସୀମାରେଖା ପହଞ୍ଚିବା ପାଇଁ ଆମ ପାଖରେ ମାତ୍ର ୪ ବର୍ଷ ସମୟ ବାକି ଅଛି। ଏଭଳି ସ୍ଥିତିରେ କେବଳ ଆନ୍ତର୍ଜାତୀୟ ମଞ୍ଚରେ ବୈଠକ ବା ପ୍ରତିଶ୍ରୁତି ସମାଧାନ ନୁହେଁ। ତୃଣମୂଳ ସ୍ତରରେ କାର୍ଯ୍ୟ କରିବାକୁ ହେବ। ବିକାଶମୂଳକ ପ୍ରକଳ୍ପ ପାଇଁ ଯଦି ଗୋଟିଏ ଗଛ କଟାଯାଉଛି, ତେବେ ତାହା ବଦଳରେ ପାଞ୍ଚଟି ଗଛ ଲଗାଇବା ଏବଂ ତାହାର ରକ୍ଷଣାବେକ୍ଷଣ କରିବା ବାଧ୍ୟତାମୂଳକ କରାଯାଉ। ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ଜନଜାତି ଓ ଜଙ୍ଗଲ ଅଞ୍ଚଳର ଲୋକଙ୍କୁ ସାମିଲ କରାଯାଉ। କାରଣ ସେମାନେ ହିଁ ଜଙ୍ଗଲର ପ୍ରକୃତ ରକ୍ଷକ। ପ୍ରତ୍ୟେକ ନାଗରିକଙ୍କୁ ବୃକ୍ଷରୋପଣ ସହ ଯୋଡ଼ିବାକୁ ହେବ। ସହରାଞ୍ଚଳରେ ମିୟାୱାକି (ଜାପାନ ପଦ୍ଧତି) କୁ ଆପଣାଇ କୃତ୍ରିମ ଜଙ୍ଗଲ ସୃଷ୍ଟି କରାଯିବା ଆବଶ୍ୟକ। ବନାବରଣକୁ ରକ୍ଷା କରିବା କୌଣସି ଦେଶ ବା ସରକାରଙ୍କର ଏକାକୀ ଦାୟିତ୍ୱ ନୁହେଁ, ଏହା ମାନବ ସଭ୍ୟତା ଅସ୍ତିତ୍ୱ ରକ୍ଷାର ପ୍ରଶ୍ନ। ଆଜି ସଜାଗ ନହେଲେ ଆଗାମୀ ପିଢ଼ିକୁ ଆମେ ଏକ ସବୁଜ ପୃଥିବୀ ବଦଳରେ ଜଳୁଥିବା ପିଣ୍ଡୁଳା ଉପହାର ଦେଇଯିବା।

ନୟାଗଡ଼, ମୋ: ୯୪୩୭୬୪୨୯୪୭

ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

ବରକୋଳି
Indian jujube or Common

ସୌଭାଗ୍ୟସୁନ୍ଦର

ବରକୋଳି ଦକ୍ଷିଣ ଏସିଆ, ବିଶେଷକରି ଭାରତର ମୂଳଜାତ ଉଦ୍ଭିଦ। ଏହା ବର୍ତ୍ତମାନ ବିଶ୍ୱର ବିଭିନ୍ନ ସ୍ଥାନରେ ସମଶୀତୋଷ୍ଣୀୟଠାରୁ ଉଷ୍ଣମଣ୍ଡଳୀୟ ପର୍ଯ୍ୟନ୍ତ ବିଭିନ୍ନ ଜଳବାୟୁରେ ଚାଷ କରାଯାଏ। ଏହା ଅନାବାଦୀ ଜମି, ଉଦ୍ୟାନ ଓ ମନ୍ଦିର ପରିସରରେ ବଢ଼ିଥାଏ। ବରକୋଳି ଏକ ଛୋଟ ପର୍ଣ୍ଣମୋଚୀ ଗଛ କିମ୍ବା ଗୁଳ୍ମ, ଯାହା ୫-୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼େ। ସାଧାରଣତଃ ଅନେକ ଡାଳ ବହନ କରିଥାଏ। ସମଗ୍ର ଗଛଟି କଣ୍ଟକ ଯୁକ୍ତ। ପତ୍ରଗୁଡ଼ିକ ଚକଚକିଆ, ସବୁଜ, ଡିମ୍ବାକାର, ତିନୋଟି ସ୍ପଷ୍ଟ ଶିରା ବାରି ହୁଏ ଏବଂ ଧାର ଦନ୍ତୁରିତ। ଫୁଲଗୁଡ଼ିକ ଛୋଟ ଏବଂ କେବଳ ଗୋଟିଏ ବିହନ ଧାରଣ କରେ।

ଆୟୁର୍ବେଦରେ ବରକୋଳିକୁ ମଧୁର ରସ (ମିଠା ସ୍ୱାଦ) ଅଧୀନରେ ବର୍ଗୀକୃତ କରାଯାଇଛି ଏବଂ ଏହାକୁ ତ୍ରିଦୋଷ ସନ୍ତୁଳନ ଭାବରେ ବିବେଚନା କରାଯାଏ। ବିଶେଷକରି ପିତ୍ତ ଓ ବାତ ଦୋଷ ପାଇଁ ଲାଭଦାୟକ। ଏହା ଅନିଦ୍ରା, ଚାପ ଓ ଚିନ୍ତା ଦୂର କରେ, ପାଚନ ସମସ୍ୟା ଦୂର କରେ, ଚର୍ମ ରୋଗ, କ୍ଷତ ଓ ଅନ୍ତନଳୀକୁ ସୁସ୍ଥ କରେ। ବରକୋଳି ଆଣ୍ଟିଅକ୍ସିଡାଣ୍ଟ ବା ରକ୍ତଶୋଧକ, ଭୋକ ବୃଦ୍ଧି, ଶକ୍ତି ବୃଦ୍ଧି, ପ୍ରଦାହ-ବିରୋଧୀ, ଶାନ୍ତକାରୀ, ଶରୀରର ପ୍ରତିରକ୍ଷା ଶକ୍ତିବର୍ଦ୍ଧକ, ଅଣୁଜୀବ ପ୍ରତିରୋଧୀ, କର୍କଟରୋଧୀ, ରକ୍ତଚାପ ନିୟନ୍ତ୍ରଣକାରୀ, ଯକୃତ ସମ୍ବନ୍ଧୀୟ ସମସ୍ୟା ଉପଶମକାରୀ, ଓଜନ ହ୍ରାସକାରୀ, ପାଚନ ସହାୟକ, ମଧୁମେହ ପ୍ରତିରୋଧକ ଅଟେ। ଏଥିରେ ବାର୍ଦ୍ଧକ୍ୟ-ରୋଧୀ ଗୁଣ ଅଛି। ଡାଇରିଆ ବା ତରଳ ଝାଡ଼ା, ବ୍ୟାକ୍ଟେରିଆ, ଆଲର୍ଜି ଉପଶମ ପାଇଁ ଏହାକୁ ବ୍ୟବହାର କରାଯାଏ। ଏହାର ମ୍ୟୁସିଲେଜ୍ ବା ରସରେ ଆଲଜାଇମର ରୋଗ ଅର୍ଥାତ୍ ସ୍ମରଣ ଶକ୍ତି ହ୍ରାସ ଚିକିତ୍ସା ପାଇଁ ବ୍ୟାପକ କ୍ଷମତା ଅଛି। ଯଦିଓ ବରକୋଳିକୁ ସାଧାରଣତଃ ବହୁତ ସୁରକ୍ଷିତ ବୋଲି ବିବେଚନା କରାଯାଏ, କିଛି ବ୍ୟକ୍ତିଙ୍କ କ୍ଷେତ୍ରରେ କୁଣ୍ଡେଇ, ଫୁଲା କିମ୍ବା ଚର୍ମ ଫୋଡ଼ା ଭଳି ଆଲର୍ଜିକ୍ ପ୍ରତିକ୍ରିୟା ଅନୁଭବ ହୋଇ ପାରେ, କିନ୍ତୁ ଏହା ବହୁତ ବିରଳ।

ପାଚିବା ସହିତ ବରକୋଳିର ଗଠନ ଓ ସ୍ୱାଦ ଭିନ୍ନ ହୋଇପାରେ। ତାଜା ଫଳଗୁଡ଼ିକ ରସାଳ ଏବଂ ଆପେଲ ଓ ଖଜୁରିର ମିଶ୍ରଣ ପରି ସ୍ୱାଦ ହୋଇଥାଏ। ପାଚିଯିବା କିମ୍ବା ଶୁଖିଯିବା ପରେ ସେଗୁଡ଼ିକ ମିଠା, ନରମ ଓ ସ୍ୱାଦରେ ଅଧିକ ସମୃଦ୍ଧ ହୋଇଯାଏ। ଭାରତରେ ପାରମ୍ପରିକ ଭାବରେ ଫଳକୁ ଲୁଣ ଓ ଲଙ୍କା ଗୁଣ୍ଡ ସହିତ ତାଜା ଖିଆଯାଏ। ତେଲ ଏବଂ ମସଲା ସହିତ କ୍ୟାଣ୍ଡି, ଜାମ୍ କିମ୍ବା ଆଚାର ଭାବରେ ସଂରକ୍ଷିତ କରାଯାଏ। ସାଲାଡ୍ ଓ ମିଠାରେ ମଧ ଯୋଡ଼ାଯାଏ। ଏହାର ଶୁଖିଲା ଫଳଗୁଡ଼ିକ ସାଧାରଣତଃ ଚା, ସୁପ୍ ଓ ଷ୍ଟ୍ୟୁରେ ସେମାନଙ୍କର ବ୍ୟବହୃତ ହୁଏ। ଫଳର ପ୍ରାକୃତିକ ମିଠା ଓ ପୁଷ୍ଟିକର ମୂଲ୍ୟ ଏହାକୁ ସ୍ୱାଦିଷ୍ଟ ଓ ମିଠା ଖାଦ୍ୟ ଉଭୟରେ ଏକ ଲୋକପ୍ରିୟ ଉପାଦାନ କରିଥାଏ।

ବରକୋଳି ଫଳଗୁଡ଼ିକରେ ଫ୍ଲାଭିନୋଇଡ୍ସ ଥାଏ, ଯାହା ମଧ୍ୟରେ କେମ୍ପେରୋଲ ୩-ଓ-ରୁଟିନୋସାଇଡ୍, କ୍ୱେରସେଟାଇନ୍ ୩-ଓ-ରୋବିନୋବାୟୋସାଇଡ୍, କ୍ୱେରସେଟାଇନ୍ ୩-ଓ-ରୁଟିନୋସାଇଡ୍ ଅନ୍ତର୍ଭୁକ୍ତ। ଏଥିରେ କୋଲୁବ୍ରିନିକ୍ ଏସିଡ୍, ଜିଜିବେରେନାଲିକ୍ ଏସିଡ୍ ଓ ଆଲଫିଟୋଲିକ୍ ଏସିଡ୍ ଭଳି ଟର୍ପେନୋଇଡ୍ସ ମଧ ଥାଏ। ପତ୍ରଗୁଡ଼ିକରେ ସାପୋନିନ୍ ଓ ଜିଜିଫିନ୍ ଥାଏ, ଯାହା ମିଠା ସ୍ୱାଦ ଅନୁଭବ କରିବାର କ୍ଷମତାକୁ ଦମନ କରେ। ଫଳଟି ଭିଟାମିନ୍, ଖଣିଜ ପଦାର୍ଥ, ଆଣ୍ଟିଅକ୍ସିଡାଣ୍ଟ ବା ରକ୍ତ ଶୋଧକ ଏବଂ ଆମିନୋ ଏସିଡ୍‌ରେ ଭରପୂର ଥାଏ। ଆଚାର ଓ ଔଷଧୀୟ ବ୍ୟବହାର ପାଇଁ ଏହା ଏକ ଲୋକପ୍ରିୟ ଫଳ ଭାବେ ବିବେଚନା କରାଯାଏ।

ଔଷଧୀୟ ଓ ପୁଷ୍ଟିକର ମୂଲ୍ୟ ବ୍ୟତୀତ, ଏହି ଫଳଗୁଡ଼ିକ ଭାରତୀୟ ସଂସ୍କୃତି ଏବଂ ଆଧ୍ୟାତ୍ମିକ ପରମ୍ପରାରେ ଏକ ପବିତ୍ର ସ୍ଥାନ ଅଧିକାର କରେ। ରାମାୟଣରେ ଶବରୀ ନାମକ ଜଣେ ବୃଦ୍ଧା ଭକ୍ତ ଭଗବାନ ଶ୍ରୀରାମଙ୍କୁ ବରକୋଳି ଫଳ ଅର୍ପଣ କରିଥିଲେ। ବଦ୍ରିନାଥର ଏକ ପ୍ରମୁଖ ମନ୍ଦିରରେ ବିଷ୍ଣୁଙ୍କୁ ପୂଜା କରାଯାଏ, ସଂସ୍କୃତ ଯୌଗିକ ବଦରୀନାଥରୁ, ଯାହା ବଦରୀ (ବରକୋଳି ଗଛ) ଏବଂ ନାଥ (ପ୍ରଭୁ) ଶବ୍ଦ ନେଇ ଗଠିତ, ବିଷ୍ଣୁଙ୍କ ଏକ ଉପାଧି। ଏହା ବଦରୀକାଶ୍ରମ ନାମରେ ମଧ ଜଣାଶୁଣା। ଇରାକର ଅଲ-କୁର୍ନାହ ସହରରେ ଏକ ପ୍ରାଚୀନ ବରକୋଳି ଗଛକୁ ସ୍ଥାନୀୟ ଲୋକେ ବାଇବଲରେ ଉଲ୍ଲେଖିତ 'ଜ୍ଞାନବୃକ୍ଷ' ବୋଲି ଦାବି କରନ୍ତି।

ମୁମ୍ବାଇ, ମୋ: ୯୭୭୭୮୦୦୪୦୮

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

୧ ଲକ୍ଷ ସଦସ୍ୟତା ଏବିଭିପିର ଲକ୍ଷ୍ୟ

ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ଏନ୍‌ଟିଏ ମୁଖ୍ୟଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

ରାଉରକେଲା,୨୪।୫(ସମିସ)

୨୦୨୬-୨୭ ଶିକ୍ଷାବର୍ଷରେ ୧ ଲକ୍ଷ ସଦସ୍ୟତା କରିବା ପାଇଁ ଏବିଭିପି ଓଡିଶା ପଶ୍ଚିମ ପ୍ରାନ୍ତ ଲକ୍ଷ୍ୟ ରଖିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପାନପୋଷ ସର୍କିଟ ହାଉସଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ ଜ୍ୟୋତି ରାଉତ ସୂଚନା ଦେଇ କହିଛନ୍ତି, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଷ୍ଟ୍ର ପ୍ରଥମ ଭାବନା ରଖି ଏବଂ ଛାତ୍ରଶକ୍ତି ରାଷ୍ଟ୍ରଶକ୍ତି ନାରାରେ ବିଶ୍ୱାସ କରି କାର୍ଯ୍ୟ କରୁଥିବା ବିଶ୍ୱର ସବୁଠାରୁ ବଡ଼ ଛାତ୍ର ସଂଗଠନ। ୨୦୨୬-୨୭ ଶିକ୍ଷା ବର୍ଷରେ ଓଡ଼ିଶା ପଶ୍ଚିମ ପ୍ରାନ୍ତରେ ତଥା ଓଡ଼ିଶା ପଶ୍ଚିମର ୧୪ ଟି ସାଂଗଠନିକ ଜିଲ୍ଲାରେ ୧ ଲକ୍ଷ ସଦସ୍ୟତା କରିବାର ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ସହ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କ ଭାଗ୍ୟ ସହ ଖେଳ କରିଥିବା ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାର ମୁଖ୍ୟ ଏନ୍‌ଟିଏ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି । ଏହାସହ ତାଙ୍କୁ ଏହି ଅସଦ୍ ଘଟଣାରେ ଯେଉଁମାନେ ପ୍ରଚ୍ଛଦପଟରେ ରହି ସହାୟତା କରିଛନ୍ତି ସେମାନଙ୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି । ରାଉରକେଲାରେ ଜନଜାତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଧ୍ୟ ସେ ଦାବି କରିଥିଲେ। ସେହିପରି ଏବିଭିପି ରାଉରକେଲା ସାଂଗଠନିକ ଜିଲ୍ଲାର ୯ଟି ବ୍ଲକରେ ୧୫୦୦୦ ସଦସ୍ୟତା କରିବା ପାଇଁ ପରିଷଦ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ରାଉରକେଲା ଜିଲ୍ଲା ସଂଯୋଜକ ସୁମିତ କୁମାର ରାଜ ସୂଚନା ଦେଇଥିଲେ। ଏବିଭିପି ଏହି ଶିକ୍ଷା ବର୍ଷରେ ସଂପୂର୍ଣ୍ଣ ଭାବରେ ଛାତ୍ର ସଂସଦ ନିର୍ବାଚନ ଲଢ଼ିବା ପାଇଁ ମଧ୍ୟ ପ୍ରସ୍ତୁତ ଅଛି, ଓଡ଼ିଶା ପଶ୍ଚିମ ପ୍ରାନ୍ତରେ ୩୩୧ଟି ମହାବିଦ୍ୟାଳୟ ଓ ୭ଟି ବିଶ୍ୱବିଦ୍ୟାଳୟରେ ଶାଖା ଗଠନ କରି ନିଜର ସ୍ଥିତି ମଜବୁତ୍ ରଖିଛି। ସେହିପରି ପ୍ରାନ୍ତର ପ୍ରତି ବ୍ଲକ୍ ମୁଖ୍ୟାଳୟରେ ତଥା ୧୧୮ଟି ସ୍ଥାନରେ ନଗର ଶାଖା ଘୋଷଣା ହେବ ଓ ସେହିପରି ରାଉରକେଲା ସାଂଗଠନିକ ଜିଲ୍ଲାରେ ୯ ଟି ନଗର ଶାଖା ଏବଂ ୩୨ ଟି କ୍ୟାମ୍ପସ ଶାଖା ଘୋଷଣା କରିବାର ମଧ୍ୟ ଲକ୍ଷ୍ୟ ରଖିଛି। ଏହି ଅବସରରେ ରାଜ୍ୟ ସେବାର୍ଥେ ବିଦ୍ୟାର୍ଥୀ ସହ ସଂଯୋଜକ ସୁସ୍ମିତା ସେଠି ସ୍ୱାଗତ ଭାଷଣ ଦେଇଥିଲା ବେଳେ ଏବିଭିପିର ରାଉରକେଲା ଜିଲ୍ଲା ସହ ସଂଯୋଜକ ବିଦ୍ୟୋତୋମା ମାଝି ଉପସ୍ଥିତ ଥିଲେ। ରାଜ୍ୟ ସୋସିଆଲ ମିଡିଆ ସହ ସଂଯୋଜକ ଆଦିତ୍ୟ ଚୌଧରୀ ଧନ୍ୟବାଦ ଅର୍ପଣ କରିଥିଲେ।

ଡିଭାଇଡର୍‌କୁ ଧକ୍କା ଦେଇ ଓଲଟିଲା କାର୍

ରାଉରକେଲା /ବଣାଇଁ,୨୪।୫(ସମିସ) : ଟିକାୟତପାଲି ଥାନା ଅନ୍ତର୍ଗତ ବାରକୋଟ ରାଜାମୁଣ୍ଡା ୧୪୩ ନମ୍ବର ଜାତୀୟ ରାଜପଥର କଷଡା ନିକଟରେ ରବିବାର ସକାଳେ ଏକ କାର ଡିଭାଇଡରକୁ ଧକ୍କା ଦେଇ ରାସ୍ତା ଉପରେ ୨ ଥର ଓଲଟି ପଡିଥିଲା। ଏଥିରେ ରାଉରକେଲାର ଜଣାଶୁଣା ସାମ୍ବାଦିକ ଅଶୋକ ଦାସଙ୍କ ମାତା ସରୋଜିନୀ ଦାସଙ୍କ

ଅଳ୍ପକେ ବର୍ତ୍ତିଗଲେ ସାମ୍ବାଦିକଙ୍କ ମାଆ ସମେତ ପରିବାର

ସମେତ ତାଙ୍କ ପରିବାର ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ସୂଚନାନୁଯାୟୀ, ସରୋଜିନୀ ଦାସ, ତାଙ୍କ ପୁଅ ଅମିତ ଦାସ ଓ ପାରିବାରିକ ବନ୍ଧୁ ନିରଞ୍ଜନ ବାରିକ, ଡ୍ରାଇଭର ବିକ୍ରମ ରାଉତଙ୍କୁ ନେଇ ରାଉରକେଲା ଅଭିମୁଖେ ପୁଅ ସାମ୍ବାଦିକ ଅଶୋକ ଦାସଙ୍କ ନିକଟକୁ ଆସୁଥିଲେ। ରବିବାର ସକାଳେ ଟିକାୟତପାଲ୍ଲୀ ଥାନା ଅନ୍ତର୍ଗତ କଷଡା ନିକଟରେ ହଠାତ୍ ଡ୍ରାଇଭର ଗାଡ଼ିର ନିୟନ୍ତ୍ରଣ ହରାଇଥିଲେ। ପ୍ରଥମେ କାରଟି ରାସ୍ତା ଡିଭାଇଡରକୁ ଧକ୍କା ଦେଇଥିବା ବେଳେ ପରେ ସାମ୍ନାର ଉଭୟ ଟାୟାର ଫାଟିଯାଇଥିଲା। ଫଳରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଗାଡ଼ି ଭିତରେ ଫସିଥିବା ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଟିକାୟତ ପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କାରରେ ଥିବା ସମସ୍ତ ଚାରି ଜଣ ସମ୍ପୂର୍ଣ୍ଣ ସୁସ୍ଥ ରହିଥିବା ସୂଚନା ମିଳିଛି।

ଏନ୍ଆଇଟିରେ ଏଫଟିବିଆଇ ଷ୍ଟାର୍ଟଅପ୍‌ର ପତିଷ୍ଠା ଦିବସ

ରାଉରକେଲା,୨୪।୫(ସମିସ): ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନଆଇଟି) ରାଉରକେଲାର ଫାଉଣ୍ଡେସନ୍ ଫର ଟେକ୍ନୋଲୋଜି ଆଣ୍ଡ ବିଜନେସ୍ ଇନକ୍ୟୁବେସନ୍ (ଏଫଟିବିଆଇ) ପକ୍ଷରୁ ଏଫଟିବିଆଇ କେନ୍ଦ୍ରରେ ଏହାର ଦଶମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି ଉତ୍ସବରେ ୨୦୧୬ ମସିହାରେ ଏଫଟିବିଆଇ ପ୍ରତିଷ୍ଠା ହେବା ପରେ ଠାରୁ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ବ୍ୟବସାୟ କ୍ଷେତ୍ରରେ ପ୍ରଭାବଶାଳୀ ଇନକ୍ୟୁବେସନ୍ ସମର୍ଥନ ଏବଂ ନବସୃଜନ ଉଦ୍ୟୋଗୀତା ପାଇଁ ଏଫଟିବିଆଇର ଅବଦାନକୁ ସ୍ମରଣ କରାଯାଇଥିଲା। ଏହି ଅବସରରେ ଏମସିଏଲ୍ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏମସିଏଲ ଗତ ତିନି ବର୍ଷ ମଧ୍ୟରେ ପ୍ରାୟ ୩୦ ଟି ବିକାଶ ଭିତ୍ତିଭୂମି ଏବଂ ମହିଳା ଏବଂ ଜନଜାତି ଉଦ୍ୟୋଗ ଉପରେ କେନ୍ଦ୍ରିତ ପାଣ୍ଠି ଏବଂ ଇନକ୍ୟୁବେସନ୍ ପଦକ୍ଷେପ ମାଧ୍ୟମରେ ସହାୟତା ପ୍ରଦାନ କରିଛି। ଏମସିଏଲ ଗୋଟିଏ ଆର୍ଥିକ ବର୍ଷରେ ସମଗ୍ର ଓଡ଼ିଶାରେ ସିଏସଆର ପଦକ୍ଷେପ ପାଇଁ ୩୭୫ କୋଟିରୁ ଅଧିକ ନିବେଶ କରିଛି ବୋଲି ଶ୍ରୀ ରାଓ ସୂଚନା ଦେଇଥିଲେ। ମେଡିସିନ୍ ଏବଂ ଡାଇବେଟୋଲୋଜିଷ୍ଟ ଡ. ଚନ୍ଦନ ବଂଶଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏଫଟିବିଆଇର ସିଇଓ ଚିରଞ୍ଜିବ ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଏଫଟିବିଆଇର ସଭାପତି ପ୍ରଫେସର ସୁବ୍ରତ କୁମାର ପଣ୍ଡା 'ଭୋକାଲ୍ ଫର୍ ଲୋକାଲ' ଦୃଷ୍ଟିକୋଣ ସହିତ ସ୍ଥାନୀୟ ଭାବରେ ପରିଚାଳିତ ଏବଂ ଛାତ୍ର-ନେତୃତ୍ୱାଧୀନ ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରି ଏଫଟିବିଆଇ ଆଞ୍ଚଳିକ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏଫଟିବିଆଇ ଏହାର ଇନକ୍ୟୁବେଟିମାନଙ୍କ ପାଇଁ ୧୦ କୋଟି ଟଙ୍କାର ପାଣ୍ଠି ସହାୟତା ଯୋଗାଇ ଦେଇଛି। ଏଫଟିବିଆଇରେ ଇନକ୍ୟୁବେଟେଡ୍ ଷ୍ଟାର୍ଟଅପ୍ ମିଳିତ ଭାବରେ ୭୦ କୋଟିରୁ ଅଧିକ ସଂଗ୍ରହ କରିଛି ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ରାଉରକେଲାର ଏଫଟିବିଆଇ ଜୟପ୍ରକାଶ ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ସୂଚନା ମିଳିଛି। ମିଳିତ ଗବେଷଣା କାର୍ଯ୍ୟକଳାପ, କ୍ଲିନିକାଲ୍ ବୈଧତା, ପ୍ରୋଟୋଟାଇପ୍ ବିକାଶ, ନବସୃଜନ କାର୍ଯ୍ୟକ୍ରମ ଏବଂ ଜ୍ଞାନ ବିନିମୟ ପଦକ୍ଷେପ ମାଧ୍ୟମରେ ଷ୍ଟାର୍ଟଅପ୍-ଚାଳିତ ସ୍ୱାସ୍ଥ୍ୟସେବା ସମାଧାନକୁ ପ୍ରୋତ୍ସାହିତ କରିବା ଏହି ବୁଝାମଣାପତ୍ରର ଲକ୍ଷ୍ୟ ବୋଲି କୁହାଯାଇଛି। ଏନଆଇଟି ରାଉରକେଲା ନିର୍ଦ୍ଦେଶକ ତଥା ଏଫଟିବିଆଇର ଅଧକ୍ଷ ପ୍ରଫେସର କେ. ଉମାମହେଶ୍ୱର ରାଓ ଏକ ଦଶନ୍ଧିର ପ୍ରଭାବଶାଳୀ କାର୍ଯ୍ୟ ପୂରଣ କରିବା ପାଇଁ ଏଫଟିବିଆଇ ଦଳକୁ ଅଭିନନ୍ଦନ ଜଣାଇଥିଲେ ଏବଂ ସମାଜକୁ ସିଧାସଳଖ ପ୍ରଭାବିତ କରୁଥିବା ବାସ୍ତବ ବିଶ୍ୱ ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ଉପରେ ଧ୍ୟାନ ଦେବାକୁ ଯୁବ ଉଦ୍ୟୋଗୀଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍, ଶିଳ୍ପ ପ୍ରତିନିଧି, ଅଧ୍ୟାପକ ଏବଂ ଅତିଥିମାନଙ୍କ ମଧ୍ୟରେ ନେଟୱାର୍କିଂ ପାରସ୍ପରିକ କ୍ରିୟା ଅନ୍ତର୍ଭୁକ୍ତ ଥିଲା।

ପୁଷ୍ପାଞ୍ଜଳି ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

ରାଉରକେଲା,୨୪।୫(ସମିସ): ଶ୍ରୀ ଜଗନ୍ନାଥ କଳା ପରିଷଦ ରାଉରକେଲା ଦ୍ୱାରା ସ୍ଥାନୀୟ ସିଭିକ ସେଣ୍ଟର୍‌ଠାରେ ଆୟୋଜିତ ଦ୍ୱିଦିବସୀୟ ପୁଷ୍ପାଞ୍ଜଳି ନୃତ୍ୟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅନିତା ଅଗ୍ରୱାଲ, କାର୍ଯ୍ୟକାରୀ ସଭାପତି ସବିତା ମିଶ୍ରଙ୍କ ଆବାହକତ୍ୱ ସମ୍ପାଦିକା ପୁଷ୍ପା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିବସରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ସୁଚିତ୍ରା ଲେଙ୍କା, ଓମପ୍ରକାଶ ବାପୁଡିଆ, ପୁରନମଲ ଅଗ୍ରୱାଲ, ନର୍ମଦା ସାହୁ, ପ୍ରଦୀପ କୁମାର ପଟ୍ଟନାୟକ ଓ ଆନନ୍ଦ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଦୀପିକା ମହିଳା ସଂହତିର ସଭାପତି ନମ୍ରତା ବର୍ମା, ସ୍ୱତନ୍ତ୍ର ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ପ୍ରାକ୍ତନ ସାଂସଦ ତଥା ଚଳଚ୍ଚିତ୍ର ଅଭିନେତା ମୁନ୍ନା ଖାଁନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁଚିତ୍ରା ଲେଙ୍କା, ସମ୍ମାନିତ ଅତିଥି ଭାବେ ନଜିମା କାନେକର, ଚ୍ୟାମ୍ବର ଅଫ୍ କମର୍ସର ସଭାପତି ମଳୟ ମଣ୍ଡଳ, ଜିଲ୍ଲା ବିଜେଡ଼ି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ସମାଜସେବୀ କମଳ ଅଗ୍ରୱାଲ ଓ ସୋଏବ ଆଲାମ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ନୃତ୍ୟ ସଂସ୍କୃତି ପ୍ରତି ସମର୍ପିତ ମନୋଭାବକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଡ. ସମର ମୁଦାଲି, କଣ୍ଠଶିଳ୍ପୀ ଆଶାଲତା ଷଡ଼ଙ୍ଗୀ ଓ ନୃତ୍ୟଗୁରୁ ମାଧବ ଚନ୍ଦ୍ର ପଲେଇଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନିଲ୍ ମଲ୍ଲିକ ଓ ଦିନେଶ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ରାଜଶ୍ରୀ ସ୍ୱାଇଁ, ଗୀତାଞ୍ଜଳି ପଟ୍ଟନାୟକ, ମୀନତି ମଲ୍ଲିକ, ଅଙ୍ଗୁରବାଳା ଦଳେଇ, ଅନିତା ଦାସ, ରୋଜି ନାୟକ, ସ୍ୱପ୍ନାରାଣୀ ରାଉତ, କଳ୍ପନା ମହାନ୍ତି, ବିଶ୍ୱରଂଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସମ୍ପାଦିକା ପୁଷ୍ପା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ

ବଣାଇଁ,୨୪।୫(ସମିସ): ବଣାଇଁ ଥାନା ଅନ୍ତର୍ଗତ ଜାଙ୍ଗଡା ଗ୍ରାମରେ ଶନିବାର ରାତିରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କର ଶୋଚନୀୟ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ ସୁରୁବାଲି ମୁଣ୍ଡା (୪୮)। ଶନିବାର ରାତି ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ପ୍ରବଳ ଗରମ ଗୁଳୁଗୁଳି ଯୋଗୁଁ ଘରେ ଥିବା ଟେବୁଲ ଫ୍ୟାନକୁ ଚଳାଇବା ସମୟରେ ହଠାତ୍ ସେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ସେ ତଳେ ପଡ଼ିଯିବା ସହ ଟେବୁଲ ଫ୍ୟାନଟି ତାଙ୍କ ଦେହ ଉପରେ ପଡି ଯାଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ପଡି ରହିଥିଲେ ମଧ୍ୟ ତାଙ୍କୁ କେହି ଦେଖି ନଥିଲେ। ପରେ ପଡ଼ୋଶୀ ମହିଳା ଜଣେ ଦେଖି ତାଙ୍କୁ ଉଠାଇବାକୁ ଚେଷ୍ଟା କରିବା ବେଳେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ପରେ ସ୍ଥାନୀୟ ଲୋକେ ସୁରୁବାଲିକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବଣାଇଁ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଣାଇଁ ପୁଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି। ଦୀର୍ଘ ଦିନ ହେବ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ଘରେ କେବଳ ଦୁଇ ଜଣ ଶିଶୁ ଅଛନ୍ତି। ବାପା ପରେ ମାଆ ଆରପାରିକୁ ଚାଲି ଯିବା ପରେ ଏବେ ଉଭୟ ଶିଶୁ ଅନାଥ ହୋଇ ପଡିଛନ୍ତି। ତେଣୁ ସରକାରୀସ୍ତରରେ ଉଭୟ ଅନାଥ ଶିଶୁଙ୍କୁ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

ମାତାଞ୍ଜଳି ସୋସିଓ ସ୍ପିରିଚୁଆଲ୍ ଟ୍ରଷ୍ଟ ପକ୍ଷରୁ ପଣା ବଣ୍ଟନ

ରାଉରକେଲା,୨୪।୫(ସମିସ): ଅନ୍ୟତମ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ମାତାଞ୍ଜଳି ସୋସିଓ ସ୍ପିରିଚୁଆଲ ଟ୍ରଷ୍ଟ ତରଫରୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥଚାରୀ ପାଇଁ ସେକ୍ଟର ୭/୧୭ ଛକଠାରେ ଶୀତଳ ସୁସ୍ୱାଦୁ ପଣା ବଣ୍ଟନ କରାଯାଇଥିଲା। ଟ୍ରଷ୍ଟର ଟ୍ରଷ୍ଟି ଇଂ ଆଲୋକ ରଞ୍ଜନ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରବଚକ ଡ଼ଃ କୃଷ୍ଣ କେଶବ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ପଥଚାରୀଙ୍କୁ ଦହି ସର୍ବତ ପଣା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମ୍ୟାନେଜିଂ ଟ୍ରଷ୍ଟି ଆଲୋକ ରଂଜନ ମଲ୍ଲିକ, ଟ୍ରଷ୍ଟି ରାମକୃଷ୍ଣ ତ୍ରିପାଠୀ, ଡା ଅବନୀ ଦାଶ, ପ୍ରଦୀପ ପଣ୍ଡା, ପ୍ରିୟବ୍ରତ ସାମଲ, ଅରବିନ୍ଦ ଦାସ, ଶୁଭଶ୍ରୀ ମିଶ୍ର, ମେଧୀର ଷଡ଼ଙ୍ଗୀ, ବ୍ରଜେନ୍ଦ୍ର ଦାଶ, ଅର୍ଦ୍ଧେନ୍ଦୁ ଷଡ଼ଙ୍ଗୀ, ଭୋଳେଶ୍ୱର ବେହେରା, କୁଞ୍ଜବିହାରୀ ରାଉତ, ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପଣା ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ପ୍ରଫେସର ସମର ମୁଦାଲି ସମ୍ବର୍ଦ୍ଧିତ

ରାଉରକେଲା,୨୪।୫(ସମିସ): ଭୁବନେଶ୍ୱର ସ୍ଥିତ ରବିନ୍ଦ୍ର ମଣ୍ଡପଠାରେ ବିଦ୍ୟା କନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବ ପାଳନ ଅବସରରେ ରାଉରକେଲା ସହରର ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ପ୍ରଫେସର ସମର ମୁଦାଲିଙ୍କୁ ନାଟକ ଓ ଯାତ୍ରା ଜଗତର ବିଖ୍ୟାତ ବ୍ୟକ୍ତିତ୍ୱ ଦିବଂଗତ ସଚ୍ଚି ଦାସଙ୍କ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିପାଇଁ ତାଙ୍କୁ ସହରବାସୀ ଶୁଭେଚ୍ଛା ଜଣାଇଛନ୍ତି।

ଯଶୋବନ୍ତ ସେଠୀ ବଣାଇଁର ନୂତନ ବନଖଣ୍ଡ ଅଧିକାରୀ

ବଣାଇଁ,୨୪।୫(ସମିସ): ଦୀର୍ଘ ୨୪ ଦିନ ଧରି ବଣାଇଁ ବନଖଣ୍ଡ ଅଧିକାରୀ ପଦ ଖାଲି ପଡ଼ିଥିବା ବେଳେ ରାଜ୍ୟ ସରକାର ଶନିବାର ନୂତନ ଡିଏଫଓ ଭାବେ ଯଶୋବନ୍ତ ସେଠୀଙ୍କୁ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ରାଉରକେଲା ବନଖଣ୍ଡର ପୂର୍ବତନ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କୁ ବଣାଇଁ ବନଖଣ୍ଡ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବତନ ଡିଏଫଓଙ୍କ ବଦଳି ପରେ ଦୀର୍ଘଦିନ ଧରି ଏହି ପଦ ଖାଲି ରହିଥିଲା। ଫଳରେ ବନ ବିଭାଗର ବିଭିନ୍ନ ପ୍ରଶାସନିକ କାର୍ଯ୍ୟ ଓ ଜଙ୍ଗଲ ସୁରକ୍ଷା ସମ୍ବନ୍ଧୀୟ କାମରେ ପ୍ରଭାବ ପଡୁଥିବା ଦେଖାଯାଉଥିଲା। ନୂତନ ଡିଏଫଓଙ୍କ ନିଯୁକ୍ତି ପରେ ବନଖଣ୍ଡର କାର୍ଯ୍ୟକଳାପ ଅଧିକ ସକ୍ରିୟ ହେବ ବୋଲି ଆଶା କରାଯାଉଛି।

ସିଣ୍ଟର ପ୍ଲାଣ୍ଟ-୩ରେ ଡବଲ୍ କୋନ୍ ଡାଇଭର୍ଟର ଭାଲ୍‌ଭ ସ୍ଥାପିତ

ରାଉରକେଲା,୨୪।୫(ସମିସ)

କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ସ୍ଥାୟୀ ରକ୍ଷଣାବେକ୍ଷଣ ପ୍ରଣାଳୀ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସେଲ୍‌ର ରାଉରକେଲା ଇସ୍ପାତ କାରଖାନାର ସିଣ୍ଟର ପ୍ଲାଣ୍ଟ-୩ ପକ୍ଷରୁ ପ୍ରତ୍ୟେକ ୱିଣ୍ଡ ମେନ୍ ସ୍ଲିଲେଜ୍ ହପର୍ ପାଇଁ ପୃଥକ ଡବଲ୍ କୋନ୍ ଡାଇଭର୍ଟର ଭାଲ୍ଭ ସ୍ଥାପନ କରି ଏକ ଅଭିନବ ପ୍ରୟାସ ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି। ସ୍ଲିଲେଜ୍ ହ୍ୟାଣ୍ଡଲିଂ ସିଷ୍ଟମର ଦକ୍ଷତା ଓ ବିଶ୍ୱସନୀୟତାକୁ ସୁଧାରିବା ସହିତ ସିଷ୍ଟମରେ ସକ୍ସନ୍ ଲସ୍ କୁ ଯଥେଷ୍ଟ ହ୍ରାସ କରିବା ପାଇଁ ଏହି ପ୍ରଦକ୍ଷେପ ନିଆଯାଇଛି। ପୂର୍ବରୁ ଦୁଇଟି ସ୍ଲିଲେଜ୍ ହପର୍ ସହିତ ଗୋଟିଏ ମାତ୍ର ଡିସିଡିଭି ସଂଯୁକ୍ତ ହୋଇଥିଲା, ଯାହା ଫଳରେ ତୀକ୍ଷ୍ଣ ମୋଡ଼ ଏବଂ ଏକାଧିକ ମଧ୍ୟବର୍ତ୍ତୀ ସେକ୍ସନ୍ ବିଶିଷ୍ଟ ଲମ୍ବା ସ୍ଲିଲେଜ୍ ଲେଗ୍ସ ସୃଷ୍ଟି ହେଉଥିଲା। ଏହି ବ୍ୟବସ୍ଥା ଯୋଗୁଁ ପ୍ରାୟତଃ ଅତ୍ୟଧିକ କ୍ଷୟକ୍ଷତି, ସକ୍ସନ୍ ଲସ୍, ସ୍ଲିଲେଜ୍ ଲେଗ୍ସ ଜାମ୍ ହେବା ଏବଂ ସାମଗ୍ରୀ ଜମା ହୋଇ ରହିବା ଭଳି ସମସ୍ୟା ଦେଖାଯାଉଥିଲା, ଯାହାଫଳରେ ବାରମ୍ବାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା ଏବଂ ସକ୍ସନ୍ ଲିକେଜ୍ ରୋକିବା ପାଇଁ ଅଧିକ ରକ୍ଷଣାବେକ୍ଷଣର ଆବଶ୍ୟକତା ପଡୁଥିଲା। ଏହି ସମସ୍ତ ଆହ୍ୱାନକୁ ଦୂର କରିବା ପାଇଁ ନିକଟରେ ସିଣ୍ଟର ପ୍ଲାଣ୍ଟ-୩ରେ ଦୁଇଟି ନୂତନ ସ୍ୱତନ୍ତ୍ର ଡିସିଡିଭି ସଫଳତାର ସହ ସ୍ଥାପନ କରାଯାଇଛି। ଏହି ନୂତନ ବ୍ୟବସ୍ଥା ପରିବହନ ଲାଇନଗୁଡ଼ିକରେ ମୋଡ଼ ଏବଂ ମଧ୍ୟବର୍ତ୍ତୀ ସେକ୍ସନଗୁଡ଼ିକୁ ହ୍ରାସ କରି ସ୍ଲିଲେଜ୍ ହ୍ୟାଣ୍ଡଲିଂ ରୁଟ୍‌କୁ ଯଥେଷ୍ଟ ସରଳ କରିଦେଇଛି। ଏହାର ପରିଣାମ ସ୍ୱରୂପ, ବେଲ୍ଟ ସହିତ ସଂଯୁକ୍ତ ସ୍ଲିଲେଜ୍ ହ୍ୟାଣ୍ଡଲିଂ ସିଷ୍ଟମରେ ସାମଗ୍ରୀର ସହଜ ପ୍ରବାହ ସମ୍ଭବ ହୋଇଛି, ଚୋକିଂ ହ୍ରାସ ପାଇଛି ଏବଂ କାର୍ଯ୍ୟକ୍ଷମ ସ୍ଥିରତା ସୁଧାରିଛି। ଏହି ପଦକ୍ଷେପ ଦ୍ୱାରା ସକ୍ସନ୍ ଲସ୍‌ରେ ହ୍ରାସ, ଯନ୍ତ୍ରପାତିର କ୍ଷୟକ୍ଷତି କମିବା ଏବଂ ସିଷ୍ଟମର ବିଶ୍ୱସନୀୟତା ବୃଦ୍ଧି ଭଳି ଉତ୍ସାହଜନକ ପରିଣାମ ମିଳିସାରିଛି। ଏହା ଡାଉନ୍‌ଟାଇମ୍ ଏବଂ ରକ୍ଷଣାବେକ୍ଷଣ ହସ୍ତକ୍ଷେପକୁ ମଧ୍ୟ କମାଇଛି, ଯାହା ଫଳରେ ପ୍ଲାଣ୍ଟର ସାମଗ୍ରିକ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଛି। କାର୍ଯ୍ୟକ୍ଷମ ସୁବିଧା ବ୍ୟତୀତ ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷେତ୍ରର ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଅଞ୍ଚଳରେ ଉତ୍ତମ ହାଉସକିପିଂ ପରିସ୍ଥିତିରେ ମଧ୍ୟ ସହାୟକ ହେଉଛି। ସାମଗ୍ରୀ ଲିକେଜ୍ ଏବଂ ଚେକିଂ ହ୍ରାସ ପାଇବା ଫଳରେ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ହାତରେ କରାଯାଉଥିବା ରକ୍ଷଣାବେକ୍ଷଣ କାର୍ଯ୍ୟ ସର୍ବନିମ୍ନ ହୋଇଛି ଏବଂ ସମ୍ପୂର୍ଣ୍ଣ ସିଷ୍ଟମରେ ସ୍ୱଚ୍ଛତା ମାନଦଣ୍ଡରେ ଉନ୍ନତି ଆସିଛି। ଏହି ସକାରାତ୍ମକ ପରିଣାମରେ ଉତ୍ସାହିତ ହୋଇ ସିଣ୍ଟର ପ୍ଲାଣ୍ଟ-୩ ବର୍ତ୍ତମାନ ଆର୍ଥିକ ବର୍ଷ ୨୦୨୬-୨୭ ମଧ୍ୟରେ ଅବଶିଷ୍ଟ ସ୍ଲିଲେଜ୍ ହପର୍ ଗୁଡ଼ିକ ପାଇଁ ଆହୁରି ଆଠଟି ପୃଥକ ଡିସିଡିଭି ସ୍ଥାପନ କରିବାକୁ ଯୋଜନା କରୁଛି। ଏହି ପ୍ରୟାସ ଦୀର୍ଘକାଳୀନ କାର୍ଯ୍ୟକ୍ଷମ ଏବଂ ରକ୍ଷଣାବେକ୍ଷଣ ସୁବିଧା ଆଣିଦେବ ବୋଲି ଆଶା କରାଯାଉଛି, ଯାହାଦ୍ୱାରା ସମ୍ପତ୍ତି ପରିଚାଳନା ପ୍ରଣାଳୀ ସୁଦୃଢ଼ ହେବ ଏବଂ କାରଖାନାର ଉତ୍ପାଦନ ଶକ୍ତି ବୃଦ୍ଧି ପାଇବ ବୋଲି ଜଣାପଡିଛି।

NEWTON COLLEGE OF +2 SCIENCE

NEWTON COLLEGE OF +2 SCIENCE, SAMBALPUR — KNOWLEDGE IS POWER

NEWTON HIGHER SECONDARY SCHOOL OF SCIENCE

OUR A1 CHSE Results - 2026 SCIENCE

6TH RANK IN ODISHA 2ND RANK IN WESTERN ODISHA

10TH : 90.33%

593 (98.83%)

MANOJ KU SAHU

Marks	Name	10th
588 (98%)	ARPAN LAXMAN BHOI	10TH : 92.33%
588 (98%)	PARTHA SARATHI SAHU	10TH :86.00%
587 (97.83%)	ABHIJEET RANA	10TH : 88.50%
584 (97.33%)	SONU PRASAD SAHU	10TH : 92.00%
584 (97.33%)	PIYUSH PADHAN	10TH : 90.00%
583 (97.17%)	SUBHRATA S. SAHU	10TH : 92.00%
583 (97.17%)	ASHUTOSH SAHU	10TH : 93.67%
582 (97%)	BHEESHMA MEHER	10TH : 86.83%
580 (96.66%)	PAYAL SAHU	10TH : 90.33%
578 (96.33%)	GOBINDA CH MEHER	10TH : 80.50%
577 (96.17%)	SHUBHASHISH DASH	10TH:65.83%
577 (96.17%)	MANISHA PADHAN	10TH : 82.67%
577 (96.17%)	BARSHA P DEHURY	10TH : 85.83%
572 (95.33%)	SUSHOBHITA MAHAKUD	10TH : 92.17%
572 (95.33%)	SELINA MAHAPATRA	10TH : 82.67%
572 (95.33%)	PAYAL PRADHAN	10TH : 90.50%
570 (95.00%)	570 SUBHAM BISWAL	10TH : 89.17%
569 (94.83%)	STITIPRANGYA PANDA	10TH : 80.00%
569 (94.83%)	PAYAL PRADHAN	10TH : 86.17%
569 (94.83%)	SUSOVIT SAHU	10TH : 70.50%
568 (94.67%)	DIBYARANJAN SAHU	10TH : 85.67%
567 (94.50%)	SWATI SUMAN ROUT	10TH : 90%
565 (94.17%)	PRIYANSHU PADHAN	10TH : 80.33%
565 (94.17%)	JASMIN DEHURY	10TH : 81.00%
565 (94.17%)	DHIRAJ KU. BHOI	10TH : 91.17%
564 (94%)	SAKSYAT PRADHAN	10TH : 80.83%
564 (94%)	RAKHI MALLIK	10TH : 86.33%
564 (94%)	PANKAJ PRUSETH	10TH : 92.00%
563 (93.83%)	SHREYAS THETHUAR	10TH : 82.83%
563 (93.83%)	SHITAL SA	10TH : 90.67%
563 (93.83%)	BIKASH MEHER	10TH : 78.67%
562 (93.67%)	SLOKANANDA SAHU	10TH : 87.33%
562 (93.67%)	SANGITA MEHER	10TH : 89.00%
562 (93.67%)	BISWAJIT PRADHAN	10TH : 83.50%
561 (93.50%)	PRIYANSU KU. SAHU	10TH : 80.00%
561 (93.50%)	NIBEDITA SAHU	10TH : 84.17%
560 (93.33%)	TULIP RANA	10TH : 80.00%
560 (93.33%)	SHUBHRANSHU SHE.HOTA	10TH : 87.83%
559 (93.17%)	RUDRAKHYA BAGE	10TH : 81.50%
558 (93%)	SOMNATH SAHU	10TH : 85.83%
557 (92.83%)	TANMAYA RANA	10TH : 80.83%
556 (92.67%)	SUMIT SAHOO	10TH : 74.17%
556 (92.67%)	SAIPRAJNA NAYAK	
556 (92.67%)	DIPTAN DEB	10TH : 86.17%
556 (92.67%)	ARMAN KHAMARI	10TH :90.17%
556 (92.67%)	AKANKSHYA PRADHAN	10TH : 86.50%
555 (92.50%)	QUEEN BEHERA	10TH: 77.67%
555 (92.50%)	NITISH KU. BARIK	10TH : 83.67%
555 (92.50%)	CHINMAYA PATEL	10TH : 70.00%
554 (92.33%)	SWAYAMSHREE S. BISHI	10TH : 84%
554 (92.33%)	RADHARANI TRIPATHY	10TH : 90.00%
554 (92.33%)	ANWIT MISHRA	10TH : 80.33%
553 (92.17%)	TIKESWARI BEHERA	10TH : 91.17%
553 (92.17%)	SRIYA MAHANA	10TH : 80.83%
553 (92.17%)	PRIYADARSINI MATIARY	10TH : 86.50%
553 (92.17%)	DIPTIMAYEE SAHU	10TH : 90.00%
553 (92.17%)	AYUSH SAHU	10TH : 90.00%
553 (92.17%)	ANKITA BEHERA	10TH : 90.33%
552 (92%)	OM MAHAPATRA	10TH : 64.33%
552 (92%)	BABYLIN SAHU	10TH : 90.00%
550 (91.67%)	LOVELY SA	10TH : 80.00%
548 (91.33%)	NILAM SAHU	10TH : 76.00%
547 (91.17%)	TANUSHREE PRADHAN	10TH : 82.00%
547 (91.17%)	MANISHA SAHU	10TH : 88.50%
546 (91.00%)	MOHIT BHOI	
545 (90.83%)	GAYATRI BISWAL	
545 (90.83%)	BIMAL DEHERI	
544 (90.67%)	SHRADHANJALI MOHAPATRA	10TH : 77.67%
544 (90.67%)	ANSHUMAN BHITIRIA	
544 (90.67%)	ADHYANTA MOHANTY	10TH : 87.00%
543 (90.50%)	PRIYANKA PADHAN	10TH : 80.17%
543 (90.50%)	PRACHISMITA PADHAN	10TH : 87.67%
543 (90.50%)	JATINDRA NATH MEHER	10TH : 78.83%
542 (90.33%)	PRAGYARANI SAHU	10TH : 81.67%
540 (90%)	KSHYEERABDI PRADHAN	10TH : 83.67%

HIGHEST MARK - 593
ABOVE 90% - 76
ABOVE 95% - 18
ABOVE 80% - 190
ABOVE 500 Marks - 150
FIRST DIVISION - 340
STUDENTS APPEARED - 350

IN CAMPUS SPECIAL PREPARATION FOR
NEET & JEE (MAIN & ADVANCED)

Newton...
Where The Heritage Of Fostering Intellectual Excellence Continues......

A SCIENCE COLLEGE WITH ONLY CLASS - XI & XII
FOCUSING ON INTEGRATED TEACHING FOR COUNCIL & DIFFERENT COMPETITIVE EXAMS
DEBAIPALI, MAJHIPALI CHOWK, SAMBALPUR
99385 86082, 93373 01382, 95833 25666

NEWTON COLLEGE OF +2 SCIENCE
NEWTON HIGHER SECONDARY SCHOOL OF SCIENCE
6th ODISHA TOPPER
2ND IN WESTERN ODISHA

NEWTON COLLEGE OF +2 SCIENCE
NEWTON HIGHER SECONDARY SCHOOL OF SCIENCE
6th ODISHA TOPPER
2ND IN WESTERN ODISHA
KNOWLEDGE IS POWER

ଚଢ଼ଉ ପରେ ବି ଚାଲାଣ
ବଲାଙ୍ଗିରରେ ପ୍ରଶାସନିକ ଚଢ଼ଉକୁ ବେଖାତିର

ବଲାଙ୍ଗିର, ୨୪।୫(ସମିସ)

ବଲାଙ୍ଗିର ଜିଲ୍ଲାରେ ବେଆଇନ ବାଲି ଚାଲାଣ ମାମଲାରେ ଭିନ୍ନ ଏକ ଦୃଶ୍ୟ ଦେଖିବାକୁ ମିଳିଛି। ଜିଲ୍ଲା ମୁଖିଆଙ୍କୁ ବି ବାଲି ମାଫିଆଙ୍କ ଖାତିର ନାହିଁ। ଦୁଇ ଦିନ ଧରି ଜିଲ୍ଲାପାଳ ଓ ଏସ୍‌ପି ମିଶି ବେଆଇନ ବାଲିଚାଲାଣସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲେ। ବହୁ ସଂଖ୍ୟାରେ ଗାଡ଼ି ଜବତ କରିଥିଲେ। କିନ୍ତୁ ଏଥିରେ ବି ମାଫିଆ ଭୟଭୀତ ନହୋଇ ଖୋଲାଖୋଲି ତଥାପି ଚଲାଇଛନ୍ତି ବାଲି ଚାଲାଣ। କିଛି ଏହିଭଳି ଦୃଶ୍ୟ ଜିଲ୍ଲାର ବିଭିନ୍ନ ନଦୀ ପଠାରୁ ସାମ୍ନାକୁ ଆସିଛି। ରାତିଅଧରେ ମେସିନ ଲଗାଇ ଟ୍ରିପ ଟ୍ରିପ ବାଲି ଚାଲାଣ ହେଉଥିବାବେଳେ ସକାଳୁ ସବୁକିଛି ନୀରବ ରହୁଥିବା ଦେଖିବାକୁ ମିଳିଛି। ଏମିତିରେ ପ୍ରଶାସନିକ ଚଢ଼ଉକୁ ବି ଖାତିର କରୁନଥିବା ବାଲିମାଫିଆଙ୍କ ବିରୋଧରେ ଆଗକୁ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବ ନା ନିରବ ରହିବ ତାକୁ ନେଇ ଆଲୋଚନା ଆରମ୍ଭ ହୋଇଛି।

ବଲାଙ୍ଗିର ଜିଲ୍ଲାର ବିଭିନ୍ନ ନଦୀରୁ ବେଆଇନ ବାଲିଘାଟକରି ବାଲି ଚୋରାଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଜିଲ୍ଲାର କିଛି ପ୍ରତିଷ୍ଠିତ ରାଜନେତା, ନେତାଙ୍କ ଅନୁଗତ ଏହି ଚୋରାଚାଲାଣ ସାମ୍ରାଜ୍ୟ ଚଲାଇଥିବା ବେଳେ କିଛି ଦିନ ପୂର୍ବରୁ ଏହି ଚୋରାଚାଲାଣ ଉପରେ ଜିଲ୍ଲା ପ୍ରଶାସନ ଅତର୍କିତ ଚଢ଼ଉ କରିଥିଲା। ଜିଲ୍ଲାପାଳ ଗୌରବ ଶିବାଜୀ

ଇସାଲୱର ଓ ପୁଲିସ ମୁଖିଆ ଅଭିଲାଷ ଜି. ବିଭିନ୍ନ ବାଲିଘାଟ ବୁଲି ଚଢ଼ଉ କରିଥିଲେ। ସେହିପରି ବିଭିନ୍ନ ଥାନାର ଅଧିକାରୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ କରି ମଧ୍ୟ ବାଲିଘାଟ ଉପରେ ଚଢ଼ଉ କରାଯାଇଥିଲା। ଏହିକ୍ରମରେ ପୁଲିସ ୧୦ଟି ବାଲି ଭର୍ତ୍ତି ହାଇୱା, ଗୋଟିଏ ଟିପ୍ପର, ୨ ଟି ଜେସିବି, ୩ ଟ୍ରାକ୍ଟର ଜବତ କରିଥିଲା। ଏହି ଚଢ଼ଉ ପୁଇଁନ୍ତଲା ଥାନା ରାନିସର୍ଡା, ସଦରଥାନା ଗର୍ଜନ, ଲୋଇସିଂହା ଥାନା ଫାସଡ, ସାଲେଭଟା, ଆଗଲପୁର ଥାନା ଅଧୀନ ବାଲିଘାଟ, ସଇଁନ୍ତଲା ଥାନା କୁମ୍ଭାରୀ ଓ ଟିଟିଲାଗଡ଼ ଥାନା ମହଦା ବାଲିଘାଟରେ ଚଢ଼ଉ କରାଯାଇଥିବାବେଳେ

ଏବେ ବି ଚାଲିଛି ବେଆଇନ ବାଲି ଚାଲାଣ

୮ଟି ମାମଲାରେ ୧୪ଜଣଙ୍କୁ ଗିରଫ କରାଯାଇଥିଲା। ଯାହାକି ଜିଲ୍ଲା ପ୍ରଶାସନ ପାଇଁ ଏକ ବଡ଼ ସଫଳତା ସାଜିଥିଲା। କିନ୍ତୁ ଏହି ଚଢ଼ଉ କରିବାର ଅଳ୍ପଦିନ ପରେ ପୁଣି ଏହି ସ୍ଥାନମାନଙ୍କରେ ସଞ୍ଜ ନଇଁଲେ ଜେସିବି ମେସିନ ଲାଗି ବାଲି ଉଠାଯାଉଥିବା ଦେଖିବାକୁ ମିଳିଛି। ନଦୀ ଭିତରେ ରାସ୍ତା ତିଆରି କରି ବଡ ବଡ ହାଇୱା, ଟ୍ରାକ୍ଟରରେ ବାଲି ଲୋଡ କରି ଚାଲାଣ କରାଯାଉଥିବା ଭଳି ଦୃଶ୍ୟ ସାମ୍ନାକୁ ଆସିଛି। ତେବେ ଚଢ଼ଉ କରି ଜବତ ହୋଇଥିବା ଗାଡ଼ି ମାଲିକଙ୍କ ବିରୋଧରେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବା କଥା। କିନ୍ତୁ ଦୁର୍ଭାଗ୍ୟର କଥା ମାମଲା ରୁଜୁ ହେବାର ସପ୍ତାହେ ବିତିବାକୁ ବସିଥିବାବେଳେ ଆଜି ପର୍ଯ୍ୟନ୍ତ ଏହି ବାଲିଚାଲାଣ ଗୁଡ଼ିକର ମୁଖ୍ୟ କିଏ ତାହା ପୁଲିସ କିମ୍ବା ପ୍ରଶାସନ ସ୍ପଷ୍ଟ କରିନାହିଁ। ଯାହାର ସୁଯୋଗ ନେଇ ପୁଣି ଜିଲ୍ଲାରେ ବାଲିଚାଲାଣ ଆରମ୍ଭ ହୋଇଥିବାବେଳେ ରାତିଅଧରେ ଆରମ୍ଭ ହେଉଥିବା ଏହି ଚାଲାଣ ସକାଳ ହେବା ପୂର୍ବରୁ ପୁଣି ବନ୍ଦ ହେଉଥିବା ଦେଖିବାକୁ ମିଳିଛି। କିନ୍ତୁ ନଦୀ କଡ଼ରେ ଚାଲାଣ ପାଇଁ ବ୍ୟବହୃତ ହେଉଥିବା ଗାଡ଼ିକୁ ଲୁଚାଇ ରଖି ପରବର୍ତ୍ତୀ ରାତିରେ ପୁଣି ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ତେବେ ବାଲି ଚାଲାଣ ରୋକିବାକୁ ଉଦ୍ୟମ ଆରମ୍ଭ କରିଥିବା ଜିଲ୍ଲା ପ୍ରଶାସନ ଓ ପୁଲିସ ଏହି ଚଢ଼ଉକୁ ଅଧାରେ ଅଟକାଇବା ପରିବର୍ତ୍ତେ ନିୟମିତ ଭାବେ ଅତର୍କିତ ଭାବେ ଚଢ଼ଉ କଲେ ହୁଏତ ବାଲି ମାଫିଆଙ୍କ ମଧ୍ୟରେ ଭୟ ସୃଷ୍ଟି ହେବାର ଆଶଙ୍କା ରହିଛି। ସେହିପରି ରୁଜୁ ହୋଇଥିବା ମାମଲାରେ ବାଲି ମାଫିଆଙ୍କୁ ଠାବ କରି ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏ ଦିଗରେ ପ୍ରଶାସନ ଓ ପୁଲିସ କଠୋର ଆଭିମୁଖ୍ୟ ପୋଷଣ କରିବାକୁ ଦାବି ହୋଇଛି।

ରେଳଷ୍ଟେସନରୁ ୧୭ ଶିଶୁ ଶ୍ରମିକ ଉଦ୍ଧାର; ସର୍ଦ୍ଦାର ଅଟକ

ବଲାଙ୍ଗିର, ୨୪।୫ (ସମିସ): ବଲାଙ୍ଗିର ରେଳଷ୍ଟେସନରୁ ୧୭ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି ରେଳବାଇ ପୁଲିସ। ପୁରୁଣାକଟକରେ ଏହି ଶ୍ରମିକମାନେ ନିଯୋଜିତ ଥିବା ବେଳେ ସେମାନେ କୋରାପୁଟରେ ଲକ୍ଷ୍ମୀପୁରକୁ ଯାଉଥିବାବେଳେ ଷ୍ଟେସନରେ ସେମାଙ୍କୁ ପ୍ରଥମେ ଆରପିଏଫ୍ ଉଦ୍ଧାର କରିବା ପରେ ଜିଆରପିକୁ ହସ୍ତାନ୍ତର କରିଥିଲେ। ଜିଆରପି ଏନେଇ ଶିଶୁ ସୁରକ୍ଷା କମିଟିକୁ ଯାଞ୍ଚ ପାଇଁ ଖବର ଦେଇଥିବାବେଳେ ଏହି ଶିଶୁ ଶ୍ରମିକମାନଙ୍କୁ ଚାଲାଣ କରୁଥିବା ସର୍ଦ୍ଦାରକୁ ଜିଆରପି ଅଟକ ରଖିଥିବା ଜଣାପଡ଼ିଛି। ଅଟକ ଥିବା ସର୍ଦ୍ଦାର ଜଣକ ଛତିଶଗଡ଼ ବଲରାମପୁର ଅଞ୍ଚଳର ରମେଶ ପାଣ୍ଡୁ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଏହି ୧୭ ଜଣ ଶିଶୁ ଶ୍ରମିକ ଓ ପାଞ୍ଚଜଣ ଅନ୍ୟ ଶ୍ରମିକ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରକୁ ଯିବା ପାଇଁ ବଲାଙ୍ଗିର ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରିଥିଲେ। ସେମାନେ ସେଠାରେ ରେଳବିଭାଗ କାମରେ ନିୟୋଜିତ ଥିବାବେଳେ ଅନ୍ୟ ସ୍ଥାନକୁ ଯାଉଥିବା ଜଣାପଡ଼ିଥିଲା। ସମସ୍ତ ଶ୍ରମିକ ରାଜ୍ୟ ବାହାରର ହୋଇଥିବାରୁ ଆରପିଏଫ୍ ସମସ୍ତଙ୍କୁ ଉଦ୍ଧାର କରି ଜିଆରପିକୁ ହସ୍ତାନ୍ତର କରିଥିଲା। ଏନେଇ ଜିଆରପି ଶିଶୁ ସୁରକ୍ଷା ୟୁନିଟ କୁ ଖବର ଦେଇଥିବାବେଳେ ସମସ୍ତଙ୍କୁ ଶିଶୁମଙ୍ଗଳ ସମିତିରେ ହାଜର କରାଯାଇଥିଲା। ପରେ ସମ୍ପୃକ୍ତ ଶିଶୁ ଶ୍ରମିକଙ୍କୁ ପଥରଚେପା ଓ ଆଦୃତ ଆଶ୍ରମରେ ଥଇଥାନ କରାଯାଇଛି।

କିରକିଟା ଜଙ୍ଗଲରୁ ଶାଳକାଠ ଚୋରା ଚାଲାଣ
କାଠ ବୋଝେଇ ଟ୍ରାକ୍ଟର ଧରି ବନବିଭାଗକୁ ହସ୍ତାନ୍ତର

ଥୁଆମୂଳରାମପୁର, ୨୪।୫(ସମିସ):କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ନର୍ଥ ରେଞ୍ଜ ଅଧୀନରେ ଥିବା କିରକିଟା ସଂରକ୍ଷିତ ଜଙ୍ଗଲରୁ ଶନିବାର ରାତିରେ ଶାଳ କାଠ କାଟି ଓଡି୦୮ ଜି

୮୧୭୫ ନମ୍ବର ଟ୍ରାକ୍ଟର ଏବଂ ଓଡି୦୮ ଜେ ୪୮୭୬ ଟ୍ରଲିରେ ଚୋରାଚାଲାଣ କରାଯାଉଥିବା ବେଳେ ଗ୍ରାମବାସୀ ଟ୍ରାକ୍ଟର ଜବତ କରିଥିଲେ। ଗ୍ରାମର ଲୋକମାନେ କାଠ ବୋଝେଇ ଟ୍ରାକ୍ଟରକୁ ଅଟକ ରଖି ତୁରନ୍ତ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀମାନେ ପହଞ୍ଚି ଟ୍ରାକ୍ଟରକୁ ଜବତ କରି ସାଇସୁରୁଣୀ ରେଞ୍ଜ ଅଫିସକୁ ନେଇଯାଇଥିବା ସୂଚନା ମିଳିଛି। ଜବତ ହୋଇଥିବା ଟ୍ରାକ୍ଟରରେ ଶାଳ ବହ୍ଲା ଲୋଡ଼ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ସମ୍ପୃକ୍ତ ଟ୍ରାକ୍ଟର ମାଲିକ ଉତ୍ୟକ୍ତ ହୋଇ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିବା ସହ ଗୁଣ୍ଡା ଲଗାଇ ମାଡ଼ ମାରିବାକୁ ଧମକ ଦେଇଥିବା ଭଳି ଅଭିଯୋଗ ଶୁଣିବାକୁ ମିଳୁଛି। ଘଟଣାର ସଠିକ ତଦନ୍ତ କରି ସମ୍ପୃକ୍ତଙ୍କ ବିରୋଧରେ ବନବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଘଟଣା ସମ୍ପର୍କରେ ସାଇସୁରୁଣୀ ରେଞ୍ଜର ଓ ଫରେଷ୍ଟରଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନଥିଲା।

ଗୋଚର ଜମି ମାଡ଼ି ବସିଛନ୍ତି ବଡ଼ବଡ଼ିଆ
ସୁରକ୍ଷା ଦେବାରେ ରାଜସ୍ୱ ବିଭାଗ ବିଫଳ

କଲମପୁର, ୨୪।୫(ସମିସ): ବିଭିନ୍ନ କିସମର ଜମି ମଧ୍ୟରୁ ଗୋଚର ଜମି ପାଇଁ ସ୍ୱତନ୍ତ୍ର ନିୟମ ରହିଛି। ନିୟମ ଅନୁସାରେ ଗୋଚର ଜମିକୁ କାହାକୁ ହସ୍ତାନ୍ତର କରାଯାଇ ପାରିବ ନାହିଁ। ତଥା କେହି ଏହି କିସମର ଜମିକୁ ଜବରଦଖଲ କରି ପାରିବ ନାହିଁ। କିନ୍ତୁ କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୂଚନା ଅନୁସାରେ କଲମପୁର ତହସିଲ ଅନ୍ତର୍ଗତ କଲମପୁର ରାଜସ୍ୱ ମଣ୍ଡଳର କ୍ଷେତ୍ରଫଳ ୨୩୫୧୦ ରହିଥିବା ବେଳେ ରାଜସ୍ୱ ଜମିର ପରିମାଣ ହେଲା ରୟତ ଜମି ୧୯୫୭୨, ୭୮, ଅନାବାଦୀ ଜମି ୧୧୯୪, ୭୦(ନାଲ, ପାହାଡ)ଆବାଦ ଯୋଗ୍ୟ ଅନାବାଦୀ ଜମି ଯାହାକି ଜଙ୍ଗଲ ୩୪୪, ୫୫ ଓ ଗୋଚର ଜମିର ପରିମାଣ ୧୩୬୮, ୦୯ ଏକର ରହିଛି, ଏତେ ସଂଖ୍ୟକ ଗୋଚର ଜମି ରହିଥିବା ବେଳେ ଏହା ଅଛି କି ନାହିଁ ଏ ପ୍ରଶ୍ନର ଉତ୍ତର ରାଜସ୍ୱ ବିଭାଗ ପକ୍ଷରୁ ମିଳି ପାରୁନାହିଁ, ଏହି ତଥ୍ୟ ପୂର୍ବରୁ ଥିଲା ବୋଲି ରାଜସ୍ୱ ବିଭାଗର ମତ, ତେବେ ପୂର୍ବରୁ ବା ପରେ ହେଲେ ମଧ୍ୟ କୌଣସି ପରିସ୍ଥିତିରେ ବି ଗୋଚର ଜମି ପରିମାଣ କମିବାର ପ୍ରଶ୍ନ ଉଠୁନାହିଁ, ତେବେ ସେହି ଗୋଚର ଜମି ଦେଖାଯାଉ ନାହିଁ କାହିଁକି, ଏପ୍ରଶ୍ନର ଉତ୍ତର ରଖିଛନ୍ତି କଲମପୁର ରାଜସ୍ୱ ନୀରିକ୍ଷକ, ସେ କହିଛନ୍ତି ଯେ ରେକର୍ଡ ଅନୁଯାୟୀ ସେତିକି ପରିମାଣରେ ନାହିଁ, ଖୁବ କମ ଅଛି, , କିନ୍ତୁ କେତେ ଅଛି, କେଉଁଠି ଅଛି ଏପ୍ରଶ୍ନର ଉତ୍ତର ଦେଇ ପାରି ନାହାଁନ୍ତି କଲମପୁର ରାଜସ୍ୱ ନୀରିକ୍ଷକ। ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ ଯେ କଲମପୁର ଆରଆଇ ସର୍କଲରେ ନଥିପତ୍ରରେ ଗୋଚର ଜମିର ପରିମାଣ ୧୩୬୮, ୦୯ ଏକର ରହିଛି, କିନ୍ତୁ ବାସ୍ତବରେ ଏସବୁ ନିଶ୍ଚିହ୍ନ ହୋଇ ଗଲାଣି, ବଡ଼ବଡ଼ିଆ ମାନେ ଗୋଚର ଜମି ଉପରେ ମାଡ଼ିବସି କିଏ ଚାଷ ଜମିରେ ପରିଣତ କଲାଣି ତ କିଏ ଘର ନିର୍ମାଣ କରି ରହିଲାଣି, ଏପଟେ ଖାଦ୍ୟ ଅନ୍ୱେଷଣରେ ପ୍ରାଣୀ ଜଗତ କଲବଲ ହେବାରେ ଲାଗିଛନ୍ତି। ଗୋଚର ଜମି ନ ଥିବାରୁ ଘାସ ପତ୍ର ଉପରେ ନିର୍ଭର କରି ଆସୁଥିବା ପ୍ରାଣୀଙ୍କୁ ଆଉ ଖାଦ୍ୟ ମିଳି ପାରୁନାହିଁ, ଗୋ ପାଳକ, ମେଷ ପାଳକମାନେ ଏମାନଙ୍କୁ ଖାଦ୍ୟ ଖରିଦ କରି ଦେବାକୁ ସକ୍ଷମ ହୋଇ ପାରୁ ନାହାଁନ୍ତି। ଫଳରେ ଗୋଚର ଜମି ଲୋପ ପାଇ ଥିବା ବେଳେ ପ୍ରାଣୀ ଜଗତ ବିଲୁପ୍ତ ହେବାକୁ ବସିଛନ୍ତି, ଅନେକ କିସମର ଜମି ବହୁଳ ଭାବରେ ଜବରଦଖଲ ହୋଇଥିଲେ ମଧ୍ୟ ପ୍ରାଣୀ ସମ୍ପଦକୁ ବଞ୍ଚାଇ ରଖିବା ଲାଗି ଗୋଚର ଜମି ଉଦ୍ଧାର କରିବା ନିତାନ୍ତ ଆବଶ୍ୟକତା ରହିଛି। ଏହି ସମସ୍ୟା କେବଳ କଲମପୁର ଆରଆଇ ସର୍କଲରେ ନୁହଁ, ମଣ୍ଡଳ, ବଡକୁଟ୍ରୁ, ହାରାମାଲ ଆରଆଇ ସର୍କଲରେ ମଧ୍ୟ ଲାଗି ରହିଛି, ଏହା କେବଳ ଗୃହ ପାଳିତ ପ୍ରାଣୀ ସମ୍ପଦ ପାଇଁ ନୁହେଁ ଏହା ବନ୍ୟ ପ୍ରାଣୀ ସମ୍ପଦମାନଙ୍କ ପାଇଁ ମଧ୍ୟ ଆବଶ୍ୟକତା ରହିଛି, ଗୋଚର ଜମିକୁ ଉଦ୍ଧାର କରିବାକୁ ହେଲେ ପ୍ରଥମେ ଚିହ୍ନଟ କରାଯାଉ। ଏଥି ସହିତ ସେଠାରେ ସମସ୍ତ ବିବରଣୀର ସୂଚନାଫଳକ ନିର୍ମାଣ କରାଯାଉ, ଯେମିତି ପରବର୍ତ୍ତୀ ସମୟରେ ସେହି ଗୋଚର ଜମିକୁ କେହି ଅକ୍ତିଆର କରିବେ ନାହିଁ। ଫଳରେ ପ୍ରାଣୀ ପାଳକ ମାନେ ମଧ୍ୟ ନିଜର ହକ ଦେଖାଇ ପାରିବେ, ଅନ୍ୟଥା ନଥିପତ୍ରରେ ସୁନ୍ଦର ଦିଶୁଥିବ ଗୋଚର ଜମିର ପରିମାଣ କିନ୍ତୁ ବାସ୍ତବରେ ଖୋଜିଲେ ଚିହ୍ନବର୍ଣ୍ଣ ନ ଥିବ, ସବୁ ଲିନ ହୋଇ ସାରିବା ପରେ ପ୍ରାଣୀମାନଙ୍କୁ ଫଟୋ ଚିତ୍ରରେ ଦେଖି ଆଖି ସନ୍ତୋଷ ଲାଭ କରିବା ହିଁ ସାର ହେବ। ଏନେଇ କଲମପୁର ତହସିଲଦାର ଶ୍ରୀମତୀ ସ୍ମରଣିକା ତୁଳଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇ ଥିଲେ ମଧ୍ୟ ସେ ଛୁଟିରେ ଥିବାରୁ ମତାମତ ମିଳିପାରି ନାହିଁ।

ଚୋରି ଉଦ୍ୟମ ଘଟଣାର ତଦନ୍ତ

କେସିଙ୍ଗା, ୨୪।୫(ସମିସ): କଳାହାଣ୍ଡିଜିଲ୍ଲା କେସିଙ୍ଗା ୱାର୍ଡ ନମ୍ବର ୧୨ର ଏକ ଖାଲି ଘରୁ ଚୋରି ଉଦ୍ୟମ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ୧୨ ନଂ ୱାର୍ଡର ସ୍ୱର୍ଗତ ଗୋପାଳ କୃଷ୍ଣ ପଟ୍ଟନାୟକଙ୍କ ଘରୁ ଗତ ଶନିବାର ଦିନ ଚୋରି ଉଦ୍ୟମ ହୋଇଛି। ଘର ଲୋକେ ଉକ୍ତ ଘରେ ରହୁନଥିବାରୁ ଚୋରମାନେ ଘରେ ପଶି ଚୋରି ଉଦ୍ୟମ କରିଛନ୍ତି। ଚୋରି ସମ୍ବନ୍ଧରେ ତାଙ୍କ ଭାଇ ଆଇନଜୀବୀ ଗୋପାଳ ପଟ୍ଟନାୟକ ପୁଲିସକୁ ସୂଚନା ଦେବା ପରେ ପୁଲିସ ସନ୍ଧାନୀ କୁକୁର ଆଣି ତଦନ୍ତ ଆରମ୍ଭ କରିଛି। ଘରର ଆଲମୀରା ଭାଙ୍ଗି କିଛି ମାତ୍ରାରେ ସୁନା, ରୁପା ଓ କିଛି ନଗଦ ରାଶି ଚୋରି ହୋଇଥିବା ପରିବାର ବର୍ଗ ସୂଚନା ଦେଇଥିଲେ ମଧ୍ୟ ଚୋରିର ପରିମାଣ ଜଣାପଡ଼ିନାହିଁ। ଘର ଲୋକେ ଫେରିଲେ ଚୋରି ସାମଗ୍ରୀର ସମ୍ପୂର୍ଣ୍ଣ ତଥ୍ୟ ମିଳି ପାରିବ। ଅନ୍ୟପଟେ କେସିଙ୍ଗା ଥାନା ନାଗୁପଲ୍ଲୀରେ ରବିବାର ବିଦ୍ୟୁତ୍ ତାର ଚୋରି ଉଦ୍ୟମ ବେଳେ ଗ୍ରାମବାସୀ ଜଣେ ଚୋରକୁ କାବୁ କରି ପୁଲିସ ଜିମା ଦେଇଛନ୍ତି। କେସିଙ୍ଗାର ଚୋରିକୁ ନେଇ କେସିଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ପ୍ରତିକ୍ରିୟାରେ ଘଟଣାର ତଦନ୍ତ ଚାଲିଛି ଘରେ କେହି ରହୁନଥିଲେ ତେଣୁ ବିଶେଷ କିଛି ଚୋରି ହୋଇନାହିଁ ବୋଲି କହିଛନ୍ତି। ସେହିଭଳି ତାର ଚୋରି ଉଦ୍ୟମ ହୋଇଥିବା ଅଭିଯୋଗକୁ ଭିତ୍ତିକରି ଆମେ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛୁ ବୋଲି କହିଛନ୍ତି।

ଅଗ୍ନିଶମ ବିଭାଗ ଅଫିସକୁ ଘେରିଲେ ମହୁଲଭଟାବାସୀ
ଦେବୀଗୁଡ଼ି ରାସ୍ତାକୁ ବନ୍ଦରୁ ଅସନ୍ତୋଷ

ନୂଆପଡ଼ା, ୨୪।୫(ସମିସ): ନୂଆପଡ଼ା ସହରଭିତରେ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ଆଜିକୁ ପ୍ରାୟ ଶହେ ବର୍ଷ ହେବ ମହୁଲଭଟାଗାଁବାସୀଙ୍କ ଗ୍ରାମଦେବୀ ମାତାଗୁଡ଼ି ରହି ଆସିଛି। ସେଠାରେ ଆଜକୁ ଦଶ ବାର ବର୍ଷ ତଳେ ବିଭାଗର କାର୍ଯ୍ୟାଳୟ ସ୍ଥାପନ ହୋଇଛି। ହେଲେ ଦେବୀଗୁଡ଼ି ପାଇଁ ଉପଯୁକ୍ତ ରାସ୍ତା ନ ଛାଡି ନିର୍ମାଣ କାମ କରାଯାଉଛି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ତେରା ପକାଇଥିଲେ। ବିଭିନ୍ନ ନାରାବାଜି କରି ସମାଧାନ ନହେବା ଯାଏଁ ହଟିବୁ ନାହିଁ ବୋଲି ଅଡ଼ି ବସିଥିଲେ ।ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ସହ ପୁଲିସ ପ୍ରଶାସନ ପହଞ୍ଚି ସମାଧାନର ରାସ୍ତା ବାହାର କରିବା ପରେ ହଟିଥିଲେ। ପ୍ରକାଶ ଯେ ମହୁଲ ଭଟା ଗ୍ରାମବାସୀଙ୍କ ଆରାଧ୍ୟ ଦେବୀ ଗୁଡ଼ି ଦୀର୍ଘ ବର୍ଷ ଧରି ରହି ଆସିଛି।ହେଲେ ଏଠାରେ ଅଗ୍ନିଶମ ବିଭାଗର ଅଫିସ ଗୃହ ସହ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଧୀରେ ଧୀରେ ଦେବୀଗୁଡ଼ି ରାସ୍ତା ସଂକୁଚିତ ହେବାକୁ ବସିଛି। ଖବର ପାଇ ଗ୍ରାମବାସୀ ରବିବାର ପୂର୍ବାହ୍ଣରେ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ବିଗତ ଦିନ ମାନଙ୍କରେ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେହି ଶୁଣୁନଥିବା ଅଭିଯୋଗ କରିଥିଲେ। ଏସମ୍ପର୍କରେ ଜିଲ୍ଲାପାଳ ଖବର ପାଇ ଏକ ପ୍ରଶାସନିକ ଟିମ୍ ସହ ପୁଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଖୁବ ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଓହରିଯାଇଥିଲେ।

ସମାଧାନ ସମାରୋହ-୨୦୨୬ ପାଇଁ ପ୍ରସ୍ତୁତି ଜୋରଦାର୍

ଥୁଆମୂଳରାମପୁର, ୨୪।୫ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ତାଲୁକ ଲିଗାଲ ସର୍ଭିସେସ କମିଟି ପକ୍ଷରୁ 'ସମାଧାନ ସମାରୋହ-୨୦୨୬'ବିଶେଷ ଲୋକ ଅଦାଲତ ସମ୍ପର୍କିତ ପ୍ରେସ୍ ବିବରଣୀ ଓ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତାଲୁକ ଲିଗାଲ ସର୍ଭିସେସ କମିଟିର ଅଧ୍ୟକ୍ଷ ତଥା ଜେଏମଏଫସି ଡ଼.ତାରିଣୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ 'ମା'ମାଣିକେଶ୍ୱରୀ ପ୍ରିଣ୍ଟ ମିଡିଆ ସାମ୍ବାଦିକ ସଂଘ'ର ସଦସ୍ୟମାନେ ଯୋଗଦେଇ ଆଲୋଚନା କରିଥିଲେ। ଆଲୋଚନାରେ ସୂଚନା ଦିଆଯାଇଥିଲା ଯେ, ଭାରତର ସୁପ୍ରିମ କୋର୍ଟଙ୍କ ପରିଚାଳନାରେ 'ସମାଧାନ ସମାରୋହ-୨୦୨୬'ବିଶେଷ ଲୋକ ଅଦାଲତ ଆସନ୍ତା ଅଗଷ୍ଟ ୨୧, ୨୨ ଓ ୨୩ ତାରିଖରେ ଅନୁଷ୍ଠିତ ହେବ। ଏହାର ମୂଳ ଲକ୍ଷ୍ୟ ହେଉଛି ମଧ୍ୟସ୍ଥତା ଓ ସମଝୌତା ମାଧ୍ୟମରେ ଦୀର୍ଘଦିନ ଧରି ଅପେକ୍ଷାରତ ମାମଲାଗୁଡ଼ିକର ସମାଧାନ କରି ନ୍ୟାୟାଳୟରେ ମାମଲାର ଭାର କମାଇବା। ସେହିପରି ନାଲସାର ସହଯୋଗରେ ଆଇନ ସଚେତନତା ଓ ଲୋକ ଅଦାଲତ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ଜଣାପଡ଼ିଛି। ଯେଉଁଠି ବିଶେଷ ଭାବରେ ବିବାଦ ସମ୍ବନ୍ଧୀୟ ଯଥା ବ୍ୟାଙ୍କି କ୍ଷେତ୍ରରେ କ୍ଷତିପୂରଣ ଜନିତ, ଶ୍ରମ ଏବଂ ଶିଳ୍ପ ସଂକ୍ରାନ୍ତୀୟ, ସମ୍ପତ୍ତିକର, ଚାକିରୀ ସମ୍ବନ୍ଧୀୟ, ଦେଓ୍ୱାନୀ, ଉପଭୋକ୍ତା ବିବାଦ, ପାରିବାରିକ ବିବାଦ, ଭଡ଼ା ଓ ଉଚ୍ଛେଦ ମାମଲା ଏବଂ ସ୍ଥାନାନ୍ତରଣ ଆବେଦନ ଜନିତ ସାମାଜିକ କାର୍ଯ୍ୟ, ଶିକ୍ଷା, ଆଇନ, କୃଷି, ପାରାଲିଗାଲ ସେବା, ରିଅଲ୍ ଏଷ୍ଟେଟ୍ ଓ ଅନ୍ୟାନ୍ୟ ସେବାକ୍ଷେତ୍ର ସହ ଜଡିତ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ। ବୈଠକରେ କୁହାଯାଇଥିଲା ଯେ, ନ୍ୟାୟାଳୟ ଓ ସାଧାରଣ ଲୋକଙ୍କ ମଧ୍ୟରେ ସେତୁ ସୃଷ୍ଟି କରିବା ସହ ଆଇନ ସଚେତନତା ଓ ଜନହିତକାରୀ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ନିଭାଇବେ। ଇଚ୍ଛୁକ ବ୍ୟକ୍ତିମାନେ ଗୁଗୁଲ୍ ଫର୍ମ ମାଧ୍ୟମରେ ଅନଲାଇନ୍ ଆବେଦନ କରିପାରିବେ ବୋଲି ସୂଚନା ଦିଆଯାଇଛି। ମା'ମାଣିକେଶ୍ୱରୀ ପ୍ରିଣ୍ଟ ମିଡିଆ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ବଳଭଦ୍ର ବାଗ, ପ୍ରଦୀପ କୁମାର ପଣ୍ଡା, କୈଳାସ ଛତ୍ରିଆ, କିର୍ତ୍ତୀ ଚନ୍ଦ୍ର ଦୁର୍ଗା, ବିର ବଜ୍ରଙ୍ଗ ନାଏକ, ଅଙ୍ଗଦ ନାଏକ ଏବଂ ଆଇନଜୀବି ମନୋରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅଧିକ ସୂଚନା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭବାନୀପାଟଣା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

ଶ୍ରେଣୀଗୃହ ନିର୍ମାଣ ନିମ୍ନମାନ ଅଭିଯୋଗ
ନିର୍ମାଣ ସ୍ଥାନକୁ ଆସୁନାହାଁନ୍ତି ଅଧିକାରୀ

ସଇଁତଳା, ୨୪।୫(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ କୁରାବନ୍ଧ ପଞ୍ଚାୟତ ଖମଗଡ଼ାରେ ଚାଲୁଥିବା ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟକୁ ନେଇ ସ୍ଥାନୀୟଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଥିବାବେଳେ, ତୀବ୍ର ଖରା ଓ ଗରମ ସତ୍ତ୍ୱେ ଦିନ ଗୋଟାଏ ପର୍ଯ୍ୟନ୍ତ କାମ ଚାଲୁଥିବାରୁ ଶ୍ରମିକମାନେ

ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ନିର୍ମାଣ କାମରେ ବ୍ୟବହୃତ ସାମଗ୍ରୀର ଗୁଣମାନ ନିମ୍ନ ଥିବା ସହିତ ନିର୍ଦ୍ଧାରିତ ମାନକୁ ମାନାଯାଉ ନାହିଁ। ନିମ୍ନମାନର ଇଟା, ଗୋଡ଼ି ମିଶା ବାଲି, କଳଙ୍କି ଲଗା ଲୁହାରଡ଼ରେ କାମ ଚାଲୁଥିବା ସମୟରେ କୌଣସି ଦାୟିତ୍ୱପ୍ରାପ୍ତ ଅଧିକାରୀ ନିର୍ମାଣ ସ୍ଥଳରେ ଉପସ୍ଥିତ ରହୁନଥିବାରୁ ନିରୀକ୍ଷଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଫଳକ ଲାଗି ନ ଥିବାରୁ କାମରବିବରଣୀ ଜଣାପଡୁନାହିଁ। ଏନେଇ ପ୍ରଶାସନ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜନସାଧାରଣ ଦାବି କରୁଛନ୍ତି।

ପିଇବା ପାଣି, ବିଜୁଳି କାଟ୍ ଯୋଗୁଁ ଡହଳବିକଳ ବଲାଙ୍ଗିରବାସୀ
'ଭୋଟନେଇ ଅଭିଯୋଗ ଶୁଣୁନାହାନ୍ତି ଜନପ୍ରତିନିଧି'

ବଲାଙ୍ଗିର, ୨୪।୫(ସମିସ): ୨୦୧୪ରୁ ୨୩ ମସିହା ପର୍ଯ୍ୟନ୍ତ ବଲାଙ୍ଗିରବାସୀଙ୍କ ପାଇଁ ପିଇବା ପାଣି ଓ ଲୋ ଭୋଲଟେଜ୍ ଓ ବିଦ୍ୟୁତ କାଟ ସମସ୍ୟାକୁ ପ୍ରାୟତଃ ସମାଧାନ କରାଯାଇଥିଲା। ପ୍ରତ୍ୟେକ ୱାର୍ଡରେ ପିଇବା ପାଣି ପାଇପ୍ ହେଉ କି ଟ୍ୟାଙ୍କର ଯୋଗେ ପହଞ୍ଚା ଯାଇଥିଲା କିନ୍ତୁ ଆଜି କ'ଣ ପାଇଁ କେବଳ ସହର ନୁହେଁ ଗାଁ ଗାଁ ରେ ମଧ୍ୟ ପିଇବା ପାଣି, ବିଜୁଳିକୁ ନେଇ ଲୋକେ ଡହଳବିକଳ ହେଉଛନ୍ତି। ବଲାଙ୍ଗିରବାସୀ ବିଶ୍ୱାସ କରି ଭୋଟ ଦେଲେ ବର୍ତ୍ତମାନ ସେମାନେ ବିଧାୟକ, ମନ୍ତ୍ରୀ ହୋଇଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବାକୁ ପଛଘୁଞ୍ଚା ଦେଉଛନ୍ତି ବୋଲି ପୂର୍ବତନ ଆଇନ ମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବନ୍ଧକଟାର ଉନ୍ନତି ପାଇଁ ନଗର କଂଗ୍ରେସ ତରଫରୁ ବାରମ୍ବାର ଆନ୍ଦୋଳନ କରାଯାଇଥିଲା କିନ୍ତୁ ଏକ ସମୟରେ ଉନ୍ନତୀକରଣ ନାଁ ରେ ସମସ୍ତ ବନ୍ଧକଟାର ପାଣି ସୁଖେଇ ଦେବାରୁ ବର୍ତ୍ତମାନ ସହରର ଭୂତଳ ଜଳସ୍ତର ବହୁତ ନିମ୍ନକୁ ଚାଲିଯାଇଛି। ୨୦ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଥିବା ମହାରାଣୀ ସାଗର ସୌନ୍ଦର୍ଯ୍ୟକରଣ ଦୁର୍ନୀତିରେ ପୌରପରିଷଦ ବୁଡ଼ି ରହିଛି। ପୁଣି ବର୍ତ୍ତମାନ ସହରର ସବୁ ବନ୍ଧକଟାର ମାଟି ଉତ୍ତୋଳନ କାମ ଏତେ ଧିମାରେ ଚାଲିଛି ଯେ ଏଥିରେ ମଧ୍ୟ ଯଦି ଗୋଟିଏ ଦୁଇଟା ବର୍ଷା ହୋଇଯାଏ ତେବେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ ଦେଖାଇ ଅନୁଦାନ ରାଶିକୁ ଆତ୍ମସାତ କରିଦେବେ। ନିର୍ବାଚନ ଜିତିଯିବା ପରେ ବିଧାୟକ ମନ୍ତ୍ରୀମାନେ ଲୋକଙ୍କ ଅଭିଯୋଗ ଶୁଣୁ ନାହାନ୍ତି, ତେଣୁ ସେମାନେ ମଧ୍ୟ ଦୁର୍ନୀତିରେ ଲିପ୍ତ ବୋଲି ଚାଲିଆଡେ ଲୋକେ ଚର୍ଚ୍ଚା କଲେଣି। ଜିଲ୍ଲାରୁ ଶକ୍ତି ମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଥାଇ ଉଭୟ କାହିଁକି ବିଜୁଳି କାଟ ଓ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ

କରିବାରେ ବିଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର କ୍ଷୋଭର ସହ କହିଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମହିଳା କଂଗ୍ରେସ ସଭାପତି ଜୟନ୍ତି ପୁଟେଲ ନାରୀ ନିର୍ଯ୍ୟାତନା ରୋକିବାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଫେଲ ହୋଇଛନ୍ତି ବୋଲି କହିଥିଲେ। ଏ ସମସ୍ୟାର ସମାଧାନ ପ୍ରତି ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆମେ ଘରକୁ ଘର ବୁଲି ସରକାରର ବିରୋଧରେ ଯୁଦ୍ଧମ୍ ଦେହି ଡାକରା ଦେବୁ ବୋଲି କହିଥିଲେ। ଦେଓଗାଁ ବ୍ଲକ ମହିଳା କଂଗ୍ରେସ ସଭାପତି ତଥା ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ ଗାଁରେ ଇନ୍ଦିରା ଆବାସ, ବାର୍ଦ୍ଧକ୍ୟ ଭତ୍ତା, ସୁଭଦ୍ରା ଯୋଜନା ନାଁ ରେ ଲୋକଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭୁଆଁ ବୁଲାଇଛନ୍ତି ବୋଲି କହିଥିଲେ।

ପାଣି ପାଇଁ ଆଉଟୁପାଉଟୁ କୁଶମେଲ ପଞ୍ଚାୟତବାସୀ

ବଲାଙ୍ଗିର, ୨୪।୫(ସମିସ)

ନଦୀ କଡ଼ ପଞ୍ଚାୟତବାସୀଙ୍କୁ ପିଇବା ପାଇଁ ମିଳୁନି ନଦୀପାଣି। ସୁକତେଲ ନଦୀ ସ୍ରୋତ ବନ୍ଦ ହେବା ଦିନଠାରୁ ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଅଧୀନ କୁଶମେଲ ପଞ୍ଚାୟତବାସୀ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଅବଶ୍ୟ ସ୍ଥାନୀୟ ସରପଞ୍ଚଙ୍କ ଉଦ୍ୟମ କ୍ରମେ କିଛିସ୍ଥାନରେ ପିଇବା ପାଣି ସମସ୍ୟା କିଛିମାତ୍ରାରେ ପ୍ରଶମନ ହୋଇଛି କିନ୍ତୁ ତାହା ମଧ୍ୟ ପର୍ଯ୍ୟାପ୍ତ ନଥିବା ଅଭିଯୋଗ ହୋଇଛି। ନଦୀ ପାଣି ଉପରେ ଭରସା ନକରି ଓଭରହେଡ ଟ୍ୟାଙ୍କ ପାଖରେ ବୋରୱେଲ ଖୋଳିପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି ତଥାପି ଲୋକେ ପାଣି ପାଇଁ ବହୁ ଦୂରକୁ ଯାଇ ଆଣୁଥିବା ଦେଖିବାକୁ ମିଳୁଛି।

ଗ୍ରୀଷ୍ମ ସମୟରେ ବଲାଙ୍ଗିର ଜିଲ୍ଲାରେ ପାନୀୟଜଳ ସମସ୍ୟା ଉତ୍କଟ ହେଉଥିବା ଦେଖିବାକୁ ମିଳିଛି। ଚଳିତବର୍ଷ କିନ୍ତୁ ଏହା ଚରମ ସୀମାରେ ପହଞ୍ଚିଥିବା ଦେଖିବାକୁ ମିଳିଛି। ନଦୀସ୍ରୋତ କମିବା, ଭୂତଳ ଜଳସ୍ତର ହ୍ରାସ ହେବା ଯୋଗୁଁ ନଦୀ କଡ଼ରେ ଥିବା ଗାଁ ମାନଙ୍କରେ ପାନୀୟଜଳ ପାଇଁ ଲୋକେ ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି। ଏହିଭଳି ଦଶା ଭୋଗୁଥିବା ଅନ୍ୟତମ ପଞ୍ଚାୟତ ହେଉଛି

ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତ। ପ୍ରାୟ ୧୪ ହଜାର ଜନସଂଖ୍ୟା ଥିବା ଏହି ପଞ୍ଚାୟତର ଅଧିକ ଗାଁ ସୁକତେଲ ନଦୀ କଡ଼ରେ ରହିଛି। କୁଶମେଲ, ଫଟାବାହାଲ, ଘୁଙ୍ଗି, ଖଲିଆପାଲି, କଟାପାଲି, ଜାମୁଟିଆ, ଲଙ୍କାବାହାଲ ଗାଁରେ ଏବେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏହି ଗାଁମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ସାତଟି ଓଭରହେଡ ଟ୍ୟାଙ୍କ ବ୍ୟବସ୍ଥା କରାଯାଇଛି। ନିକଟସ୍ଥ ସୁକତେଲ ନଦୀରୁ ଏହି ଓଭରହେଡ ଟ୍ୟାଙ୍କକୁ ପାଣି ଆସୁଥିବାବେଳେ ସେହି ଟ୍ୟାଙ୍କରୁ ଗାଁ ରେ ପାନୀୟ ଜଳ ଯୋଗାଣ ହୋଇଥାଏ। କିନ୍ତୁ ଚଳିତବର୍ଷ ଗ୍ରୀଷ୍ମ ଆରମ୍ଭରୁ ନଦୀ ଶୁଖିଲା ପଡ଼ିଥିବାବେଳେ ଓଭରହେଡ ଟ୍ୟାଙ୍କକୁ ମଧ୍ୟ ପାଣି ଆସିବା ବନ୍ଦ ହୋଇଯାଇଥିଲା। ଅଳ୍ପ ପରିମାଣର କିଛି ନଦୀ ପାଣି ଆସୁଥିବାବେଳେ ତାହା ଲୋକଙ୍କ ଶୋଷ ମେଣ୍ଟାଇବାରେ ବିଫଳ ହୋଇଥିଲା। ଫଳରେ ଲୋକେ ପାଣି ପାଇଁ ଦୂରକୁ ଯାଇ ପାଣି ଆଣୁଥିବା ଦୃଶ୍ୟ ସାମ୍ନାକୁ ଆସିଥିଲା। ତେବେ ସ୍ଥାନୀୟ ସରପଞ୍ଚ କସ୍ତୁବ ସାହୁଙ୍କ କହିବା ଅନୁସାରେ ପଞ୍ଚାୟତରେ ନିହାତି ଭାବେ ପାନୀୟଜଳ ସମସ୍ୟା ରହିଛି। ନଦୀପାଣି ଆସୁନଥିବାରୁ ଏହିଭଳି ସ୍ଥିତି ଦେଖାଦେଇଛି। ଏଥିପାଇଁ କୁଶମେଲରେ ପୂର୍ବରୁ ଏକ ବୋରୱେଲ ଖୋଳାଯାଇଥିବାବେଳେ ଜାମୁଟିଆ, ଫଟାବାହାଲ, ଘୁଙ୍ଗି ଓଭରହେଡ ଟ୍ୟାଙ୍କ ନିକଟରେ ବୋରୱେଲ ଖୋଳା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା କାର୍ଯ୍ୟକ୍ଷମ ହେଲେ ପାନୀୟଜଳ ସମସ୍ୟା ସୁଧୁରିବାର ସମ୍ଭାବନା ରହିଛି। ଆଉ କିଛି ଗାଁକୁ ନଦୀରୁ ପାଣି ଆସୁଛି ସତ କିନ୍ତୁ ତାହା ମଧ୍ୟ କିଛି ସମୟ ପାଇଁ ଆସୁଥିବା ଶ୍ରୀ ସାହୁ କହିଛନ୍ତି। ସେହିପରି କୁଶମେଲ ନିକଟରେ ଥିବା ସୁକତେଲ ବିସ୍ଥାପିତ କଲୋନୀ ରେ ଥିବା ପ୍ରାୟ ଶହେ ପରିବାର ପାଇଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପ୍ରଶାସନ କରିନଥିବା ବେଳେ ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯାଉଥିବା ଜଣାପଡ଼ିଛି। ଏହିଭଳି ସ୍ଥିତିରେ ନଦୀ ନିକଟରେ ଥିବା ଜଣେ ଚାଷୀ ନଦୀରୁ ପମ୍ପ ଲଗାଇ ପାଣି ଆଣୁଥିବାରୁ ଲୋକେ ସେହି ସ୍ଥାନକୁ ଯାଇ ପାଣି ଆଣୁଥିବା କହିଛନ୍ତି। ତେବେ ଉକ୍ତ ପଞ୍ଚାୟତରେ ପାନୀୟଜଳ ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଥିବା ବେଳେ ଏହାକୁ ସମାଧାନ କରିବାରେ ସ୍ଥାନୀୟ ବ୍ଲକ ପ୍ରଶାସନର ମଧ୍ୟ ଆନ୍ତରିକତା ନଥିବା ଅଭିଯୋଗ ହୋଇଛି। ତେବେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପାନୀୟଜଳ ସମସ୍ୟା ଦୂର କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

ରାମଚନ୍ଦ୍ରପୁରରେ 'ମୁଖ୍ୟମନ୍ତ୍ରୀ ବସ୍'ସେବା

ଲାଞ୍ଜିଗଡ଼, ୨୪।୫(ସମିସ):ଲୋକଙ୍କ ଦାବି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଶ୍ୱନାଥପୁର-ନର୍ଲା ଦେଇ ଚାଲୁଥିବା ୩ ନମ୍ବର ବସ୍‌କୁ ଆଜି ସମ୍ପ୍ରସାରିତ କରାଯାଇଛି। ଫଳରେ ଗୋବର୍ଦ୍ଧନପୁର ପଞ୍ଚାୟତର ରାମଚନ୍ଦ୍ରପୁରକୁ ପହଞ୍ଚିପାରିଛି ମୁଖ୍ୟମନ୍ତ୍ରୀ ବସ୍‌ସେବା। ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରୁ ବାହାରି ଲାଞ୍ଜିଗଡ଼ରୋଡ଼- କଦମ୍ବଗୁଡା-ଗୋବର୍ଦ୍ଧନପୁର ଏବଂ ଭାଲୁଚଞ୍ଚରା-ଗୋପାଳପୁର ଦେଇ ରାମଚନ୍ଦ୍ରପୁର ପହଞ୍ଚିବା ପରେ ସେଠାରେ ବସକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘଡ଼େଇ, ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମାଝୀ, ଗୋବର୍ଦ୍ଧନପୁର ନାଏବ ସରପଞ୍ଚ ସଞ୍ଜୀବ ପଣ୍ଡା, ୱାର୍ଡସଭ୍ୟ ସୁଷମା ବେହେରା, ସଦାଶିବ ମାଝୀ, ବରିଷ୍ଠ ନାଗରିକ ଦିଲୀପ ମିଶ୍ର, ଉମାଶଙ୍କର ବେହେରା, ପୀତବାସ ମାଝୀ, ବିରଞ୍ଚି ପ୍ରଧାନୀ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ ଗୋବର୍ଦ୍ଧନପୁର ପଞ୍ଚାୟତ ଡେଭଲପମେଣ୍ଟ ଫୋରମର ଆବାହକ ସୁଶୀଲ କୁମାର ବାଗ ସ୍ୱାଗତ ଅଭିଭାଷଣ ସହିତ ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ବ୍ଲକ ସୁପରଭାଇଜର ଭଗବାନ ନିଆଲ, ସିଏସଏଲ ସୁପରଭାଇଜର ଶମ୍ଭୁ ସାହୁ, ବସ ଚାଳକ ବଳରାମ ନାଗ, ଖଗେଶ୍ୱର ମାଝୀ, କଣ୍ଡକ୍ଟର ରାଜେନ୍ଦ୍ର ପାତ୍ରଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

୪୫ ଡିଗ୍ରୀ ଖରାରେ ନିରାଶ୍ରୟଙ୍କ ପାଇଁ ବରଦାନ ସାଜିଛି ଭେଣ୍ଡିଂ ଜୋନ୍

କେସିଙ୍ଗା, ୨୪।୫(ସମିସ)

ଦିନକୁ ଦିନ ବଢ଼ୁଛି ତାପମାତ୍ରା ଆକାଶରୁ ବର୍ଷୁଛି ଅଗ୍ନି। ନିତିଦିନିଆ କାମ ପାଇଁ କେସିଙ୍ଗାକୁ ଆସୁଥିବା ଜନସାଧାରଣ ରାସ୍ତାକଡ଼ରେ ବୃକ୍ଷ ହିନ ସହରରେ ଖୋଜୁଛନ୍ତି ଛାଇ ହେଲେ ମୁଣ୍ଡ ଜେଞ୍ଜିବାକୁ ଏ ଦୋକାନ ସେ ଦୋକାନ ହୋଇ ଦିନ ବିତୁଛି। ହେଲେ କେସିଙ୍ଗାରେ କାହିଁ କେତେ ଦିନରୁ ଅନ୍ୟ ଅଞ୍ଚଳରୁ ଆସି କିଛି ନିରାଶ୍ରୟ ଗରିବ ଶ୍ରେଣୀର ଲୋକ କେସିଙ୍ଗାରେ ରହି କିଛି ମାଗି ଖାଉଥିବା ବେଳେ କିଛି ମାଇଲା ଗଦାରୁ ପ୍ଲାଷ୍ଟିକ ଓ କବାଡି ସାମନ ସଂଗ୍ରହ କରି ଖରା, ବର୍ଷା, ଶୀତରେ ମଧ୍ୟ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଏହି ନିରାଶ୍ରୟ ଭିତରେ ଛୋଟଛୋଟ ଶିଶୁମାନେ ମଧ୍ୟ ରହିଛନ୍ତି। ଏହି ନିରାଶ୍ରୟଙ୍କୁ ବର୍ଷା ଶୀତ ଓ ଖରାରୁ ରକ୍ଷା କରିବା ପାଇଁ ବିଜେଡି ସରକାର ଅମଳରେ କେସିଙ୍ଗା ଏନ୍‌ଏସି ପକ୍ଷରୁ କୁର୍ଲୁପଡ଼ା ବସଷ୍ଟାଣ୍ଡ ପାଖରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ

ନିରାଶ୍ରୟ କେନ୍ଦ୍ର ତିଆରି କରାଯାଇଛି ହେଲେ ଆଜି ପର୍ଯ୍ୟନ୍ତ ଉକ୍ତ କୋଟି ଟଙ୍କାର ବିଲଡିଙ୍ଗ ନିରାଶ୍ରୟଙ୍କ କାମରେ ଆସୁନି ବାହାରୁ ଦେଖିଲେ ବିଲଡିଙ୍ଗ କାମ ସରି ଯାଇଥିବା ଭଳି ଲାଗୁଥିଲେ ମଧ୍ୟ ରାଜ୍ୟରେ ନୂତନ ସରକାର ଆସିକି ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇ ନାହିଁ।ଉଦ୍‌ଘାଟନ କରାଯାଇ କାହିଁକି ନିରାଶ୍ରୟଙ୍କୁ ଆଶ୍ରୟ ଦିଆଯାଉ ନାହିଁ କାହା ପାଖରେ ଉତ୍ତର ନାହିଁ।ଫଳସ୍ୱରୂପ ଆଜିର ଦିନରେ ଓ ଚଳିତ ବର୍ଷର ୪୫ ଡିଗ୍ରୀ ତାପ ମାତ୍ରା ରେ ନିରାଶ୍ରୟ ମାନଙ୍କ ଜୀବନ ଦୁର୍ବିପାକ ହୋଇ ଯାଇଛି।ପ୍ରଚଣ୍ଡ ଖରାରୁ ରକ୍ଷା ପାଇବା ପାଇଁ ଉକ୍ତ ନିରାଶ୍ରୟ ମାନେ ଫାଟକ ତଳେ ମା'ଅମ୍ବେ ମନ୍ଦିର ସମ୍ମୁଖରେ ଥିବା ଭେଣ୍ଡିଂ ଜୋନରେ ଆଶ୍ରୟ ନେଉଛନ୍ତି।ମୋଟା ମୋଟି କହିବାକୁ ଗଲେ କେସିଙ୍ଗା ଏନ୍‌ଏସି ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇ ବର୍ଷ ବର୍ଷ ଧରି ଖାଲି ପଡ଼ିରହିଥିବା ଉକ୍ତ ସ୍ଥାନ ବର୍ତ୍ତମାନ ନିରାଶ୍ରୟଙ୍କ ପାଇଁ ବରଦାନ ସାଜିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଖାଲି ପଡ଼ିଥିବା ଉକ୍ତ ଭେଣ୍ଡିଂଜୋନରେ ନିରାଶ୍ରୟମାନେ ନିରୁପାୟ ହୋଇ ମୁଣ୍ଡ ଗୁଞ୍ଜି ରହିଛନ୍ତି।ହେଲେ ସେଠାରେ ତାଙ୍କ ପାଇଁ ଏନ୍‌ଏସିକିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ମୌଳିକ ସୁବିଧା ଦିଆଯାଇନାହିଁ। ତୁରନ୍ତ ନିରାଶ୍ରୟମାନଙ୍କ ପାଇଁ ତିଆରି ହୋଇଥିବା ଆଶ୍ରୟସ୍ଥଳୀକୁ ଯଥା ଶୀଘ୍ର ଉଦ୍‌ଘାଟନ କରି ନିରାଶ୍ରୟଙ୍କୁ ଖରାରୁ ରକ୍ଷା କରିବା ପାଇଁ ସାଧାରଣରେ ଦାବି ହେଉଛି।

ଅଙ୍ଗନବାଡ଼ି ଚାଉଳ ଯୋଗାଣରେ ବ୍ୟାପକ ଅନିୟମିତତା

ଧର୍ମଗଡ଼, ୨୪।୫ (ସମିସ): କଳାହାଣ୍ଡି ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଚାଲିଥିବା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଚାଉଳ ଯୋଗାଣରେ ପୁଣି ବଡ଼ଧରଣର ଅନିୟମିତତା ସାମ୍ନାକୁ ଆସିଛି। ଦୀର୍ଘ ୬ ମାସର ବ୍ୟବଧାନ ପରେ ଜିଲ୍ଲାରେ ଚାଉଳ ଯୋଗାଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ, ପ୍ରଥମ ପଦକ୍ଷେପରୁ ହିଁ ନୂତନ ଯୋଗାଣ ସଂସ୍ଥା ବିରୋଧରେ ଦୁର୍ନୀତିର ଅଭିଯୋଗ ଉଠିଛି। ପୂର୍ବରୁ ଚାଉଳ ଯୋଗାଣରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ ହେବା ପରେ ବିଭାଗୀୟ ତଦନ୍ତ କରାଯାଇଥିଲା। ତଦନ୍ତ ପରେ ସମ୍ପୃକ୍ତ ପୁରୁଣା ଯୋଗାଣ ସଂସ୍ଥାର ଲାଇସେନ୍ସକୁ ରଦ୍ଦ କରାଯାଇଥିଲା। ମେଘନା ମାଇନ୍ସ ଆଣ୍ଡ ମିନେରାଲ୍ସ ରିସୋର୍ସେସ ପ୍ରାଇଭେଟ ଲିମିଟେଡ ନାମକ ଏକ ନୂତନ ପରିବହନ ସଂସ୍ଥାକୁ ଜିଲ୍ଲାରେ ଚାଉଳ ବଣ୍ଟନ ଦାୟିତ୍ୱ ଦିଆଯାଇଥିଲା। ହେଲେ ଏହି ନୂଆ ସଂସ୍ଥା ମଧ୍ୟ କାର୍ଯ୍ୟ ଆରମ୍ଭରୁ ହିଁ ପୁରୁଣା ଅଭ୍ୟାସ ଆପଣାଇଥିବା ଚର୍ଚ୍ଚା ହେଉଛି। ଅଭିଯୋଗ ଅନୁଯାୟୀ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଯୋଗାଇ ଦିଆଯାଉଥିବା ସରକାରୀ ଚାଉଳ ବସ୍ତାରେ ଓଜନ କମ୍ ରହୁଛି। ନିୟମ ଅନୁସାରେ ପ୍ରତି ବସ୍ତାରେ ୫୦ କିଲୋଗ୍ରାମ ଚାଉଳ ରହିବା କଥା, କିନ୍ତୁ ବାସ୍ତବରେ ସେଥିରେ ମାତ୍ର ୪୦ରୁ ୪୫ କିଲୋ ଚାଉଳ ମିଳୁଛି। କେତେକ ଅଙ୍ଗନବାଡ଼ି କେନ୍ଦ୍ରରେ ମାତ୍ର ୩୫ରୁ ୪୦ କିଲୋ ରହୁଥିବା ଦେଖାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ ପାଇଁ ୱେଷ୍ଟ ବେଙ୍ଗଲ୍ ନ୍ୟୁଟ୍ରିସନ୍ ପ୍ରୋଗ୍ରାମ ଅଧୀନରେ ଫୋର୍ଟିଫାଇଡ୍ ଚାଉଳ ଉଠାଣ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଜିଲ୍ଲାର ମୋଟ ୧୪ଟି ପ୍ରକଳ୍ପର ୭୦, ୦୫୦ ଜଣ ପ୍ରାକ୍-ବିଦ୍ୟାଳୟ ଶିଶୁଙ୍କ ପାଇଁ ମୋଟ ୪, ୧୪୬.୪୦କ୍ୱିଣ୍ଟାଲ ଚାଉଳ ମଞ୍ଜୁର କରାଯାଇଛି। ଏହି ଚାଉଳ ୬ଟି ଡିପୋ ଯଥା ଭବାନୀପାଟଣା ୧୪୬୯କ୍ୱିଣ୍ଟାଲ, ଧର୍ମଗଡ଼ ୭୨୦କ୍ୱିଣ୍ଟାଲ, ଜୁନାଗଡ଼ ୬୪୭.୪୦କ୍ୱିଣ୍ଟାଲ, କୋକସରା ୩୩୬ କ୍ୱିଣ୍ଟାଲ, କେସିଙ୍ଗା ୬୧୫କ୍ୱିଣ୍ଟାଲ, ଜୟପାଟଣାରୁ ୩୫୯କ୍ୱିଣ୍ଟାଲ ଉଠାଣ କରିବାକୁ ସରକାରୀସ୍ତରରେ ରିଲିଜ୍ ଅର୍ଡର ପ୍ରଦାନ କରାଯାଇଛି। ସରକାରୀ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ଯୋଗାଣ ଏଜେଣ୍ଟ ପ୍ରତି ସିଡିପିଓଙ୍କ ଆଲୋକେସନ ଅନୁଯାୟୀ ସଠିକ୍ ଗୁଣବତ୍ତା ଓ ଓଜନର ଚାଉଳ ଯୋଗାଇବେ। ଏହା ସହିତ କେନ୍ଦ୍ରଗୁଡ଼ିକରେ ଚାଉଳ ପହଞ୍ଚିବା ସମୟରେ 'ମାତୃ କମିଟି' ଓ ଯାଞ୍ଚ କମିଟି'ର ସଦସ୍ୟମାନଙ୍କ ଉପସ୍ଥିତି ବାଧ୍ୟତାମୂଳକ କରାଯାଇଛି। ସେହିପରି ସୁପରଭାଇଜରମାନଙ୍କୁ ଶତପ୍ରତିଶତ ସଠିକ୍ ବିତରଣ ତଦାରଖ କରିବାକୁ କୁହାଯାଇଛି। ମାତ୍ର ଏତେ ସବୁ କଟକଣା ଏବଂ ନିୟମ ସତ୍ତ୍ୱେ ବିତରଣକାରୀ ସଂସ୍ଥା କେଉଁ ଆଧାରରେ ପ୍ରତି ବସ୍ତାରୁ ଚାଉଳ ଚୋରି କରୁଛନ୍ତି, ତାହା ଏବେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିଶୁ ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ପୁଷ୍ଟିକର ଚାଉଳ ବଣ୍ଟନରେ ହେଉଥିବା ଏହି ମହାଘୋଟାଲାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ଆମପାଣି ଘାଟିରେ
ମାଲବାହୀ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

କୋକସରା, ୨୪।୫(ସମିସ): କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଆମପାଣି ଘାଟି ରାସ୍ତାର ବିରିମୁହାଣ ଛକ ନିକଟରେ ଭାରସାମ୍ୟ ହରାଇ ମାଲବାହୀ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିର ଚାଳକ ବିହାରର ମୁକେଶ ଯାଦବ ଗୁରୁତର ହୋଇ କ୍ୟାବିନ ମଧ୍ୟରେ ଚାପି ହୋଇ ରହିଯାଇଥିଲେ। ଖବର ପାଇ ଆମପାଣି ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା ଏବଂ ସ୍ଥାନୀୟ କୋକସରା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ପୁଲିସ କର୍ମଚାରୀମାନେ ବହୁ ସନ୍ତର୍ପଣରେ ଟ୍ରକ୍ ଭିତରେ ଫସି ରହିଥିବା ଚାଳକ ମୁକେଶଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।ପରେ ଅଗ୍ନିଶମ ବିଭାଗ ଗାଡ଼ି ଯୋଗେ ଆହତ ଚାଳକଙ୍କୁ ତୁରନ୍ତ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡ୍ରାଇଭରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଜଣାପଡ଼ିଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଧାନ ଖଳା

କୋକସରା, ୨୪।୫(ସମିସ): କୋକସରା ବ୍ଲକ ଧନସରା ଗ୍ରାମରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ଏବେ ଶିକ୍ଷାଦାନ ବଦଳରେ ବେଆଇନ ଧାନ ଖଳା ପାଲଟିଥିବା ଅଭିଯୋଗ ହୋଇଛି। ଗ୍ରାମର ଜନୈକ ବ୍ୟକ୍ତି ବିଦ୍ୟାଳୟ ପରିବେଶ ମଧ୍ୟରେ ନିଜର ବହୁ ପରିମାଣର ଧାନ ଟ୍ରାକ୍ଟର ଟ୍ରାକ୍ଟର ନେଇ ବେଧଡ଼କ ଭାବେ ଗଚ୍ଛିତ କରି ରଖିଥିବା ଜଣାପଡ଼ି ଥିବା ବେଳେ, ଏହାର ଭିଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି। ସରକାରୀ ଶିକ୍ଷାନୁଷ୍ଠାନ ଭିତରେ କେଉଁ ପରିସ୍ଥିତିରେ ଏବଂ କାହା ସ୍ୱାର୍ଥରେ ଏଭଳି ବ୍ୟକ୍ତିଗତ ଜିନିଷ ରଖାଯାଇଛି, ତାହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସବୁଠାରୁ ବଡ଼କଥା ହେଲା ଏହା କୌଣସି ସାଧାରଣ ସ୍କୁଲ ନୁହେଁ ଏହା ବାଳିକା ଉଚ୍ଚ ବିଦ୍ୟାଳୟ ଅଟେ। ଏଠାରେ ଛାତ୍ରୀଙ୍କ ଅବିଭାବକ ମଧ୍ୟ ଯିବାକୁ ହେଲେ ଅନୁମତି ନେବାକୁ ପଡ଼ିଥାଏ। ଶିକ୍ଷା ବିଭାଗର ନିୟମ ଅନୁଯାୟୀ, ବିଦ୍ୟାଳୟ ପରିସରକୁ କୌଣସି ବ୍ୟକ୍ତିଗତ ବ୍ୟବସାୟିକ କିମ୍ବା ବେଆଇନ କାର୍ଯ୍ୟ ପାଇଁ ବ୍ୟବହାର କରାଯାଇପାରିବ ନାହିଁ। କିନ୍ତୁ ଧନସରା ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ନିୟମକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଛି। ଉକ୍ତ ବ୍ୟକ୍ତିଙ୍କୁ ବିଦ୍ୟାଳୟ ଭିତରେ ଧାନ ରଖିବା

ପ୍ରଧାନଶିକ୍ଷୟିତ୍ରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ

ପାଇଁ କିଏ ଏବଂ କେଉଁ ଆଧାରରେ ଅନୁମତି ଦେଲା, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ। ଏହି ସମଗ୍ର ଘଟଣାକୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଭୂମିକା ଏବେ ସନ୍ଦେହ ଘେରରେ। ଅନ୍ୟପଟେ, ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସବୁ କିଛି ଜାଣିଶୁଣି ପ୍ରଧାନ ଶିକ୍ଷୟିତ୍ରୀ ଉକ୍ତ ବ୍ୟକ୍ତିଙ୍କୁ ବେଆଇନ ଭାବେ ପ୍ରଶ୍ରୟ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ସରକାରୀ ସମ୍ପତ୍ତିର ସୁରକ୍ଷାକୁ ଦୃଷ୍ଟିରେ ରଖି ଉଚ୍ଚପଦସ୍ଥ ଶିକ୍ଷା ଅଧିକାରୀ ଏହି ଘଟଣାର ସରଜମିନ ତଦନ୍ତ କରନ୍ତୁ, ଏଥିସହିତ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ବ୍ୟକ୍ତି ଏବଂ ତାଙ୍କୁ ସହଯୋଗ କରିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏଣେ ସରକାରୀ ଅନୁଷ୍ଠାନର ଅପବ୍ୟବହାର ଏବଂ କ୍ଷମତାର ଅପପ୍ରୟୋଗ ଶିକ୍ଷାର ବାତାବରଣକୁ ନଷ୍ଟ କରୁଛି। ଶିକ୍ଷା ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ରହିଥିବା ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଏ ବିଷୟରେ ଦାୟିତ୍ୱରେ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ପ୍ରତିକ୍ରିୟା ନେବାରୁ ଧାନ ରଖାଯାଇଥିବା କଥାକୁ ସ୍ୱୀକାର କରିଛନ୍ତି, ଏବଂ ଯିଏ ଧାନ ରଖିଛନ୍ତି ସେ' ସ୍କୁଲର ଜଣେ ନାଇଟ ଓଚର, ବର୍ତ୍ତମାନ ସ୍କୁଲ ଛୁଟି ରହିଛି ତେଣୁ ଧାନ ସୁଖାଇବା ପାଇଁ ସେ' କହିବାରୁ ଆମେ ହଁ କରିଥିଲୁ, ବିଦ୍ୟାଳୟର ଅନ୍ୟମାନେ ମଧ୍ୟ ଜାଣିଛନ୍ତି, ସେ କୌଣସି ବାହର ଷ୍ଟାଫ୍ ନୁହଁନ୍ତି ବୋଲି କହିଛନ୍ତି। ସେହିପରି କୋକସରା ବ୍ଲକ ଦାୟିତ୍ୱରେ ଥିବା ସମାଜ ମଙ୍ଗଳ ଅଧିକାରୀ ଭବାନୀଶଙ୍କର ଜେନାଙ୍କ ପ୍ରତିକ୍ରିୟା ନେବାରୁ ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

ପୁରାତନ କୁର୍ଲା ବନ୍ଧରେ ଶ୍ମଶାନ ନିର୍ମାଣକୁ ବିରୋଧ

ଧର୍ମଗଡ଼, ୨୪।୫(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳର କେବିଡ଼ିଗ୍ରାମର ପୁରାତନ ପୋଖରୀ 'କୁର୍ଲା ବନ୍ଧ'କୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। ପୁରାତନକାଳରୁ ଏହି ପୋଖରୀ ଗ୍ରାମବାସୀଙ୍କ ଦୈନନ୍ଦିନ କାର୍ଯ୍ୟ, ପାଣି ବ୍ୟବହାର ଓ ସାମାଜିକ ଜୀବନର ଏକ ଅଂଶ ହୋଇଆସିଛି। ବିଶେଷକରି ଡଙ୍ଗରୀପଡ଼ା ଓ ଆଖପାଖ ଅଞ୍ଚଳର ଲୋକମାନଙ୍କର ଏହି ପୋଖରୀ ସହ ଦୀର୍ଘଦିନର ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମ୍ପର୍କ ରହିଛି।ସମ୍ପ୍ରତି କିଛି ଜଣ ମୁଷ୍ଟିମେୟ ଓ ରାଜନୈତିକ ଦ୍ୱାରା ପରିଚାଳିତ ଲୋକ ପୋଖରୀ ନିକଟରେ ଏକ ଶ୍ମଶାନ ନିର୍ମାଣ ପାଇଁ ପ୍ରୟାସ କରୁଥିବାରୁ ଗ୍ରାମବାସୀ ତୀବ୍ର ବିରୋଧ ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ଶ୍ମଶାନ ନିର୍ମାଣ ହେଲେ ପୋଖରୀର ପରିବେଶ ଓ ପରିଚ୍ଛନ୍ନତା ନଷ୍ଟ ହେବା ସହ ଗ୍ରାମର ସାଧାରଣ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟକଳାପ ଗୁରୁତର ଭାବେ ପ୍ରଭାବିତ ହେବ। ଏହାସହ ପୋଖରୀର ଚାରିପାଖ ୧୦୦ ମିଟର ମଧ୍ୟରେ ସାଧାରଣ ଲୋକଙ୍କ ବସୋବାସ ଥିବାରୁ ଏଠାରେ ଶ୍ମଶାନ ନିର୍ମାଣ କରାଯିବା ସ୍ୱାସ୍ଥ୍ୟ, ପରିବେଶ ଓ ସାମାଜିକ ଦୃଷ୍ଟିକୋଣରୁ ଉଚିତ ନୁହେଁ ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି।ଏହାକୁ ନେଇ ଗ୍ରାମବାସୀମାନେ ଉପଜିଲ୍ଲାପାଳ ଧର୍ମଗଡ଼, ଏନ୍‌ଏସି ଇଓ ଧର୍ମଗଡ଼, ତହସିଲଦାର ଧର୍ମଗଡ଼, ଏନ୍‌ଏସି ଅଧ୍ୟକ୍ଷ ଓ ସ୍ଥାନୀୟ ବିଧାୟକ ଧର୍ମଗଡ଼ଙ୍କ ନିକଟରେ ଲିଖିତ ଅଭିଯୋଗ ପତ୍ର ଦାଖଲ କରିଥିଲେ। କିନ୍ତୁ ଦୁଃଖର ବିଷୟ, ଏପର୍ଯ୍ୟନ୍ତ ପ୍ରଶାସନ କିମ୍ବା ମାନ୍ୟବର ଧର୍ମଗଡ଼ ବିଧାୟକ ଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ଷୋଭ ବୃଦ୍ଧି ପାଇଛି। ଗ୍ରାମବାସୀ କହିଛନ୍ତି ଏହି ପବିତ୍ର ଓ ଐତିହାସିକ ସ୍ଥାନରେ ଶ୍ମଶାନ ନିର୍ମାଣ ପରିବର୍ତ୍ତେ ଏକ 'ପ୍ରହରୀ ମଣ୍ଡପ' ନିର୍ମାଣ କରାଯାଇ ସେଠାରେ ଆଧ୍ୟାତ୍ମିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉ।ଏହି ଦାବିକୁ ନେଇ ଆଜି ଗ୍ରାମବାସୀ ସାମୂହିକ ଭାବେ ସେଠାରେ'ଶୁଭ ଖମ୍ବ' ସ୍ଥାପନ କରିଥିଲେ।କାର୍ଯ୍ୟକ୍ରମରେ ଗ୍ରାମର ଶ ଦେବରାଜ ନାଏକ, ଜୟସଙ୍କର ନାଏକ, ସଞ୍ଜୟ ନାଏକ, ସରାଧାକର ନାଏକ, ହୃଷୀକେଶ ନାଏକ, ସନ୍ତୋଷୀନି ନାଏକ, ମମତା ବାଗ, ନରେନ୍ଦ୍ର ନାଏକ, ଡାକେ ଲହଜଲ ଓ ମନୋଜ କୁମାର ନାଏକଙ୍କ ସହ ବହୁ ବୟୋଜ୍ୟେଷ୍ଠ ଓ ଯୁବକ ଉପସ୍ଥିତ ଥାଇ କୁର୍ଲା ବନ୍ଧର ସୁରକ୍ଷା ଓ ଗ୍ରାମର ଐତିହ୍ୟ ରକ୍ଷା ପାଇଁ ଏକତାର ସନ୍ଦେଶ ଦେଇଥିଲେ।ଏବେ ସମସ୍ତଙ୍କ ଦୃଷ୍ଟି ପ୍ରଶାସନର ପଦକ୍ଷେପ ଉପରେ ରହିଛି। ଗ୍ରାମବାସୀ ଶୀଘ୍ର ଏହି ସମସ୍ୟାର ସମାଧାନ ଓ ପୁରାତନ କୁର୍ଲା ବନ୍ଧର ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ପ୍ରଗତି ଶିକ୍ଷାନୁଷ୍ଠାନ ପକ୍ଷରୁ 'ମେଧା ମହୋତ୍ସବ'

ଭବାନୀପାଟଣା, ୨୪।୫(ସମିସ): ପ୍ରଗତି ଶିକ୍ଷାନୁଷ୍ଠାନ ପକ୍ଷରୁ ଚଳିତ ବର୍ଷ ୯୦ ପ୍ରତିଶତରୁ ଅଧିକ ନମ୍ବର ଅର୍ଜନ କରିଥିବା ୮୪ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ସ୍ଥାନୀୟ ଟାଉନହଲ୍, ଭବାନୀପାଟଣା ଠାରେ ଭବ୍ୟ 'ମେଧା ମହୋତ୍ସବ'କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରଗତି ଶିକ୍ଷାନୁଷ୍ଠାନର ସମ୍ପାଦକ ଇଂ ଅଜୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତପିମଣି ଯାନି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।ସମ୍ମାନିତ ଅତିଥି ଭାବେ ମାଁ ମାଣିକେଶ୍ୱରୀ ପଞ୍ଚାୟତ ହାଇୟର ସେକେଣ୍ଡାରି ସ୍କୁଲ, ଥୁଆମୂଳରାମପୁରର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଚିନ୍ନା ମଞ୍ଚ ମଣ୍ଡନ କରିଥିଲେ। ଏଥିସହ ପ୍ରଗତି ଡିଗ୍ରୀ କଲେଜର ସଭାପତି ଲକ୍ଷ୍ମୀକାନ୍ତ ବେହେରା, ପ୍ରଗତି ଆଡମିନିଷ୍ଟ୍ରେଟିଭ୍ ଅଫିସର ପ୍ରଣବ କୁମାର ପଣ୍ଡା, ପ୍ରଗତି କନସେପ୍ଟ ସ୍କୁଲର ଅଧ୍ୟକ୍ଷ ଚିନ୍ମୟ ଗୁରୁ, ପ୍ରଗତି ହାଇୟର ସେକେଣ୍ଡାରି ସ୍କୁଲର ଅଧ୍ୟକ୍ଷ ଶେଷଦେବ ମୁଣ୍ଡ ଏବଂ ପ୍ରଗତି କଲିଜିଏଟ୍ ସ୍କୁଲର ପ୍ରଧାନଶିକ୍ଷକ ଲୋକନାଥ ଖଡ଼ିକାର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଗରିମାମୟ କରିଥିଲେ।କାର୍ଯ୍ୟକ୍ରମରେ ସମସ୍ତ କୃତୀ ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।ଇଂ ଅଜୟ ପଣ୍ଡା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ କଳାହାଣ୍ଡି ଜିଲ୍ଲାରେ ଶିକ୍ଷାର ଉତ୍କର୍ଷତା ଅବ୍ୟାହତ ରଖିବା ପାଇଁ ସମସ୍ତଙ୍କୁ ପ୍ରେରିତ କରିଥିଲେ।କାର୍ଯ୍ୟକ୍ରମରେ ପ୍ରଗତି କନସେପ୍ଟ ସ୍କୁଲର ଶିକ୍ଷକ ଜତୀନ କୁମାର ମହାନ୍ତି, ତପସ୍ୱିନୀ ପଟ୍ଟନାୟକ ଓ ସମୀକ୍ଷ୍ୟାରାଣୀ ପଣ୍ଡା ମଞ୍ଚ ସଞ୍ଚାଳନା କରିଥିବା ବେଳେ ପ୍ରଗତି ଆଡମିନିଷ୍ଟ୍ରେଟିଭ୍ ଅଫିସର ପ୍ରଣବ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ ଯୋଗ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା

ଗୋଲାମୁଣ୍ଡା, ୨୪।୫(ସମିସ): ଚଳିତ ବର୍ଷ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଯୋଗ ପାଳନ ପାଇଁ ବିଭିନ୍ନ ଯୋଗ ସମିତି ଲାଗି ପଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ଯୋଗ ସମିତି ପକ୍ଷରୁ ରବିବାର ଗୋଲାମୁଣ୍ଡା ବ୍ଲକ ଦଶପୁରପଞ୍ଚାୟତ ସ୍ୱାମୀ ରାମ ହିମାଳୟନ୍ ଯୋଗ ଆଶ୍ରମରେ ଯୋଗ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକ୍ରମରେ ସ୍ୱାମୀ ସତ୍ୟସ୍ୱରୂପା ନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ କ୍ରାନ୍ତିସ୍ୱରୁପା ନନ୍ଦ ଗିରି (ଦେବ ଗିରି ଆଶ୍ରମ), ବରିଷ୍ଠ ଯୋଗ ଶିକ୍ଷକ କୃଷ୍ଣଚନ୍ଦ୍ର ଦାଶ, ଯୋଗ ମହୋତ୍ସବ ସମିତି ଜିଲ୍ଲା ସଂଯୋଜକ ବିମ୍ବାଧର ପ୍ରଧାନୀ, ସହ ସଂଯୋଜକ ଶଙ୍କର ପ୍ରସାଦ ରାଉତ ପ୍ରମୁଖ ପରିଚାଳନ କରିଥିଲେ। ଯୋଗ ଶିକ୍ଷକ ଚନ୍ଦ୍ର ଶେଖର ସାହୁ ଏବଂ କୃଷ୍ଣଚନ୍ଦ୍ର ଦାଶ ଯୋଗ ପ୍ରଶିକ୍ଷଣ ଦେଉଥିଲେ।ଯୋଗ ମହୋତ୍ସବ ସମିତି ଗୋଲାମୁଣ୍ଡା ଖଣ୍ଡ ସଂଯୋଜକ ବଳଭଦ୍ର ଭୋଇ, ସହସଂଯୋଜକ ବ୍ରହ୍ମା ପ୍ରସାଦ କାଣ୍ଡ, ଜଳନ୍ଧର ନାଏକ, ମୁଖ୍ୟ ଯୋଗ ଶିକ୍ଷକ ପ୍ରଦୀପ କୁମାର ପଣ୍ଡା, ହୃଦାନନ୍ଦ ସା, ଗଣେଶ ରାଉତ, ଗଙ୍ଗାଧର ମୁଣ୍ଡ, ଦେଶରାଜ ରାଉତ ତଥା କମିଟିର ସମସ୍ତ ସଦସ୍ୟ ପୂର୍ଣ୍ଣ ସହଯୋଗ କରିଥିଲେ।ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିରରେ କଲମପୁର ଓ ଜୁନାଗଡ଼ ଯୋଗ ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ।ଗୋଲାମୁଣ୍ଡା ବ୍ଲକ ଓ ଜୁନାଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତ ସ୍ତରୀୟ ୫୦ଜଣ ଯୋଗ ଶିକ୍ଷକ ଉପସ୍ଥିତ ରହି ପ୍ରଶିକ୍ଷଣରେ ଭାଗନେଇ ଯୋଗକୁ ପ୍ରତି ଗାଁ, ବସ୍ତିରେ ପହଞ୍ଚାଇ ନିରୋଗ ସମାଜର ଗଠନ ପାଇଁ ସଂକଳ୍ପ ନେଇଥିଲେ।

୮୦ ପ୍ରତିଶତ ଭିନ୍ନକ୍ଷମ ଶିଶୁ ସୁନୀଲଙ୍କୁ ମିଳୁନି ଭତ୍ତା
ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ

ଥୁଆମୂଳରାମପୁର, ୨୪।୫(ସମିସ)

କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଅନ୍ତର୍ଗତ ଅଡ୍ରୀ ପଞ୍ଚାୟତର ଟାଙ୍ଗରୀ ଗ୍ରାମର ସାତ ବର୍ଷୀୟ ସୁନୀଲ ମାଝୀ ଜନ୍ମରୁ ଭିନ୍ନକ୍ଷମ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାରୀ ସହାୟତାରୁ ବଞ୍ଚିତ ରହିଛନ୍ତି। ସୁନୀଲଙ୍କ ବାପା ଉଦେ ମାଝୀ ଜଣେ ଗରିବ ଆଦିବାସୀ ପରିବାରର ହୋଇଥିବାରୁ ପୁଅର ଚିକିତ୍ସା ଓ ଦୈନିକ ଦେଖାଶୁଣା କରିବାରେ ବହୁତ କଷ୍ଟ ସହିବାକୁ ପଡୁଛି। ସୂଚନା ଅନୁଯାୟୀ, ସୁନୀଲ ମାଝୀଙ୍କୁ ପ୍ରାୟ ଦୁଇ ବର୍ଷ ପୂର୍ବରୁ ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିଲା। ନିୟମ ଅନୁସାରେ ସେ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଭତ୍ତା ମିଳିନଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ବାରମ୍ବାର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ ଦୌଡ଼ିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବା କହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସରକାର ଭିନ୍ନକ୍ଷମ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ପ୍ରକୃତ ହିତାଧିକାରୀମାନେ ଏପର୍ଯ୍ୟନ୍ତ ଯୋଜନାର ସୁଫଳ ପାଇ ପାରୁନାହାନ୍ତି। ଦୁର୍ଗମ ଅଞ୍ଚଳରେ ସଚେତନତାର ଅଭାବ ଓ ପ୍ରଶାସନିକ ଅବହେଳା କାରଣରୁ ଏପରି ଘଟଣା ସାମ୍ନାକୁ ଆସୁଛି। ସୁନୀଲଙ୍କ ପରିବାର ଅତ୍ୟନ୍ତ ଆର୍ଥିକ ଦୁର୍ବଳ ଥିବାରୁ ଭତ୍ତା

ମିଳିଲେ ଚିକିତ୍ସା ଓ ଦୈନିକ ଜୀବନରେ କିଛି ସହାୟତା ମିଳିପାରିଥାନ୍ତା। କିନ୍ତୁ ଦୁଇ ବର୍ଷ ଧରି କେବଳ କାଗଜପତ୍ର ଓ କାର୍ଯ୍ୟାଳୟ ଦୌଡ଼ରେ ସମୟ କଟୁଥିବାରୁ ପରିବାର ନିରାଶ ହୋଇପଡ଼ିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ତୁରନ୍ତ ସୁନୀଲ ମାଝୀଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରି ଭତ୍ତା ପ୍ରଦାନ କରିବାକୁ ଦାବି ଜୋର ଧରିଛି। ସେପଟେ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ଛତିଶଗଡ଼ରୁ ଓଡ଼ିଶାକୁ ଅବାଧ ଧାନ ଚାଲାଣ
୩୩ କ୍ୱିଣ୍ଟାଲ ଧାନ ଜବତ କଲା ପ୍ରଶାସନ

ନୂଆପଡ଼ା, ୨୪।୫(ସମିସ): ନୂଆପଡ଼ା ଜିଲ୍ଲାରେ ଅବୈଧ ଧାନ ଚାଲାଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ସୀମାନ୍ତ ଅଞ୍ଚଳଗୁଡ଼ିକରେ କଡ଼ା ଯାଞ୍ଚ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଯୋଗାଣ ବିଭାଗ ଏନଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ଆଜି ଓଡ଼ିଶା-ଛତିଶଗଡ଼ ସୀମାର ଖଲନା ଚେକପୋଷ୍ଟ ନିକଟ ଧରମବନ୍ଧା ଗ୍ରାମ ପାଖରେ ଏକ ଗାଡ଼ିରେ ଚଢ଼ଉ କରାଯାଇ ୩୩.୭୮କ୍ୱିଣ୍ଟାଲ ଧାନ ଜବତ କରାଯାଇଛି।ସୂଚନା ଅନୁଯାୟୀ, ସିଜି୦୪ଏଲଜେ୪୫୫୨ ନମ୍ବର ବିଶିଷ୍ଟ ଏକ ଗାଡ଼ିରେ ଛତିଶଗଡ଼ରୁ ଅବୈଧ ଭାବେ ଧାନ ପରିବହନ କରାଯାଉଥିବା ଅଭିଯୋଗରେ ପୋଲିସ ଓ ଆରଏମ୍‌ସି କର୍ମଚାରୀମାନେ ଖଲନା ଚେକପୋଷ୍ଟ ନିକଟରେ ଗାଡ଼ିଟିକୁ ଅଟକାଇଥିଲେ। ପରେ ସିଭିଲ ସପ୍ଲାଇ ଏନଫୋର୍ସମେଣ୍ଟ ସ୍କାଡକୁ ସୂଚନା ଦିଆଯାଇଥିଲା। ଯାଞ୍ଚ ସମୟରେ ଗାଡ଼ିରୁ ୧୧୦ ବସ୍ତାରେ ପ୍ୟାକ ହୋଇଥିବା ୩୩.୭୮କ୍ୱିଣ୍ଟାଲ ଧାନ ଜବତ କରାଯାଇଥିଲା। ଗାଡ଼ିର ଚାଳକ ଛବି ମହାରଙ୍କୁ ପଚରାଉଚରା କରାଯାଇଥିବା ବେଳେ ଘଟଣାର ଅଧିକ

ତଦନ୍ତ ଚାଲିଥିବା ଜଣାପଡ଼ିଛି। ଏହି ଚଢ଼ାଉ କାର୍ଯ୍ୟରେ ସଦର ସହକାରୀ ଯୋଗାଣ ଅଧିକାରୀ ହୃଷୀକେଶ ନାୟକ, ନୂଆପଡ଼ା ଯୋଗାଣ ନିରୀକ୍ଷକ ସୁଭଶ୍ରୀ ଦାଶ ଓ କୋମନା ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସମେତ ସିଭିଲ ସପ୍ଲାଇଜ ଏନଫୋର୍ସମେଣ୍ଟ ସ୍କ୍ୱାଡର କର୍ମଚାରୀମାନେ ସାମିଲ ଥିଲେ। ଜିଲ୍ଲାରେ ଅବୈଧ ଧାନ ଚାଲାଣକୁ ରୋକିବା ପାଇଁ ପୋଲିସ, ସିଭିଲ ସପ୍ଲାଇଜ ଓ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସମସ୍ତ ସୀମାନ୍ତ ଚେକପୋଷ୍ଟରେ ନିରନ୍ତର ଯାଞ୍ଚ ଓ ନଜରଦାରି ଜାରି ରହିଥିବା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି।

କମର୍ଦ୍ଧା ଜଙ୍ଗଲରେ ଅଘଟଣ

ପରସ୍ପର ଲଢ଼େଇରେ ମଲା ଦନ୍ତା

ଲାଞ୍ଜିଗଡ଼/ନର୍ଲା, ୨୪।୫(ସମିସ): ପରସ୍ପର ଲଢ଼େଇରେ ମଲା ଦନ୍ତା। କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜ ଅନ୍ତର୍ଗତ କମର୍ଦ୍ଧା ଗାଁ ପୋଖରୀ ନିକଟ ପୋରଙ୍ଗଲ ଜଙ୍ଗଲ ପାଦଦେଶରୁ ଗୋଟିଏ ଦନ୍ତା ହାତୀର ଗଳିତ ଶବ

ଠାବ ହୋଇଛି। ଦୁଇ ଦିନ ତଳୁ ହାତୀର ମୃତ୍ୟୁ ହୋଇଥିବା କୁହାଯାଉଛି। ପ୍ରତ୍ୟକ୍ଷଦର୍ଶୀମାନଙ୍କ କହିବା କଥା, ଜଙ୍ଗଲ ଭିରେ ଦୁଇଟି ଦନ୍ତା ହାତୀ ମଧ୍ୟରେ ଲଢ଼େଇରୁ ଗୋଟିଏର ମୃତ୍ୟୁ ହୋଇଛି।

ଗାଁ ଲୋକଙ୍କଠାରୁ ଖବର ପାଇ କମର୍ଦ୍ଧା ଫରେଷ୍ଟର୍ ଦିଆଲୁ ରାଉତ, ଦଶରଥ ସାହୁଙ୍କ ସହ ଅନ୍ୟ କର୍ମଚାରୀ ପହଞ୍ଚି ଶବ ଜବତ କରିଥିଲେ। ଘଟଣାସ୍ଥଳରେ ଉତ୍ତର ବନଖଣ୍ଡ ଡିଏଫ୍ଓ ପ୍ରଭାକର ବର୍ମା, ଏସିଏଫ୍ ପ୍ରଭୁଦତ୍ତ ମିଶ୍ର, ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜର ଭାରତ ଭୂଷଣ ଶବର ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ନର୍ଲାରୁ ପ୍ରାଣୀ ସମ୍ପଦ ଚିକିତ୍ସକଙ୍କ ଟିମ୍ ପହଞ୍ଚିବା ପରେ ଘଟଣାସ୍ଥଳରେ ହାତୀର ବ୍ୟବଚ୍ଛେଦ କରାଯାଇ ସେଇ ନିକଟରେ ଗାତ ଖୋଳି ପୋତି ଦିଆଯାଇଛି।

ଗତ ୧୦ବର୍ଷ ହେଲା, ଲାଞ୍ଜିଗଡ଼ ବ୍ଲକ୍‌ର କମର୍ଦ୍ଧା, ଭୁର୍ଟିଗଡ଼ ଓ ନର୍ଲା ବ୍ଲକ୍‌ର ବାଗପୁର, କୁରମେଲ ଆଦି ଅଞ୍ଚଳରେ ଜଙ୍ଗଲୀ ହାତୀପଲଙ୍କ ଚଳପ୍ରଚଳ ଲାଗି ରହିଥିବା ବେଳେ ବିଭିନ୍ନ ସମୟରେ ୫ଟି ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ହାତୀ ଆକ୍ରମଣରେ ୧୦ରୁ

ତିନିବର୍ଷ ମଧ୍ୟରେ ଗଲାଣି ୫ ହାତୀଙ୍କ ଜୀବନ

ଅଧିକ ଲୋକଙ୍କ ଜୀବନ ଯାଇଛି। ସେହିପରି ଅଞ୍ଚଳର ହଜାର ହଜାର ଏକର ଜମିକୁ ହାତୀପଲ ଦଳିମକଚି ନଷ୍ଟ କରିଦେଉଛନ୍ତି। ଏବେ ବି ମୃତ ହାତୀ ନିକଟରେ ଦୁଇଟି ହାତୀପଲ ରହିଥିବାରୁ ହାତୀ ନିକଟରେ ପହଞ୍ଚିବାରେ ବିଳମ୍ବ ହୋଇଥିବା ବନ ବିଭାଗ ସଫେଇ ଦେଉଛି। ଦୀର୍ଘ ବର୍ଷ ଧରି ଏ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଜାରି ରହିଥିବା ବେଳେ ବିଭିନ୍ନ ସମୟରେ ହାତୀ ଓ ମଣିଷଙ୍କ ଜୀବନ ହାନି ହୋଇଛି। ଅପରପକ୍ଷରେ, ବନ ବିଭାଗ ପକ୍ଷରୁ ହାତୀଙ୍କ ସୁରକ୍ଷା, ଲୋକଙ୍କ ଧନଜୀବନର ସୁରକ୍ଷା ସବୁବେଳେ ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଥିବା ବେଳେ ସବୁଥର ବନ ବିଭାଗ ଫେଲ୍ ମାରିଛି।

ହସ୍ପିଟାଲ ଖଟରୁ ପଡ଼ି ନବଜାତକ ମୃତ!

ଝାରସୁଗୁଡ଼ା, ୨୪।୫ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ପଲସଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଅଭାବନୀୟ ଘଟଣା ଘଟିଛି। କର୍ମଚାରୀଙ୍କ ଅବହେଳା ଓ ଅସାବଧାନତା ଯୋଗୁଁ ଏକ ନବଜାତ ଶିଶୁକନ୍ୟା ଖଟରୁ ଖସିପଡ଼ି ପ୍ରାଣ ହରାଇଥିବା ପରିବାରଲୋକ ଅଭିଯୋଗ କରିଛନ୍ତି। ନବଜାତ ଶିଶୁକନ୍ୟାର ମୃତ୍ୟୁକୁ ନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନାନୁଯାୟୀ, ମଟିଦା ଗ୍ରାମର ଜଣେ ଗର୍ଭବତୀଙ୍କୁ ରବିବାର ଅପରାହ୍ଣରେ ପ୍ରସବ ପାଇଁ ପଲସଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣାଯାଇଥିଲା। ପ୍ରସବ ପରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। କିନ୍ତୁ ଚିକିତ୍ସାଳୟର କର୍ମଚାରୀଙ୍କ ଅବହେଳା ଯୋଗୁଁ ନବଜାତ ଶିଶୁଟି କୌଣସି କାରଣରୁ ଖଟରୁ ତଳେ ଖସିପଡ଼ିଥିଲା। ଏଥିରେ ନବଜାତକର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ରେଙ୍ଗାଲି ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାକୁ ନେଇ ପୁଲିସ୍ ତରଫରୁ କୌଣସି ସ୍ପଷ୍ଟ ସୂଚନା ପ୍ରଦାନ କରାଯାଇନାହିଁ।

ସରୋଜ ପ୍ରଧାନ ପିସିସି ଓବିସି ବିଭାଗ ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର,୨୪।୫(ସମିସ): କଂଗ୍ରେସ ନେତା ସରୋଜ ପ୍ରଧାନଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଓବିସି ବିଭାଗ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ତାଙ୍କ ନିଯୁକ୍ତି ନେଇ ପିସିସି ପକ୍ଷରୁ କରାଯାଇଥିବା ସୁପାରିସକୁ ଏଆଇସିସି ଅନୁମୋଦନ ଦେଇଛି। ଏନେଇ ଦଳ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି।

24001/167/2627

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

No RDM-LAA-JAJ-0012-2023- 15269 R&DM, Dated 10.04.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ନହୋରାଣୀ ପୋଖରୀ (ଅତିରିକ୍ତ)**, ଥାନା-ଟମକା ସଂ. ୭୦, ତହସିଲ- ଦାନଗଦି, ଜିଲ୍ଲା- ଯାଜପୁର ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଜିଲ୍ଲାର ରେଙ୍ଗାଳୀ ବାମ ପାର୍ଶ୍ୱ କେନାଲ ରେ ବରପଦା ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୨୬୫୫୮ ତା. ୨୪.୦୭.୨୦୨୩ ରିଖ** ରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତି କୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା **୫୪୨୫ ତା. ୦୫.୦୨.୨୦୨୬ ରିଖ** ଅନୁସାରେ ଅଧିସୂଚନା ର ବୈଧତା ତା. **୦୮.୧୦.୨୦୨୬** ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ନହୋରାଣୀ ପୋଖରୀ (ଅତିରିକ୍ତ)**, ଥାନା-ଟମକା ସଂ. ୭୦, ତହସିଲ- ଦାନଗଦି, ଜିଲ୍ଲା- ଯାଜପୁର ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଜିଲ୍ଲାର ରେଙ୍ଗାଳୀ ବାମ ପାର୍ଶ୍ୱ କେନାଲ ରେ ବରପଦା ଶାଖା କେନାଲ ନିର୍ମାଣ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଳୀ ଦକ୍ଷିଣ କେନାଲ ପ୍ରଣାଳୀ, ସୁକିନ୍ଦା ଏବଂ ଭୂ-ଅର୍ଜନ ମଣ୍ଡଳ ଅଧିକାରୀ ମଣ୍ଡଳ ନଂ. ସୁକିନ୍ଦା ରେଙ୍ଗାଳୀ କେନାଲ ପ୍ରଣାଳୀ, ସୁକିନ୍ଦା ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଯାଜପୁର — **ତହସିଲ: - ଦାନଗଦି**

ଗ୍ରାମର ନାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	କିସମ	ପ୍ଲଟ୍‌ର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତ୍‌ଙ୍କ ନାମ
୧	୨	୩	୪	୫	୬	୭	୮
ନହୋରାଣୀ ପୋଖରୀ (ଅତିରିକ୍ତ)	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏକର ୫.୮୮୫	ଏକର ୧.୭୫୦	ଏଥି ସହିତ ସଂଲଗ୍ନ

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ଯାଜପୁର — **ତହସିଲ: - ଦାନଗଦି**

ଗ୍ରାମର ନାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍‌ନଂ	କିସମ	ପ୍ଲଟ୍‌ର ମୋଟ ରକବା	ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା	ରୟତ୍‌ଙ୍କ ନାମ
୧	୨	୩	୪	୫	୬	୭	୮
ପ୍ରଯୁଜ୍ୟ ନୁହେଁ							

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୦୮.୧୦.୨୦୨୬ ।

ଜମି ଅନୁସୂଚି

ଗ୍ରାମର ନାମ : ନୋହରାଣୀପୋଖରୀ (ଅତିରିକ୍ତ)
ଥାନାର ନାମ : ଟମକା ନଂ : ୭୦ — ତହସିଲ : ଦାନଗଦି
ଜିଲ୍ଲା : ଯାଜପୁର
ଜମି ଅଧିଗ୍ରହଣ କେସ୍ ନଂ. : /

କ୍ର ନଂ.	ଖତିୟାନ ନଂ.	ପ୍ଲଟ ନଂ.	ପ୍ଲଟର ମୋଟ ରକବା (ଏକରରେ)	ଅଧିଗୃହିତ ଜମିର ରକବା	କିସମ	ରୟତର ନାମ
୧	୨	୩	୪	୫	୬	୭
୧	୩୩	୪୦୩	୦.୦୭୦	୦.୦୭୦	ଶାରଦ ଦୁଇ	ବୈକୁଣ୍ଠ ରାଉତ ପିତା- ଲକ୍ଷ୍ମଣ ରାଉତ ଓଗେର, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା
୨		୪୦୪	୦.୧୭୦	୦.୧୪୦	ଶାରଦ ଦୁଇ	ବୈକୁଣ୍ଠ ରାଉତ ପିତା- ଲକ୍ଷ୍ମଣ ରାଉତ ଓଗେର, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା
୩		୪୦୫	୦.୧୦୦	୦.୦୨୦	ଶାରଦ ଦୁଇ	ବୈକୁଣ୍ଠ ରାଉତ ପିତା- ଲକ୍ଷ୍ମଣ ରାଉତ ଓଗେର, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା
୪	୩୯	୪୧୦	୦.୩୨୦	୦.୧୬୦	ଶାରଦ ଦୁଇ	କାର୍ତ୍ତିକ ଚନ୍ଦ ଓଗେର ପିତା-ଗାଣ୍ଡୁ ଚନ୍ଦ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା
୫	୩୯	୪୧୨	୦.୧୯୦	୦.୧୯୦	ଶାରଦ ଦୁଇ	କାର୍ତ୍ତିକ ଚନ୍ଦ ଓଗେର ପିତା-ଗାଣ୍ଡୁ ଚନ୍ଦ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା
୬	୮୫	୪୧୩	୦.୨୩୦	୦.୧୦୦	ଶାରଦ ଦୁଇ	ଧ୍ରୁବସେନ ରାଉତ ପିତା-ମାର୍କଣ୍ଡ ରାଉତ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା
୭	୧୩୩	୩୯୯	୦.୦୮୦	୦.୦୩୦	ଶାରଦ ଦୁଇ	ବିରଭଦ୍ର ବଳ ପିତା-ଅନନ୍ତ ବଳ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା
୮	୧୪୧	୪୦୭	୦.୩୧୦	୦.୦୫୦	ଶାରଦ ଦୁଇ	ଭାଗିରଥୀ ରାଉତ ଓଗେର ପିତା-ନୃସିଂହ ରାଉତ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା
୯		୪୧୪	୨.୦୫୦	୦.୭୦୦	ଶାରଦ ଦୁଇ	ଭାଗିରଥୀ ରାଉତ ଓଗେର ପିତା-ନୃସିଂହ ରାଉତ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା
୧୦	୨୦୨	୪୧୧	୦.୩୦୦	୦.୧୬୦	ଶାରଦ ଦୁଇ	ଶେଷଦେବ ରାଉତ ପିତା-ରାମ ରାଉତ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା
୧୧		୪୧୫	୧.୮୮୦	୦.୦୩୦	ଶାରଦ ଦୁଇ	ଶେଷଦେବ ରାଉତ ପିତା-ରାମ ରାଉତ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା
୧୨	୨୧୦/୪୧	୪୦୨	୦.୧୮୫	୦.୧୦୦	ଶାରଦ ଦୁଇ	କୈଳାସ ଚନ୍ଦ୍ର ବଳ ପିତା-ଭାସ୍କର ଚନ୍ଦ୍ର ବଳ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା
			ମୋଟ	୧.୭୫୦		

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0037

ଅବଶିଷ୍ଟାଂଶ...

ପୁଣି ବଢ଼ିବ...

କମ୍ପାନୀଗୁଡ଼ିକ ମାସ ମାସ ଧରି ମୂଲ୍ୟ ସ୍ଥିର ରଖିବା ପରେ ଶେଷରେ ଘରୋଇ ମୂଲ୍ୟ ସଂଶୋଧନ କରିବା ଆରମ୍ଭ କରିଛନ୍ତି। ଭାରତର ତୈଳ ରଣନୀତିରେ ଏକ ବଡ଼ ପରିବର୍ତ୍ତନ ଦେଖାଯାଇଛି। ମେ ମାସରେ, ଭେନେଜୁଏଲା ସାଉଦି ଆରବ ଏବଂ ଆମେରିକାକୁ ପଛରେ ପକାଇ ଭାରତର ତୃତୀୟ ବୃହତ୍ତମ ଅଶୋଧିତ ତେଲ ଯୋଗାଣକାରୀ ହୋଇଗଲା।

୯୦ ବର୍ଷୀୟ ଶାଶୂଙ୍କୁ...

ପାଇଁ ସେ ଗତ କିଛି ମାସ ହେବ ଏଭଳି କଷ୍ଟ ସହୁଛନ୍ତି। ପୂର୍ବରୁ ଗାଁରେ ଭତ୍ତା ମିଳୁଥିଲା, ହେଲେ ଏବେ ସେହି ବ୍ୟବସ୍ଥା ବନ୍ଦ ହୋଇଯାଇଛି। ଏହି ଭିଡିଓଟି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଡିଜିଟାଲ ଇଣ୍ଡିଆ ଏବଂ ଘର ପାଖରେ ସରକାରୀ ସେବା ଯୋଗାଇଦେବାର ବଡ଼ ବଡ଼ ଦାବି ସତ୍ତ୍ୱେ ଗ୍ରାମାଞ୍ଚଳରେ ବୃଦ୍ଧ ଓ ଅସହାୟ ଲୋକଙ୍କୁ ନିଜର ମୌଳିକ ଅଧିକାର ପାଇଁ ଏଭଳି ସଂଘର୍ଷ କରିବାକୁ ପଡୁଥିବାରୁ ପ୍ରଶାସନ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଟ୍ରମ୍ପଙ୍କୁ ଧମକ...

ୟୁରାନିୟମ ଭଣ୍ଡାରକୁ ସମର୍ପଣ କରିବାକୁ ନୀତିଗତ ଭାବେ ରାଜି ହୋଇଛି। ପାକିସ୍ତାନ ମଧ୍ୟସ୍ଥତାରେ ଚାଲିଥିବା ଆଲୋଚନା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆଉ କିଛି ଘଣ୍ଟାରେ ଶୁଭ ଖବର ମିଳିବ ବୋଲି ବୈଦେଶିକ ମନ୍ତ୍ରୀ କହିଥିଲେ।

ଟ୍ରମ୍ପ ପ୍ରଶାସନର ଦୁଇ ଜଣ ଅଧିକାରୀ ଆହୁରି କହିଥିଲେ ଯେ ଆନ୍ତର୍ଜାତୀୟ ଆଟୋମିକ୍ ଶକ୍ତି ସଂସ୍ଥା (ଏଆଇଇଏ) ଅନୁଯାୟୀ, ଇରାନ ପାଖରେ ବର୍ତ୍ତମାନ ପ୍ରାୟ ୪୦୦ କିଲୋଗ୍ରାମର ଶୁଦ୍ଧ ୟୁରାନିୟମ ରହିଛି, ଯାହା ପରମାଣୁ ବୋମା ତିଆରିର ନିକଟତର। ଆମେରିକାର ଚାପ ଯୋଗୁଁ ଇରାନ ଏହାକୁ ହସ୍ତାନ୍ତର କରିବାକୁ, କିମ୍ବା ଏହାର ସମୃଦ୍ଧତା ପ୍ରକ୍ରିୟାକୁ ହ୍ରାସ କରି ନଷ୍ଟ କରିବାକୁ ରାଜି ହୋଇଛି। ଏହି ପ୍ରକ୍ରିୟା ଆଗାମୀ ୩୦ ରୁ ୬୦ ଦିନ ମଧ୍ୟରେ ଆଲୋଚନା ମାଧ୍ୟମରେ ସ୍ଥିର କରାଯିବ। ଯଦି ଇରାନ ଏହି ଚୁକ୍ତିରେ ରାଜି ହୋଇନଥାନ୍ତା, ତେବେ ଆମେରିକା ଇରାନର 'ଇସଫାହାନ' ପରମାଣୁ କେନ୍ଦ୍ର ଉପରେ 'ବଙ୍କର-ବଷ୍ଟର' ବୋମା ମାଧ୍ୟମରେ ଭୂତଳ ୟୁରାନିୟମ ଭଣ୍ଡାରକୁ ଧ୍ୱଂସ କରିବାକୁ ଯୋଜନା ପ୍ରସ୍ତୁତ କରି ସାରିଥିଲା। ଏପରିକି ଆମେରିକା ଓ ଇସ୍ରାଏଲର କମାଣ୍ଡୋ ମିଳିତ ଭାବେ ଏହି ୟୁରାନିୟମ ଜବତ କରିବାକୁ ମଧ୍ୟ ରଣନୀତି ପ୍ରସ୍ତୁତ କରିଥିଲେ। ଚୁକ୍ତି ସଫଳ ହେଲେ ବିଦେଶରେ ଜବତ ହୋଇ ରହିଥିବା ଇରାନର ବିଲିୟନ ବିଲିୟନ ଡଲାରର ସମ୍ପତ୍ତି ପୁଣି ଥରେ ଇରାନକୁ ଫେରସ୍ତ ମିଳିବ, ଯାହା ଦେଶର ପୁନର୍ଗଠନରେ ସାହାଯ୍ୟ କରିବ।

ମୌସୁମୀ ଆସିବା...

ନେଇ ପାଗ ଅନୁକୂଳ ରହିଥିବା ଯୋଗୁଁ ବିଭିନ୍ନ ଜିଲ୍ଲାକୁ ଆଲର୍ଟ ଜାରି କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଆଭ୍ୟନ୍ତରୀଣ ଓଡ଼ିଶାରେ ଆସନ୍ତା ୪ ରୁ ୫ ଦିନ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ପ୍ରଚଣ୍ଡ ସୂର୍ଯ୍ୟ କିରଣ ଏବଂ ଶୁଷ୍କ ଉତ୍ତର-ପଶ୍ଚିମା ପବନ ଯୋଗୁଁ ଝାରସୁଗୁଡ଼ା, ସମ୍ବଲପୁର ଏବଂ ବଲାଙ୍ଗିର ଭଳି ଜିଲ୍ଲାଗୁଡ଼ିକରେ ସର୍ବୋଚ୍ଚ ତାପମାତ୍ରା କ୍ରମାଗତ ଭାବେ ୪୩-୪୫ ଡିଗ୍ରୀ ମଧ୍ୟରେ ରହିବ। ଅନ୍ୟପକ୍ଷରେ, ଉପକୂଳବର୍ତ୍ତୀ ଅଞ୍ଚଳ ଯେପରିକି ଭୁବନେଶ୍ୱର, କଟକ ଏବଂ ପୁରୀରେ ବାୟୁମଣ୍ଡଳର ତାପମାତ୍ରା ସାମାନ୍ୟ କମ୍ ରହିଲେ ମଧ୍ୟ ଶାରୀରିକ ଅସ୍ୱାଭାବିକତା ଓ ଗୁଳୁଗୁଳି ବହୁତ ଅଧିକ ରହିବ। ବଙ୍ଗୋପସାଗରରୁ ପ୍ରଚୁର ପରିମାଣରେ ଆଦ୍ରତା ପ୍ରବେଶ କରୁଥିବାରୁ ଏହା ଗୁଳୁଗୁଳିକୁ ବହୁତ ବଢ଼ାଇଦେବ। ସ୍ଥାନୀୟ କାରଣରୁ ଅପରାହ୍ନ କିମ୍ବା ସନ୍ଧ୍ୟା ସମୟରେ କାଳବୈଶାଖୀ ଜନିତ ସୀମିତ ବର୍ଷା ହେବାର ସମ୍ଭାବନା ଥିଲେ ମଧ୍ୟ ଏହା ଗ୍ରୀଷ୍ମ ପ୍ରବାହ ସ୍ଥିତିରେ କୌଣସି ବଡ଼ ପରିବର୍ତ୍ତନ କରିପାରିବ ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପଟେ ବିଭିନ୍ନ ମଡେଲ୍ ଅନୁସାରେ ୨୮-୨୯ ତାରିଖ ପରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଧୀରେ ଧୀରେ ଦୁର୍ବଳ ହେବ। ଆଭ୍ୟନ୍ତରୀଣ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ପ୍ରାୟ ୨-୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ, ତଥାପି ପାଗ ଗରମ ଓ ଗୁଳୁଗୁଳି ସ୍ଥିତି କିଛିମାତ୍ରାରେ ରହିବ। ଏହି ସମୟରେ ବାୟୁମଣ୍ଡଳୀୟ ଅସ୍ଥିରତା ବଢ଼ିବା ଯୋଗୁଁ ପୂର୍ବ ଭାରତରେ ମେଘୁଆ ପାଗ, ଝଡ଼ ପବନ ଏବଂ ସଂଗଠିତ ସନ୍ଧ୍ୟାକାଳୀନ କାଳବୈଶାଖୀର ପ୍ରଭାବ ବୃଦ୍ଧି ପାଇବ। ବିଭିନ୍ନ ପାଣିପାଗ ମଡେଲ୍‌ର ସୂଚନା ଅନୁଯାୟୀ, ମାସ ଶେଷ ଆଡ଼କୁ କିମ୍ବା ଜୁନ୍ ପ୍ରାରମ୍ଭରେ ପଶ୍ଚିମ-କେନ୍ଦ୍ରୀୟ କିମ୍ବା ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ତୀବ୍ରତାକୁ ନେଇ ଏବେ ସ୍ପଷ୍ଟତା ଆସି ନ ଥିବା ବେଳେ ଏହି ଲଘୁଚାପ ସକ୍ରିୟ ହେଲେ ଉପକୂଳ ଏବଂ ଉତ୍ତର ଓଡ଼ିଶାରେ ବର୍ଷାର ପରିମାଣ ବହୁତ ବଢ଼ିଯିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ବର୍ତ୍ତମାନର ଗତିପଥ ଅନୁସାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୭-୧୧ ତାରିଖ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳକୁ ପ୍ରବେଶ କରିବାର ସମ୍ଭାବନା ରହିଛି, ଯାହାକି ସ୍ୱାଭାବିକ ସମୟ ସହ ସମାନ କିମ୍ବା ସାମାନ୍ୟ ଆଗୁଆ ହୋଇପାରେ। ମୌସୁମୀ ଆଗମନର ଠିକ୍ ପୂର୍ବରୁ ସ୍ଥଳଭାଗକୁ ଦକ୍ଷିଣା ପବନର ପ୍ରବାହ ଶକ୍ତିଶାଳୀ ହେବ, ବାୟୁମଣ୍ଡଳରେ ଜଳୀୟବାଷ୍ପର ମାତ୍ରା ତୀବ୍ର ଗତିରେ ବଢ଼ିବ ଏବଂ କ୍ରମାଗତ ଭାବେ ଘନ ମେଘ ସୃଷ୍ଟି ହେବା ସହ ବିସ୍ତୃତ ଅଞ୍ଚଳରେ ବିଜୁଳି-ଘଡ଼ଘଡ଼ି ସହ ବର୍ଷା ହେବ। ମୌସୁମୀ ବାୟୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସଫଳତାର ସହ ପ୍ରବେଶ କରିବା ପରେ, ଜୁନ୍ ଦ୍ୱିତୀୟ ସପ୍ତାହରେ ସାରା ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ହୋଇଯିବ। ଏହାଦ୍ୱାରା ଦିନର ତାପମାତ୍ରା ଆହୁରି କମିଯିବ ଏବଂ ବର୍ଷାର ପ୍ରଭାବକୁ ନେଇ ସାଧାରଣତଃ ଉପକୂଳ ଜିଲ୍ଲାଗୁଡ଼ିକରେ ୩୨-୩୫ ଡିଗ୍ରୀ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ୩୪-୩୭ ଡିଗ୍ରୀ ମଧ୍ୟରେ ସ୍ଥିର ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୋମବାର ରାଜ୍ୟର ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ ଓ ବଲାଙ୍ଗିରରେ ଗ୍ରୀଷ୍ମ ଲହରୀ ସ୍ଥିତି ଉତ୍ପନ୍ନ ହେବା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଯଥାକ୍ରମେ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି।

ଫେରିବ ମାଓବାଦୀ...

ଅଧୀନ ଚେରୁ ଓ ଦିଗଜାନବାଇ ଗାଁ ମଝିରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ଲୁଟି ନେଇଥିଲେ। ମାଓବାଦୀମାନେ ୨୦୦୧ ମସିହାରେ କାଳିମେଲା ଥାନା ଉପରେ ଆକ୍ରମଣ କରି ପୁଲିସକୁ ହତ୍ୟା କରିଥିଲେ। ସେଠାରୁ ଝାରସୁଗୁଡ଼ା ଓଏସ୍‌ଏପି ବାଟାଲିୟନର ୧୭ଟି ୩୦୩ ରାଇଫଲ୍, ୨ଟି ଏସ୍‌ଏଲ୍‌ଆର୍, ୩ଟି ଏକେ-୪୭, ୩ଟି ୯ଏମ୍‌ଏମ୍ ଷ୍ଟେନ୍ ସମେତ ୨୯ଟି ଅସ୍ତ୍ରଶସ୍ତ୍ର ଲୁଟ୍ କରି ନେଇଥିଲେ। ସେହିପରି ୨୦୦୮ ଫେବ୍ରୁଆରୀରେ ୫୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ନୟାଗଡ଼ ପୁଲିସ ଟ୍ରେନିଂ ସ୍କୁଲ୍, ଜିଲ୍ଲା ଅସ୍ତ୍ରାଗାର ଓ ଥାନା ଉପରେ ଆକ୍ରମଣ କରି ଅସ୍ତ୍ରଶସ୍ତ୍ର ଲୁଟି ନେଇଥିଲେ। ବିଗତ ଦିନମାନଙ୍କରେ ବିଭିନ୍ନ ରାଜ୍ୟରେ ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ଲୁଟ୍ କରିଥିବା ବେଳେ ଓଡ଼ିଶାରୁ ସ୍ଥାନରୁ ପ୍ରାୟ ୬୫୦ରୁ ଅଧିକ ଅସ୍ତ୍ରଶସ୍ତ୍ର ଲୁଟି ନେଇଛନ୍ତି।

ଏବେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ସହ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କଠାରୁ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକ ଓଡ଼ିଶା ଓ ଅନ୍ୟ ରାଜ୍ୟରୁ ଲୁଟ୍ ହୋଇଥିବା ଜଣାପଡ଼ିଛି। ଓଡ଼ିଶାରେ ଜବତ ହୋଇଥିବା ତାଲିକା ମଧ୍ୟ ବିଭିନ୍ନ ରାଜ୍ୟକୁ ପଠାଯାଇଛି। ସେହିଭଳି ଅନ୍ୟ ରାଜ୍ୟରେ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ରର ତାଲିକା ଆଣିଛି ଏସ୍‌ଆଇଡବ୍ଲୁ। ଜିଲ୍ଲା ବଟ୍ ନମ୍ବର, ବଡି ନମ୍ବର ଆଧାରରେ କେଉଁ ପ୍ରକାରର ଅସ୍ତ୍ରଶସ୍ତ୍ର କେଉଁଠାରୁ ଲୁଟ୍ ହୋଇଛି, ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ସେହି ତାଲିକାକୁ ଓଡ଼ିଶା ଓ ଅନ୍ୟ ରାଜ୍ୟରେ ମାଓବାଦୀଙ୍କଠାରୁ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ରର ତାଲିକା ସହ ମେଳ କରାଯାଇଛି। ଏହି ପ୍ରକ୍ରିୟା ମାଧ୍ୟମରେ ଓଡ଼ିଶାରୁ ଲୁଟ୍ ହୋଇଥିବା ପ୍ରାୟ ୬୫୦ ଅସ୍ତ୍ରଶସ୍ତ୍ର ମଧ୍ୟରୁ ୪୨୦ଟିର ସନ୍ଧାନ ମିଳି ସାରିଛି। ରାଜ୍ୟରୁ ଲୁଟ୍ ଅସ୍ତ୍ରଶସ୍ତ୍ର ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ତେଲେଙ୍ଗାନା, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରରେ ଠାବ ହୋଇଥିବା ଜଣାପଡ଼ିବା ପରେ ଏସ୍‌ଆଇଡବ୍ଲୁ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସଂପୃକ୍ତ ଅସ୍ତ୍ରଶସ୍ତ୍ର ଫେରାଇ ଆଣିବା ଲାଗି ଉପରୋକ୍ତ ରାଜ୍ୟର ପୁଲିସ ଡିଜିଙ୍କୁ ଏସ୍‌ଆଇଡବ୍ଲୁ ଚିଠି ଲେଖିଛି। ଏଥିସହ ସିଆର୍‌ପିଏଫ୍ ଆଇଜି ଓ ବିଏସ୍‌ଏଫ୍ ଆଜିଙ୍କୁ ମଧ୍ୟ ଚିଠି ଲେଖି ଅବଗତ କରାଯାଇଛି। ବାକି ପ୍ରାୟ ୨୩୦ଟି ଅସ୍ତ୍ରଶସ୍ତ୍ରର ସନ୍ଧାନ ପାଇଁ ବିଭିନ୍ନ ତାଲିକା ଯାଞ୍ଚ କରାଯାଉଥିବା ବେଳେ ବିଭିନ୍ନ ପୁଲିସ ସହ ଯୋଗାଯୋଗ କରୁଛି ଏସ୍‌ଆଇଡବ୍ଲୁ।

ଟ୍ରାଇମେଟ୍ରୋ ଓ ଆନାଡ୍ରୋନ୍...

କରାଯିବ। କର୍ମଚାରୀଙ୍କ ରହିବା ପାଇଁ ଅତ୍ୟାଧୁନିକ ହଷ୍ଟେଲ ନିର୍ମାଣ କରାଯିବା ସହ ସେମାନଙ୍କ ଦୈନନ୍ଦିନ ଯାତାୟାତକୁ ସହଜ, ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବା ପାଇଁ ଇଭି ବସ୍ ସେବା ପ୍ରଦାନ କରାଯିବ।

ଓଡ଼ିଶାର ଶିଳ୍ପ ସମୃଦ୍ଧି ଓ ନିଯୁକ୍ତି ସମ୍ପର୍କରେ ଏକ ଦୃଢ଼ ପ୍ରତିଶ୍ରୁତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ଓଡ଼ିଶାର ପ୍ରତିଭାବାନ ଯୁବକ/ଯୁବତୀମାନଙ୍କୁ ଜୀବିକା ସଂସ୍ଥାନ ପାଇଁ ଆଉ ନିଜ ପରିବାର ଓ ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ ସାଧାରଣ ଶ୍ରମିକ ଭାବେ ଯିବାକୁ ପଡ଼ିବ ନାହିଁ। ସେମାନଙ୍କୁ ଓଡ଼ିଶାରେ ହିଁ ସମ୍ମାନଜନକ ଏବଂ ଶ୍ରେଷ୍ଠ ନିଯୁକ୍ତି ସୁଯୋଗ ଯୋଗାଇଦେବା ଆମ ସରକାରଙ୍କ ପ୍ରାଥମିକ ସଂକଳ୍ପ। ରାଜ୍ୟରେ ଶିଳ୍ପାୟନର ଏହି ଅନୁକୂଳ ବାତାବରଣ ସ୍ଥାନୀୟ ଅର୍ଥନୀତିକୁ ଏକ ନୂତନ ଗତି ପ୍ରଦାନ କରିବ। ସରକାର ପ୍ରତିଟି ପ୍ରକଳ୍ପର ଅଗ୍ରଗତିକୁ ଅତି ସତର୍କତା ଓ ସୂକ୍ଷ୍ମତାର ସହ ଅନୁଧ୍ୟାନ କରୁଛନ୍ତି।

ସୂଚନାଯୋଗ୍ୟ ଯେ ଟ୍ରାଇମେଟ୍ରୋ ଗାର୍ମେଣ୍ଟସ୍ ହେଉଛି ବିଶ୍ୱ ସ୍ତରୀୟ ବସ୍ତ୍ର ଉତ୍ପାଦନ ସଂସ୍ଥା ଏପିକ୍ ଗ୍ରୁପର ଏକ କମ୍ପାନୀ। ଟ୍ରାଇମେଟ୍ରୋ ପ୍ରଥମଥର ପାଇଁ ଭାରତରେ ତାର ଉତ୍ପାଦନ ଆରମ୍ଭ କରିଛି। ଏହି କମ୍ପାନୀ ପାଇଁ ୨୦୨୫ ଏପ୍ରିଲ୍ ୩ ତାରିଖରେ ଶିଳାନ୍ୟାସ କରାଯାଇଥିଲା। ଖୋର୍ଦ୍ଧାରେ ସ୍ଥାପିତ ଏହି ପ୍ଲାଣ୍ଟ ୩୭୬କୋଟି ଟଙ୍କାରେ ସ୍ଥାପିତ ହୋଇଛି। ଏହାଦ୍ୱାରା ପ୍ରାୟ ୭୦୦୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସେହିପରି ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆନାଡ୍ରୋନ୍ ସିଷ୍ଟମ୍ସର ସିଇଓ ଅନନ୍ତ ଭାଲୋଟିଆଙ୍କ ସହ ଆଲୋଚନା କରି ଅପରେସନ୍ ସିନ୍ଦୂରରେ ଡ୍ରୋନ୍ ଜ୍ଞାନକୌଶଳର ସଫଳ ବ୍ୟବହାର ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅଭିଯାନରେ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଥିବା ଡ୍ରୋନ୍ ୧୦୦ ପ୍ରତିଶତ ସଫଳତା ହାସଲ କରିଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ ଏହି କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଉଥିବା ବିଭିନ୍ନ ଅତ୍ୟାଧୁନିକ ପ୍ରତିରକ୍ଷା ସାମଗ୍ରୀ ଦେଖିଥିଲେ। ଭବିଷ୍ୟତରେ ଏହି ସବୁ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ସମସ୍ତ ପ୍ରକାରର ସହଯୋଗ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଏହି ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

AFFIDAVIT

I, Lakshmikanta Mohanty, S/o- Manoj Mohanty, resident of At- Badanafrai, Po- Sankhari,Ps- Bhograi, District- Balasore, Odisha, declared by this affidavit no 8203 dated 06/05/2026 that now on word I shall be known as Lakshmikanta Mohanty for all future purposes. Henceforth, **Lakshmikanta Mohanty and Jhantu Mohanty** is the same and one person who is myself.

AFFIDAVIT

By virtue of an affidavit no. 899 before the Executive Magistrate, Nabarangpur, dtd. 29.07.2025, I, Umesh Harijan, S/o- Tulasi Harijan, resident of Dandasi Street, Nabarangpur, Odisha, declare that the correct name of my daughter is Jerina Harijan and father's name is Umesh Harijan. In the Birth Certificate, the names have been wrongly entered as Jerina Majhi and Umesh Majhi. Henceforth, the correct names shall be treated as Jerina Harijan, daughter of **Umesh Harijan** for all purposes.

25001/237/2627

Government of Odisha
Office of the Superintending Engineer,
Rural Works Division-II, Dhenkanal.
Kamakhyanagar

E-Mail: rw.kamakhyanagar@yahoo.co.in

e-procurement Notice No 03 / Road Work / 2026-27

1. **Name of the work** : Road Work
2. **Total No. of Works** : 4 (Four) Nos
3. **Tender Cost** : Rs.63.80 to 98.57 lakhs
4. **Class Contractor** : "B" equivalent
5. **Period of Completion** : 6 calendar months
6. **Availability of Tender online for bidding** : 28.05.2026 at 11.00 A.M to 09.06.2026 up to 4.00 P.M
7. **Last Date & Time of seeking tender clarification** : 08.06.2026 up to 4.00 PM
8. **Date & Time of opening of Tech Bid** : 10.06.2026 at 5.00 PM
9. **Date & Time of opening of financial Bid** : Intimate Later

Other Details can be seen from the website http://tendersorissa.gov.in.

Superintending Engineer
Rural Works Division-II, Dkl
Kamakhyanagar

OIPR-25001/25094/1/26-27/0003

ବାଇକ୍-ହାଇୱା ମୁହାଁମୁହିଁ ଧକ୍କା; ବାଇକ୍ ଚାଳକ ମୃତ

ଲହୁଣୀପଡ଼ା, ୨୪।୫(ସମିସ): ଲହୁଣୀପଡ଼ା ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ ନଂ-୧୦(କ)ର କୁକୁରଡୁବା ପୋଲ (ଟକରା ମୋଡ଼) ନିକଟରେ ବାଇକ ଓ ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ବାଇକ ଚାଳକ ଜଣକ ହେଲେ ବିଏନ୍ଆର୍ ପ୍ଲଟ ପାଖରେ ରହୁଥିବା ଅଶୋକ ହେମ୍ବ୍ରମଙ୍କ ପୁଅ ଜଗା ହେମ୍ବ୍ରମ (୨୦)। ସେ କୌଣସି ଏକ କମ୍ପାନୀର ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ ଥିଲେ। ମିଳିଥିବା ସୂଚନା ମୁତାବକ, ମୃତକ ଜଗା ଓଡି ୧୪ ଏ ଏମ ୨୫୭୬ ନମ୍ବର ବିଶିଷ୍ଟ ବାଇକ ଯୋଗେ ଲହୁଣୀପଡ଼ାରୁ ବରସୁଆଁ ପଟେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଓଡି ୧୪ ଏ ଏମ ୨୬୬୭ ନମ୍ବର ବିଶିଷ୍ଟ ଲହାପଥର ବୋଝେଇ ହାଇୱା ସାମ୍ନାରୁ ଧକ୍କା ଦେବା ଫଳରେ ଜଗା ବାଇକରୁ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ପୁଲିସ ତାଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନା ଆଣିଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ଶବକୁ ଜବତ କରି ବଣାଇଁ ସ୍ଥିତ ମର୍ଗ ହାଉସକୁ ପଠାଇଥିବା ଜଣାପଡ଼ିଛି। ଉଭୟ ଗାଡିକୁ ଜବତ କରି ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

କଥା ରଖିଲେ ନିର୍ବାହୀ ଅଧିକାରୀ

ଗୋଟିଏ ଦିନରେ ବୃଦ୍ଧ ଦମ୍ପତିଙ୍କୁ ରାସନ କାର୍ଡ

ମନମୁଣ୍ଡା, ୨୪।୫(ସମିସ): ମନମୁଣ୍ଡା ପଞ୍ଚାୟତ କପାଶିରା ଗ୍ରାମର ବୃଦ୍ଧ ଦମ୍ପତି ବାହାଦୂର କୁମ୍ଭାର (୭୦) ଏବଂ ବୁଦୁରି କୁମ୍ଭାର (୬୨)ଙ୍କ ରାସନ କାର୍ଡ ନ ଥିବାରୁ ଚାଉଳ ପାଉ ନ ଥିଲେ। ଆଧାରକାର୍ଡ ନ ଥିବାରୁ ଭତ୍ତା ମଧ୍ୟ ପାଉ ନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ସହ ଅନ୍ୟାନ୍ୟ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ହୋଇ

ଏକ ସରକାରୀ ଜାଗାରେ କୁଡ଼ିଆ କରି ରହି ଭିକ୍ଷାବୃତ୍ତି କରି ପେଟ ପୋଷୁଛନ୍ତି। ଶନିବାର ମଧ୍ୟାହ୍ନ ପ୍ରଚଣ୍ଡ ଖରାରେ ସେମାନେ ମନମୁଣ୍ଡା ରେ ଭିକ୍ଷା ମାଗୁଥିବାବେଳେ ମନମୁଣ୍ଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟଦେବ ପ୍ରଧାନ ତାହା ଦେଖି ସେମାନଙ୍କ ଅସୁବିଧା ଜାଣିବାକୁ ପାଇଥିଲେ। ଶ୍ରୀ ପ୍ରଧାନ ବୃଦ୍ଧ ଦମ୍ପତିଙ୍କୁ ନିଜ ପକେଟ୍ ରୁ ୧୦ ଦିନର ରାସନ ସାମଗ୍ରୀ ପ୍ରଦାନ କରି ଖରାରେ ଭିକ୍ଷା ନ ମାଗି ଘରେ ରହିବାକୁ ପରାମର୍ଶ ଦେଇଥିଲେ। ସେମାନଙ୍କ ରାସନକାର୍ଡ ଓ ଭତ୍ତାପାଇଁ ତୁରନ୍ତ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଖବର ପ୍ରକାଶ ପାଇଥିଲା। ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନ ନିଜ ପ୍ରତିଶ୍ରୁତି ରକ୍ଷାକରି ଆଜି ବୃଦ୍ଧ ଦମ୍ପତିଙ୍କ ରାସନକାର୍ଡ ପ୍ରସ୍ତୁତ କରିଛନ୍ତି। ପ୍ରତିମାସରେ ସେମାନେ ୧୦ କେଜି ଚାଉଳ ପାଇବେ ବୋଲି କହିଛନ୍ତି। ଆଧାରକାର୍ଡ ଥିଲେ ୩୫ କେଜି ପାଇଥାନ୍ତେ ବୋଲି କହିବା ସହ ସେଥିପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି ଓ ସେନେଇ ଚେଷ୍ଟା ଚାଲିଛି ବୋଲି ମଧ୍ୟ କହିଥିଲେ। ସେମାନଙ୍କ ବାର୍ଦ୍ଧକ୍ୟ ଭତ୍ତା ପାଇଁ ମଧ୍ୟ ଚେଷ୍ଟା ଚାଲିଛି ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନ କହିଛନ୍ତି। ତେବେ ସେମାନଙ୍କୁ କେମିତି ୩୫ କେଜି ଚାଉଳ ମିଳିବ ଓ ବାର୍ଦ୍ଧକ୍ୟ ଭତ୍ତା ତୁରନ୍ତ ପାଇ ପାରିବେ ଜିଲ୍ଲାପାଳ ଧ୍ୟାନ ଦେବାକୁ ଦାବି ହୋଇଛି।

ମରଣଯନ୍ତା ପାଲଟିଛି ସିଙ୍ଗାରି ଘାଟି ରାସ୍ତା

ଯାତ୍ରୀଙ୍କ ଜୀବନ ସହ ଖେଳୁଛି ଅବହେଳିତ ରାସ୍ତା

ଥୁଆମୂଳରାମପୁର, ୨୪।୫(ସମିସ)

କଳାହାଣ୍ଡି ଜିଲ୍ଲାର ବଣପାହାଡ଼ ଘେରା ଥୁଆମୂଳରାମପୁର ଅଞ୍ଚଳକୁ କଳମପୁର ସହ ସଂଯୋଗ କରୁଥିବା ସିଙ୍ଗାରିଘାଟି ରାସ୍ତା ମରଣଯନ୍ତା ପାଲଟିଛି। ବର୍ଷା ହେଉ କି ଖରାଦିନ, ରାସ୍ତାର ଦୟନୀୟ ଅବସ୍ଥା ଯାନବାହନ ଚାଳକ ଓ ପଥାଚାରୀଙ୍କ ପାଇଁ ସବୁବେଳେ ବିପଦ ସୃଷ୍ଟି କରୁଛି। ସ୍ଥାନେ ସ୍ଥାନେ ବଡ଼ ବଡ଼ ଖାଲଖମା, ଉଖୁଳା ପଥର ଓ ଖସିଯାଇଥିବା ମାଟି ଯୋଗୁଁ ଯାତାୟାତ କଷ୍ଟସାଧ ହୋଇପଡ଼ିଛି। ଘାଟି ରାସ୍ତା ଥୁଆମୂଳରାମପୁର ଅଞ୍ଚଳର ଜୀବନରେଖା ଭାବେ ପରିଚିତ। ରାଜା-ରାଜୁଡ଼ା ଅମଳରୁ ଚାଲିଆସୁଥିବା ଏହି ରାସ୍ତା ଦ୍ୱାରା ଅଞ୍ଚଳବାସୀ ଦୈନିକ ଯାତାୟାତ, ବ୍ୟବସାୟ, ଚିକିତ୍ସା ଓ ଶିକ୍ଷା ପାଇଁ ନିର୍ଭର କରୁଛନ୍ତି। କିନ୍ତୁ ବର୍ଷ ପରେ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତାର ସ୍ଥାୟୀ ମରାମତି କିମ୍ବା ପ୍ରଶସ୍ତିକରଣ କାମ ଆରମ୍ଭ ହୋଇନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମରେ ରାସ୍ତାର ଶୋଚନୀୟ ସ୍ଥିତି ପ୍ରକାଶ ପାଇଥିଲେ ମଧ୍ୟ ପ୍ରଶାସନ ଏହାକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ନେତା, ମନ୍ତ୍ରୀ ଓ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ସମୟରେ ଥୁଆମୂଳରାମପୁର ବ୍ଲକ ପରିଦର୍ଶନରେ ଆସୁଥିବା ବେଳେ ରାସ୍ତାର ଦୟନୀୟ ଚିତ୍ର ପ୍ରତ୍ୟକ୍ଷ ଦେଖୁଛନ୍ତି। ତଥାପି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କୌଣସି ଗୁରୁତ୍ୱ ନ ଦିଆଯିବାକୁ ସାଧାରଣ ଲୋକେ ଦୁର୍ଭାଗ୍ୟଜନକ ବୋଲି କହୁଛନ୍ତି।ଅନ୍ୟପଟେ ସିଙ୍ଗାରି ସଂରକ୍ଷିତ ଜଙ୍ଗଲ ମଧ୍ୟଦେଇ ଯାଇଥିବା ଏହି ରାସ୍ତାର ପ୍ରଶସ୍ତିକରଣ ପାଇଁ ବନବିଭାଗର ଅନୁମତି ଆବଶ୍ୟକ ଥିବାବେଳେ ସର୍ଭେ ଅନୁଯାୟୀ ଉଭୟ ପାର୍ଶ୍ୱର ଗଛ ଚିହ୍ନଟ ପ୍ରକ୍ରିୟା ମଧ୍ୟ ସରିଛି। କିନ୍ତୁ ଆଜିଯାଏ ପ୍ରକଳ୍ପକୁ ଚୂଡ଼ାନ୍ତ ମଞ୍ଜୁରୀ ମିଳିପାରିନାହିଁ।"ରାସ୍ତାର ଅସ୍ଥାୟୀ ମରାମତି ପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦାବି ହେବା ପରେ ଅଳ୍ପ ଦିନ ମଧ୍ୟରେ କାମ ଆରମ୍ଭ ହେବ ବୋଲି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର

ମାସ ପରେ ମାସ ବିତିଯାଇଥିଲେ ସୁଦ୍ଧା ତାହା କାର୍ଯ୍ୟକରୀ ହୋଇପାରିନାହିଁ। ଆଉ କିଛିଦିନ ପରେ ବର୍ଷା ଋତୁ ଆସୁଥିବା ବେଳେ ମରାମତି ନହେଲେ ରାସ୍ତାର ଅବସ୍ଥା ଆହୁରି ଭୟାବହ ହେବାର ଆଶଙ୍କା ଦେଖାଦେଇଛି।ଘାଟି ଅଞ୍ଚଳର ସଙ୍କୀର୍ଣ୍ଣ ରାସ୍ତାରେ ଦୁଇଟି ଯାନ ପାର ହେବା ମଧ୍ୟ କଷ୍ଟକର ହେଉଛି। ବିଶେଷକରି ରାତି ସମୟରେ ଏହି ରାସ୍ତାରେ ଯାତ୍ରା କରିବା ଜୀବନକୁ ବାଜି ଲଗାଇବା ସମାନ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ବର୍ଷା ଦିନରେ ରାସ୍ତା କାଦୁଆ ହୋଇ ଦୁର୍ଘଟଣାର ଆଶଙ୍କା ଆହୁରି ବଢ଼ିଯାଉଛି। ବହୁ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନର ନଜର ପଡୁନାହିଁ ବୋଲି ଅଭିଯୋଗ ହେଉଛି। ଦୀର୍ଘଦିନ ଧରି ଅଞ୍ଚଳବାସୀ ସିଙ୍ଗାରି ଘାଟି ରାସ୍ତାର ପ୍ରଶସ୍ତିକରଣ ଓ ସ୍ଥାୟୀ ଉନ୍ନତି ପାଇଁ ଦାବି କରୁଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳୁଥିବାରୁ ଅସନ୍ତୋଷ ବଢୁଛି। ନିର୍ବାଚନ ସମୟରେ ରାସ୍ତା ଉନ୍ନତିର ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ପରେ ସେଥିପାଇଁ କୌଣସି ପଦକ୍ଷେପ ନିଆଯାଉନଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଯାତ୍ରୀମାନେ ତୁରନ୍ତ ସିଙ୍ଗାରି ଘାଟି ରାସ୍ତାର ପୁନରୁଦ୍ଧାର ସହ ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି।

୨୬ ଗ୍ରାମ ବ୍ରାଉନସୁଗର ଜବତ; ୪ କୋର୍ଟ ଚାଲାଣ

ବୌଦ୍ଧ, ୨୪।୫(ସମିସ): ବୌଦ୍ଧ ପୁଲିସ ପରଟ୍ରୋଲିଂ କରୁଥିବା ସମୟରେ ବୌଦ୍ଧ ବ୍ରିଜଛକରେ ଝଙ୍କେୟକ୍ଟୁଙ୍କ କହଲ ଗୋଟିଏ ଅଟୋ ସହିତ ଚାରି ଜଣଙ୍କୁ ଅଟକ ରଖି ସେମାନଙ୍କ ନିକଟରୁ ୨୬ ଗ୍ରାମ ବ୍ରାଉନ ସୁଗର ଜବତ କରିଛି। ସେମାନେ ହେଲେ ଗୋବିନ୍ଦ ଚନ୍ଦ୍ର ପଣ୍ଡା(୩୨), ପ୍ରମେଶ କହଁର (୨୭), ମଦନ ନାୟକ ଓ ଗୋପାଳ ବେହେରା (୨୮)। ଏହାସହ ୩ଟି ମୋବାଇଲ ଓ ୨୦୦୦ ଟଙ୍କା ମଧ୍ୟ ଜବତ କରାଯାଇଛି। ପୁଲିସ ଏକ ମାମଲା ରୁଜୁକରି ସେମାନଙ୍କୁ କୋର୍ଟଚାଲାଣ କରିଛି।

ସ୍କୁଟିରୁ ପଡ଼ି ବାପା ସହ ୨ ଝିଅ ଗୁରୁତର

ଲହୁଣୀପଡ଼ା, ୨୪।୫(ସମିସ): ଲହୁଣୀପଡ଼ା ଥାନା ଅନ୍ତର୍ଗତ ଶଶ୍ୟକଳା ପଞ୍ଚାୟତ ବାଉଁରକଳା ମଝି ସାହି ନିକଟରେ ସ୍କୁଟିରୁ ଖସିପଡ଼ି ବାପାଙ୍କ ସହ ବଡ ଓ ସାନ ଝିଅ ଗୁରୁତର ଆହତ ହୋଇଥିବା ବେଳେ ମଝିଆ ଝିଅ ଆହତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଗୁରୁଣ୍ଡିଆ ବ୍ଲକ ଦହିତୁର ଗ୍ରାମର ଅଗସ୍ତି ସୋରେନେ ସ୍କୁଟି ଯୋଗେ ତାଙ୍କ ୩ ଝିଅ ସାଥିରେ ଶଶୁର ଘର କୁସୁମଡିହକୁ ଭୋଜି ଖାଇବା ପାଇଁ ଯାଇଥିଲେ। ଭୋଜି ଖାଇସାରି ସ୍କୁଟି ଯୋଗେ ୪ ଜଣ ଘରକୁ ଫେରିଲା ବେଳେ ବାଉଁର କେଲା (ମଝି ସାହି) ରାସ୍ତାରେ ଭାରସାମ୍ୟ ହରାଇ ସ୍କୁଟିରୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଏକ ବୋଲେରୋ ଯୋଗେ ଲହୁଣୀପଡ଼ା ଡାକ୍ତରଖାନା ଅଣାଯାଇଥିଲା। ବାପା ଅଗସ୍ତି ସୋରେନ, ବଡ ଝିଅ ଆନିମା ସୋରେନ ଏବଂ ସାନ ଝିଅ କାରୁଣା ସୋରେନଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

ପ୍ରଦିପ ତାଣ୍ଡିଙ୍କ ପରଲୋକ

କଣ୍ଟାବାଞ୍ଜି, ୨୪।୫(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଚଟୁଅନକା ପଞ୍ଚାୟତ ସରପଞ୍ଚ

ଜ୍ଞାନରଞ୍ଜନ ତାଣ୍ଡିଙ୍କ ବଡ଼ ଭାଇ ପ୍ରଦିପ ତାଣ୍ଡିଙ୍କ ରବିବାର ହୃଦ୍‌ଘାତରେ ପରଲୋକ ଘଟିଥିଲା ଜଣାପଡ଼ିଛି। ତାଙ୍କ ମୃତ୍ୟୁରେ ପଞ୍ଚାୟତ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ରବିବାର ରାତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ ପ୍ରଦିପ ପେଷାରେ ଜଣେ ଡ୍ରାଇଭର ଥିଲେ।

ତୈଳ ସଙ୍କଟ ପ୍ରତି ସଚେତନତା

ତରଭା ପୁଲିସର ସାଇକଲ ରାଲି

ତରଭା, ୨୪।୫(ସମିସ): ବର୍ତ୍ତମାନ ଦେଶରେ ଦେଖାଦେଇଥିବା ତୈଳ ସଙ୍କଟ ଓ ପେଟ୍ରୋଲ-ଡିଜେଲ ମୂଲ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ତରଭା ପୁଲିସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ରବିବାର ଅପରାହ୍ନରେ ତରଭା ପୁଲିସ କର୍ମଚାରୀମାନେ ସାଇକଲ ରାଲି ବାହାରକରି ସହର ପରିକ୍ରମା କରିଥିଲେ। ରାଲିରେ ଅଂଶଗ୍ରହଣ କରିଥିବା ପୁଲିସ କର୍ମଚାରୀମାନେ 'ତେଲ ବ୍ୟବହାର କମ କରନ୍ତୁ, ସାଇକେଲ ବ୍ୟବହାର କରନ୍ତୁ', ପେଟ୍ରୋଲ ବଞ୍ଚାନ୍ତୁ, ପରିବେଶ ରକ୍ଷା କରନ୍ତୁ' ଆଦି ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ଧରି ସାଇକେଲରେ ତରଭା ସହରର ମୁଖ୍ୟ ରାସ୍ତାଗୁଡ଼ିକ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମ ଜନସାଧାରଣଙ୍କ ମଧ୍ୟରେ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା। ତରଭା ଥାନା ଆଇଆଇସି ଡୋଳାମଣି ନାଏକଙ୍କ କହିବା ଅନୁସାରେ, ଆମେ ନିଜେ ଉଦାହରଣ ସ୍ଥାପନ କରି ଲୋକଙ୍କୁ ସଚେତନ କରିବାକୁ ଚାହୁଁଛୁ। ଅନାବଶ୍ୟକ ଯାନବାହନ ବ୍ୟବହାର କମ୍ କରି ସାଇକଲ, ପାଦଚାରଣା ଓ ପବ୍ଲିକ ପରିବହନ ବ୍ୟବହାର କରିବା ଦ୍ୱାରା ତୈଳ ସଙ୍କଟକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିହେବ ଏବଂ ପରିବେଶ ମଧ୍ୟ ସୁରକ୍ଷିତ ରହିବ ବୋଲି କହିଥିଲେ। ସ୍ଥାନୀୟଲୋକେ ପୁଲିସର ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଅନେକ ଯୁବକ ଓ ଛାତ୍ରଛାତ୍ରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ରାଲିରେ ଆଇଆଇସି ଶ୍ରୀ ନାଏକଙ୍କ ସମେତ ଏଏସଆଇ ନିରୂପମା ସ୍ୱାଇଁ, ସୁଧୀର ଜେନା, ସୁଶୀଲ ବିଶି, କୈଳାସ ଭୋଇ, ଗୋପୀନାଥ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

କନ୍ଧମାଳ ପୁଲିସ ପକ୍ଷରୁ ସାଇକଲ ରାଲି

କଣ୍ଟାମାଳ: ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ହୋଇଥିବା ସାଇକଲ ଚଳାଇ ସୁସ୍ଥ ରହିବା ଓ ଫିଟନେସ କରିବା କାର୍ଯ୍ୟକ୍ରମ ରହିଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଧିକାରୀ ବସୁ ଦେବ ଭୋଇଙ୍କ ନେତୃତ୍ୱରେ କଣ୍ଟାମାଳ ଅଞ୍ଚଳର ଛାତ୍ରଛାତ୍ରୀ ଓ କଣ୍ଟାମାଳ ପୁଲିସ ମିଳିତରେ ସାଇକେଲ ଚଳାଇ କଣ୍ଟାମାଳ ଥାନା ଠାରୁ ହାଟପଟ ଛକ, ମେଡିକାଲ ଛକ, ବ୍ଲକ ଛକ, ତହସିଲ ଛକ, କୋର୍ଟ ଛକ ପର୍ଯ୍ୟନ୍ତ ଯାଇଥିଲେ। ସାଇକଲ ଚଳାଇ ଶରୀରକୁ ସୁସ୍ଥ ଓ ଫିଟିନେସ ରହିବା ପାଇଁ କଣ୍ଟାମାଳ ପୁଲିସ ପକ୍ଷରୁ ସଚେତନ କରାଯାଇଥିଲା।

ମନମୁଣ୍ଡା ଥାନା ପୁଲିସ ଅଧିକାରୀଙ୍କ ସାଇକଲ ରାଲି

ମନମୁଣ୍ଡା: ମନମୁଣ୍ଡା ଥାନା ପୁଲିସ ଅଧିକାରୀ ଆଜି 'ସଣ୍ଡେଜ ଅନ୍ ସାଇକେଲ' ଦିବସ ପାଳନ କରିଥିଲେ। ଆଇଆଇସି ସସ୍ମିତା ମଗରଙ୍କ ନେତୃତ୍ୱରେ ଏସ୍ଆଇ ରିଙ୍କି ପାତ୍ର, ଏଏସଆଇ ଧରଣୀଧର ମହାକୁଡ, ଅଜୟ ସିଂ ବାରିକ, ପ୍ରମୋଦ କୁମାର ଦିଗାଲ, ସମସ୍ତ କନଷ୍ଟବଲ, ଗୃହରକ୍ଷୀ ଏବଂ ଗ୍ରାମରକ୍ଷୀମାନେ ଆଜି ଜାତୀୟ ରାଜପଥ ୫୭ ମନମୁଣ୍ଡା, ବାସୁଦେବପାଲି, ସୁବର୍ଣ୍ଣପାଲି ଏବଂ ଦେଉଳିଦେଇ ମନମୁଣ୍ଡା ପଞ୍ଚାୟତ ପରିସରରେ ରାଲି କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଦ୍ୱାରା ଅନୁପ୍ରାଣିତ ହୋଇ କ୍ରୀଡ଼ାବିତ୍ ମନୋଭାବ, ଏକତା ଓ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଏହା ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଏସ୍ଆଇ ରିଙ୍କି ପାତ୍ର କହିଛନ୍ତି।

ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ବୌଦ୍ଧ/କଣ୍ଟାମାଳ, ୨୪।୫(ସମିସ): ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡ଼ିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କଣ୍ଟାମାଳ ଥାନା ନୂଆପାଲି ଗ୍ରାମର ଚିତ୍ତ ବନଛୋର (୫୨)। ମୃତକ ନିଜେ ଟ୍ରାକ୍ଟର ମାଲିକ ହୋଇଥିବା ଜଣାପଡ଼ିଛି। ଆଜି ଚିତ୍ତ ନିଜ ଟ୍ରାକ୍ଟର ଚଳାଇ ଯାଉଥିବାବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡ଼ିଥିଲା। ଫଳରେ ଚିତ୍ତ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। କଣ୍ଟାମାଳ ପୁଲିସ ପହଞ୍ଚି ଟ୍ରାକ୍ଟର ସହ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, କନ୍ଧମାଳ ଜିଲ୍ଲା ପଟରୁ ଟ୍ରାକ୍ଟରଟି ଦ୍ରୁତ ଗତିରେ ଆସୁଥିଲା। କଣ୍ଟାମାଳ ଥାନା ତିଳିକା ମାଳ ଓ ସିମିଳି ଯୋରାମଝିରେ ବୁଲାଣିରେ ଭାରସାମ୍ୟ ହରାଇବାରୁ ଏହି ଦୁର୍ଘଟଣା ଘଟିଥିଲା।

ଜିଲ୍ଲା ଟପ୍ପର ସରୋଜିନୀ

ଶଗଡ଼ା, ୨୪।୫(ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ ବାଉଁଶୁଣି ସ୍ଥିତ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସରୋଜିନୀ ମେହେର +୨ (କଳା) ପରୀକ୍ଷାରେ ୫୪୪ ମାର୍କ ପାଇ ବୌଦ୍ଧ

ଜିଲ୍ଲା ଟପ୍ପର ହୋଇଛନ୍ତି। ବାଉଁଶୁଣି ପଞ୍ଚାୟତ ଅଧୀନ ଟିକିରାପଡ଼ା ଗ୍ରାମର ବୁଣାକାର କ୍ଷେତ୍ରମୋହନ ମେହେର ଓ ଜାହ୍ନବୀ ମେହେରଙ୍କ ଝିଅ ରୋଜିନୀଙ୍କ ସଫଳତା ନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସେ ଘରେ ଶାଢ଼ି ବୁଣା କାର୍ଯ୍ୟରେ ବାପାଙ୍କୁ ସହଯୋଗ କରିବା ସହ କୌଣସି କୋଚିଂର ସହାୟତା ନ ନେଇ ମଧ୍ୟ ଜିଲ୍ଲାରେ ଟପ୍ପର ହୋଇଛନ୍ତି।

ନର୍ଲା ବ୍ଲକ୍ ଯାଦବ ସମିତିର ସମ୍ବର୍ଦ୍ଧନା ସଭା

ଭବାନୀପାଟଣା, ୨୪।୫(ସମିସ): ନର୍ଲା ବ୍ଲକ ଯାଦବ ସମିତିର ସାଂଗଠନିକ ବୈଠକ ଓ ସମ୍ବର୍ଦ୍ଧନା ସଭା ତିଳେଇମାଲ ଆମ୍ବତୋଟାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯାଦବ ସମିତି ସଭାପତି ଲିଙ୍ଗରାଜ କରୁଆଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଯାଦବ ନେତୃତ୍ୱ ଗିରିଧାରୀ ଗଉଡ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯାଦବ ମହାସଭାର ପୂର୍ବତନ ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡ଼ାମାଝୀ, ଜିଲ୍ଲା ଉପସଭାପତି ଯୁଧିଷ୍ଠିର ଗଉଡ, ଜିଲ୍ଲା ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗଉଡ, ବାଗପୁର ସରପଞ୍ଚ ଗୋପାଳ ହାତୀ, ନର୍ଲା ବ୍ଲକ ଯୁବ ସଭାପତି ପ୍ରଶୁନ୍ କୁମାର ଜାଲ, ଲାଞ୍ଜିଗଡ଼ ବ୍ଲକ ଉପସଭାପତି ଶୋଭାବନ ଛତର ପ୍ରମୁଖ ମଞ୍ଚାସିନ ରହି ଜାତି ନନ୍ଦିଘୋଷକୁ ଆଗେଇ ନେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ +୩ ବିଜ୍ଞାନରେ କୃତିତ୍ୱ ହାସଲ କରିଥିବା ସର୍ଗିଗୁଡାର ଉଗ୍ରସେନ ଗଉଡ଼ଙ୍କ ସୁପୁତ୍ରୀ ସ୍ମିତା ଗଉଡ, +୨ ବିଜ୍ଞାନରେ ୮୫.୫ ଧ ମାର୍କ ରଖିଥିବା ଗାଡେବନ୍ଧର ଭୁବନ ବାଗଙ୍କ ସୁପୁତ୍ର ସୋଭିତ କୁମାର ବାଗ ଓ +୨ ବିଜ୍ଞାନରେ ୮୯.୫ଧ ମାର୍କ ରଖିଥିବା ରୁପ୍ରାର ଡିଲେଶ୍ୱର ଗଉଡଙ୍କ ସୁପୁତ୍ର ପିୟୁଷ ଗଉଡ, +୨ ବିଜ୍ଞାନରେ ୮୭.୯% ରଖିଥିବା ବାଗପୁରର ଜିତେନ୍ଦ୍ର ହାତୀଙ୍କ ସୁପୁତ୍ର କମଳେଶ ହାତୀ, ମାଟ୍ରିକ ପରୀକ୍ଷାରେ ୮୫%ମାର୍କ ରଖିଥିବା ଘୋଡ଼ାବନ୍ଧ ଗାଁର କାନ୍ତ ପୋଢଙ୍କ ସୁପୁତ୍ର ବୃନ୍ଦାବନ ପୋଢଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନର୍ଲା ବ୍ଲକ ଯାଦବ ସମିତି ଉପସଭାପତି ସୁନୀଲ କୁମାର ଧଙ୍ଗଡ଼ାମାଝୀ ଓ ମାର୍କଣ୍ଡ ଜାଲ, ସହସମ୍ପାଦକ ଅଜିତ କରୁଆଁ, କୋଷାଧ୍ୟକ୍ଷ ଗିରିଧାରୀ ଗଉଡ, ୨୫ଟି ଆଞ୍ଚଳିକ ସମିତିର ସଭାପତି ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ନର୍ଲା ବ୍ଲକ ଯାଦବ ସମିତି ସାଧାରଣ ସମ୍ପାଦକ ମଧୁ ସୂଦନ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ବିକ୍ରମ ଗଉଡ ଧନ୍ୟବାଦ ଅର୍ପଣ କରିଥିଲେ।

ନିଖିଳ ଉତ୍କଳ ଶୁଣ୍ଢୀ ସମାଜ ବାର୍ଷିକ ସାଧାରଣସଭା

ହରଭଙ୍ଗା, ୨୪।୫(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡେନିଗଡ଼ ପଞ୍ଚାୟତ ଅଧୀନ ବଦଳାସାହି ଠାରେ ବୌଦ୍ଧ ଜିଲ୍ଲା ନିଖିଳ ଉତ୍କଳ ଶୁଣ୍ଢୀ ସମାଜ ହରଭଙ୍ଗା ଶାଖା ପକ୍ଷରୁ ଏକ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୃଷ୍ଠପୋଷକ ମନମୋହନ ସାହୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ହରଭଙ୍ଗା ଶାଖାର ସଭାପତି ଅକ୍ଷୟ କୁମାର ସାହୁ, ଉପସଭାପତି ରବିନାରାୟଣ ପ୍ରଧାନ, ସମ୍ପାଦକ ପ୍ରଦୀପ୍ତ କୁମାର ସାହୁ, କୋଷାଧ୍ୟକ୍ଷ କାର୍ତ୍ତିକେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ରାଜ୍ୟସ୍ତରୀୟ ଜୋନାଲ ସମ୍ପାଦକ ପିତାମ୍ବର ସାହୁ, କନ୍ଧମାଳ ଶୁଣ୍ଢୀ ସମାଜର ସଭାପତି ବିଜୟ କୁମାର ସାହୁ, ଦଶପଲ୍ଲା ଶୁଣ୍ଢୀ ସମାଜର ସଭାପତି ହାଡ଼ିବନ୍ଧୁ ସାହୁ, ନସଘର ସଭାପତି ରଙ୍କ ନିଧି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଓ କୋଷାଧ୍ୟକ୍ଷ ନିଜନିଜ ବିବରଣୀ ପଠନ କରିଥିଲେ। ଶୁଣ୍ଢୀ ସମାଜକୁ କିପରି ଏକ ସୁସ୍ଥ ସମାଜ ଭାବେ ଗଢ଼ି ତୋଳିବା, ନିଜନିଜ ଭିତରେ ଭାଇଚାରାର ସମ୍ପର୍କ ରଖି ଚାଲିବା, 'ନିଜ ପାଇଁ କିଛି କିଛି, ସମାଜ ପାଇଁ ସବୁକିଛି'ଉକ୍ତ ଆଲୋଚନାର ବିଷୟରେ ଅତିଥିମାନେ ନିଜ ନିଜର ଅଭିଭାଷଣ ରଖିଥିଲେ। ଉକ୍ତ ସଭାରେ ହରଭଙ୍ଗା ବ୍ଲକର କୁସଙ୍ଗ, ଛତ୍ରଙ୍ଗ, ମହାଲିକପଡ଼ା, କରଞ୍ଜକଟା, ଉପରକଟା, ଚାରିଛକ, ପୁରୁଣାକଟକ, ଭବାନୀପୁର, ଅଡ଼େନିଗଡ଼, ରାଣୀଗଞ୍ଜ, ମାଧପୁର, ବଦଳାସାହି, ବାରିଙ୍ଗ ଗୋଛାସାହି, ଅଞ୍ଚଳର ସହସହ ପୁରୁଷ ଓ ମହିଳା ଯୋଗ ଦେଇଥିଲେ।

ମା' ଅନ୍ନପୂର୍ଣ୍ଣାଙ୍କ ମନ୍ଦିର କାର୍ଯ୍ୟରେ ସେବାକଲେ ଗ୍ରାମବାସୀ

ବୌଦ୍ଧ, ୨୪।୫ (ସମିସ): ବୌଦ୍ଧ ଜିଲ୍ଲା ସଦରବ୍ଲକ ତାଳସରଡ଼ା ପଞ୍ଚାୟତ ଡମ୍ବରୁଗଡ଼ ପାହାଡ଼ ପାଦଦେଶରେ କେଉଁ ଆବାହମାନକାଳରୁ ସାରା ଓଡ଼ିଶାରେ ପରିଚିତ

ସିଦ୍ଧ ତପୋ ସେବାବନ, ଡମ୍ବରୁଗଡ଼ ବାବା ମଠ। ଏକଦା ଏହି ସ୍ଥାନଟି ବୌଦ୍ଧ ଧର୍ମର ପ୍ରଚାର କେନ୍ଦ୍ର ଥିଲାବୋଲି କିମ୍ବଦନ୍ତୀ ଓ ଭୌଗୋଳିକ ଦୃଷ୍ଟିକୋଣରୁ ଅନୁମାନ କରାଯାଏ।ଏକଦା ମଠଟି ଶ୍ରୀହୀନ ହୋଇ ପଡ଼ିରହିଥିଲା। ଏହିଖବର ପାଇ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ସାଧୁ ତ୍ୟାଗୀ ଗିରିବର ଦାସ ସାତ ଦିନ ସାଧନା କଲାପରେ ୧୯୯୭ ମସିହାରେ ଏକ ନଅ ଦିନ ବ୍ୟାପୀ ବିଶ୍ୱ ଶାନ୍ତି ଯଜ୍ଞ ଆୟୋଜନ କଲାପରେ ସେ ଦିନଠୁ ଏହି ସ୍ଥାନ ଚଳଚଞ୍ଚଳ ହୋଇ ଉଠିଲା। ଡମ୍ବରୁଗଡ଼ ଲଣ୍ଡା ପାହାଡ଼ଟି ସବୁଜିମାରେ ପରିପୂର୍ଣ୍ଣ ହୋଇ ଏକ ଶାନ୍ତ ମନରମ ସ୍ଥାନରେ ପରିଣତ ହୋଇଗଲା। ଏଠାରେ ବର୍ଷ ସାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସହିତ ଅହରାତ୍ର ଅଖଣ୍ଡ ମହାମନ୍ତ୍ରରେ ଗୁଞ୍ଜରିତ ହେଉଛି। କିନ୍ତୁ ସିଦ୍ଧ ସାଧୁଙ୍କ ଅନେକ ସ୍ୱପ୍ନ ଆଧାରେ ରହିଯାଇଥିଲା। ତାଙ୍କ ସପ୍ନକୁ ସାକାର କରିବା ପାଇଁ ଅଞ୍ଚଳବାସୀଙ୍କ ସହଯୋଗ ଓ ବର୍ତ୍ତମାନର ମହନ୍ତ ସର୍ବେଶ୍ୱର ଦାସଙ୍କ ପ୍ରଚେଷ୍ଟାରେ ମଠର ଇଷ୍ଟଦେବୀ ମା' ଅନ୍ନପୂର୍ଣ୍ଣାଙ୍କ ମନ୍ଦିର ଆରମ୍ଭ ହୋଇ ଆଜି ପୋଢ଼ଖାଲ ଗ୍ରାମବାସୀଙ୍କ କରସେବାରେ ପ୍ଲିନ୍ଥ କାର୍ଯ୍ୟ ସମ୍ପାଦନ ହୋଇଛି। ଏହି ମନ୍ଦିର କାମ ସରିବାରୁ ଏକ କୋଟିରୁ ଅଧିକ ଅର୍ଥ ଦରକାର ବୋଲି ମଠ ପରିଚାଳନା କମିଟି ଆକଳନ କରିଛି।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୋଗ ପ୍ରଶିକ୍ଷଣ ଶିବିର

ଜହ୍ଣାପଙ୍କ, ୨୪।୫(ସମିସ): ବୌଦ୍ଧ ଜିଲ୍ଲା ଯୋଗ ମହୋତ୍ସବ ସମିତି ଆନୁକୂଲ୍ୟରେ ବାଉଁଶୁଣି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ଯୋଗ ଶିକ୍ଷିକା ପ୍ରଶିକ୍ଷଣ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ସଂକୁଳ ପ୍ରମୁଖ ଦଶରଥ ମେହେର ଏହାକୁ ଉଦ୍‌ଘାଟନ କରି ସୁସ୍ଥ ଓ ନିରୋଗ ରହିବା ସହ ସମୃଦ୍ଧ ସମାଜ ଗଠନ ପାଇଁ 'ଯୋଗ' ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ସଂଯୋଜକ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଯୋଗ ଶିକ୍ଷକ ଦେବାଶିଷ ପୁରୋହିତ ଓ ଡମ୍ବରୁଧର ବେହେରା ଯୋଗ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆସନ୍ତା ଜୁନ୍ ୨୧ ତାରିଖରେ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗ ଦିବସ ପାଳନର ଯୋଜନା ସହ ପ୍ରୋଟୋକଲ ଅଭ୍ୟାସ କରାଯାଇଥିଲା। ଜିଲ୍ଲା ସଂଯୋଜକ ବିଜୟ କୁମାର ସାହୁ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ସଂଯୋଜିକ ଗୋବିନ୍ଦ ସମାୟୁକ୍ତ ସହ-ମାର୍ଗଦର୍ଶିକା - ଦେବନାରାୟନ ପ୍ରଧାନ, ନିବେଦିତା ବ୍ୟଣ୍ଡିଆ ସମାୟୁକ୍ତ। ମୁଖ୍ୟ ଯୋଗ ଶିକ୍ଷିକା ଶଶୀରେଖା ଦାନୀ, ଶୋଭଦେବ ସେଠୀ, ବିବେକାନନ୍ଦ କୁମ୍ଭାର, ମନୋରମା ସାହୁ, କବିତା ମେହେର, ହରିପ୍ରିୟା ତ୍ରିପାଠୀ ଓ ସାନ୍ଧ୍ୟା ମେହେର ରହିଥିଲେ। ସମ୍ପାଦକ ସୁନୀଲ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିବାବେଳେ ଆଚାର୍ଯ୍ୟ ପଦ୍ମନାଭ ରଣାଙ୍କ ସମେତ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ରାଜ୍ୟସ୍ତରୀୟ ସଂକୀର୍ତ୍ତନ ଓ ଲୋକକଳା ମହୋତ୍ସବ

କଣ୍ଟାମାଳ, ୨୪।୫(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ହରିଶଙ୍କର କଳାମଣ୍ଡପଠାରେ ରାଜ୍ୟସ୍ତରୀୟ ସଂକୀର୍ତ୍ତନ ଓ ୨୧ତମ ଲୋକକଳା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଖୋର୍ଦ୍ଧାର

ପାଇକଆଖଡ଼ା ଦର୍ଶକଙ୍କ ମନ ମୋହିଥିଲା। ଆବାହକ ଦିବ୍ୟଶଙ୍କର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର ମୁଖ୍ୟଅତିଥି ଓ ସେବା ଓ ସମୃଦ୍ଧି ନିର୍ଦ୍ଦେଶକ ପ୍ରିୟବ୍ରତ ପରିଡ଼ା, ସମାଜସେବୀ ଖଗେଶ୍ୱର ମହାକୁଡ଼, ମହୋତ୍ସବ କମିଟି ସମ୍ପାଦକ ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରଞ୍ଜନ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଦିବ୍ୟଶଙ୍କର ରାଉତ ସଭାକାର୍ଯ୍ୟ ପରିଚାଳନା ଏବଂ ଓମ୍ ପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ କବିରାଜ ପ୍ରଧାନ ଓ ସାଥୀଙ୍କ ଖୋର୍ଦ୍ଧାର ପାଇକ ଆଖଡା, ଭବାନୀପାଟଣାର ଇଶ୍ୱର ରାଓ ଓ ସାଥୀ କଳାକାରଙ୍କ ଢାପ୍ ଓ ଘୁଡୁକା ନୃତ୍ୟ, ପ୍ରଗତି ଅନୁଷ୍ଠାନ ବୌଦ୍ଧର ରୁଟକୁରୁଟା, ବରଗଡ଼ କଳାଜୀବୀ ଅନୁଷ୍ଠାନର ସମ୍ବଲପୁରୀ, କଳାହାଣ୍ଡି ପ୍ରତିଭା ଅନୁଷ୍ଠାନର ସିଙ୍ଗାରି ନୃତ୍ୟ ଓ ଲୋକଗୀତ ଏଲ ଏକ୍ସ ବାବାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ।

ଆଜିର ରାଶିଫଳ

ମେଷ: ଦିନଟି ହସଖୁସିରେ କଟିବ। ନୂଆ ଚାକିରିର ସୁଯୋଗ ଆସିବ। କୌଣସି ମାଙ୍ଗଳିକ କାର୍ଯ୍ୟରେ ସାମିଲ ହେବେ। ଚିଡଚିଡା ସ୍ୱଭାବ ଯୋଗୁଁ ହଇରାଣ ହେବେ। ବାଦବିବାଦରୁ ଦୂରେଇ ରୁହନ୍ତୁ।

ବୃଷ: କର୍ମଚଞ୍ଚଳ ରହିବେ। ଖର୍ଚ୍ଚ ବୃଦ୍ଧି ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ବାପାଙ୍କ ସହ ଆଲୋଚନା କରନ୍ତୁ। ସଭାସମିତିରେ ଯୋଗ ଦେଇ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

ମିଥୁନ: ପରିବାରର ବରିଷ୍ଠ ସଦସ୍ୟଙ୍କ ସହ ମନୋମାଳିନ୍ୟ ଦେଖା ଦେବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ ଏବଂ ଅଧିକାରୀ କାମକୁ ନେଇ ଅସନ୍ତୁଷ୍ଟ ରହିବେ। ଭୁଲ୍ କାମ ପାଇଁ ମନସ୍ତାପ କରିବେ।

କର୍କଟ: ସାଂସାରିକ ଜୀବନ ହସଖୁସିରେ ଅତିବାହିତ ହେବ। ନୂଆ ଜିନିଷ କିଣାକିଣି କରିବେ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ସେୟାର୍ ବଜାରରେ ନିବେଶ କରନ୍ତୁ।

ସିଂହ: ଭାଇଭଉଣୀଙ୍କ ମତାନ୍ତର ଦୂର ହେବ। ଖାଦ୍ୟପେୟ ଅଭ୍ୟାସରେ ପରିବର୍ତ୍ତନ ଆଣିବେ। ପେଟଜନିତ ସମସ୍ୟା ଦେଖା ଦେବ। ସମ୍ପତ୍ତି ସମ୍ବନ୍ଧୀୟ ମାମଲାରେ ବିଜୟ ହାସଲ କରିବେ।

କନ୍ୟା: ସ୍ୱାମୀ-ସ୍ତ୍ରୀ ଦୂର ସ୍ଥାନକୁ ଯାତ୍ରା କରିବେ। ପରିବାର ସଦସ୍ୟଙ୍କ କଥା ଆଘାତ ଦେବ। ଧୈର୍ଯ୍ୟର ସହ କାମ କରିବେ। ଆୟ ବଢ଼ିବା ହେତୁ ଖର୍ଚ୍ଚ ଅଧିକ ହେବ। ଅର୍ଥ ସଞ୍ଚୟ କରିବା ଯୋଜନା କରିବେ।

ତୁଳା: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଛାତ୍ରଛାତ୍ରୀ ଅନ୍ୟମନସ୍କ ରହିବେ। କୌଣସି ଖୁସି ଖବର ମିଳିବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ନୂଆ କାମକୁ ଦାୟିତ୍ୱର ସହ କରିବେ।

ବିଛା: ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭଙ୍କର। ବନ୍ଧୁଙ୍କ ସହ ମତାନ୍ତର ଦୂର ହେବ। ଚାକିରି ଆଶାୟୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ବିବାହ ସମସ୍ୟା ସମାଧାନ ହେବ। ପୂଜା, ପାଠରେ ମନଯୋଗ ଦେବେ।

ଧନୁ: ଦିନଟି ବ୍ୟସ୍ତତା ଭିତରେ କଟିବ। ରାଜନୀତିରେ କ୍ୟାରିୟର କରିବା ପାଇଁ ଉପଯୁକ୍ତ ସମୟ। ପଡ଼ୋଶୀଙ୍କ ସହ ମତଭେଦ ସୃଷ୍ଟି ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଭଲ ସମୟ।

ମକର: ସମାଜରେ ମାନ, ସମ୍ମାନ ବଢ଼ିବ। ଶତ୍ରୁଙ୍କୁ ପରାସ୍ତ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ହଜିଥିବା ଜିନିଷ ଫେରି ପାଇବେ ଧାର କରଜରୁ ଦୂରେଇ ରୁହନ୍ତୁ।

କୁମ୍ଭ: ପରିବାର ସଦସ୍ୟଙ୍କ ମଧ୍ୟରେ ଭୁଲ ବୁଝାମଣା ଦେଖା ଦେବ। ଜୀବନସାଥୀଙ୍କୁ ନେଇ ନୂଆ ସ୍ଥାନ ବୁଲିବାକୁ ଯିବେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

ମୀନ: ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରିବେ। ଘରେ ପୂଜାପାଠ ଆୟୋଜନ କରିବେ। ଭାଇଭଉଣୀଙ୍କ ସହଯୋଗ ମିଳିବ। ଶାନ୍ତ ମନରେ କାମ କରିବେ। ବୈବାହିକ ଜୀବନ ସୁଖମୟ ହେବ।

ଆଜିର ଇତିହାସ

- ୧୯୬୩- ଆଫ୍ରିକୀୟ ଦେଶଙ୍କୁ ଏକଜୁଟ୍ କରିବା ପାଇଁ ଆଫ୍ରିକାର ୩୨ଟି ଦେଶ ଆଫ୍ରିକୀୟ ସଂଘର ଗଠନ କଲେ।
- ୧୯୮୫- ବାଂଲାଦେଶରେ ଆସିଥିବା ତୋଫାନରେ ୧୦ ହଜାର ଲୋକଙ୍କ ପ୍ରାଣହାନି।
- ୧୯୯୧- ଇସ୍ରାଏଲ ୧୪,୦୦୦ ଇହୁଦିଙ୍କୁ ଇଥୋପିଆରୁ ବାହାର କଲା।
- ୧୯୯୮-ପରମାଣୁ ପରୀକ୍ଷା ପାଇଁ ଭାରତ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ୟୁରୋପୀୟ ସଂଘର ୧୫ଟି ଦେଶ ସହମତି ପ୍ରକାଶ କଲେ।

ବିଶ୍ୱ ଥାଇରଏଡ୍ ଦିବସ

ଥାଇରଏଡ୍ ରୋଗ ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୨୫ ତାରିଖକୁ 'ବିଶ୍ୱ ଥାଇରଏଡ୍ ଦିବସ' ଭାବେ ପାଳନ କରାଯାଉଛି। ଥାଇରଏଡ୍ ହେଉଛି ବେକର ସାମ୍ନା ଭାଗରେ ଥିବା ଏକ ପ୍ରଜାପତି ଆକାରର ଗ୍ରନ୍ଥି, ଯାହା ଶରୀରର ହରମୋନ୍ ନିୟନ୍ତ୍ରଣ କରିଥାଏ। ଏହାର ଅନିୟମିତତା ମୁଖ୍ୟତଃ ଦୁଇଟି ରୋଗ ସୃଷ୍ଟି କରେ - ହାଇପୋଥାଇରଏଡିଜିମ୍ (ଓଜନ ବଢ଼ିବା) ଏବଂ ହାଇପରଥାଇରଏଡିଜିମ୍ (ଓଜନ କମିବା)। ଫଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ଏହା ବିରୋଧରେ ଲୋକଙ୍କୁ ସଚେତନ କରାଇବା ପାଇଁ ମେ' ୨୫ ତାରିଖକୁ ବିଶ୍ୱ ଥାଇରଏଡ୍ ଦିବସ ଭାବେ ପାଳନ କରାଯାଇଥାଏ। ୨୦୦୭ ମସିହାରେ ୟୁରୋପିଆନ ଥାଇରଏଡ୍ ଆସୋସିଏସନ ପକ୍ଷରୁ ଥାଇରଏଡ୍ ଦିବସ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବକୁ ବିଶ୍ୱସ୍ତରରେ ମାନ୍ୟତା ମିଳିବା ପରେ ପ୍ରତିବର୍ଷ ମେ' ୨୫ ତାରିଖକୁ ଥାଇରଏଡ୍ ଦିବସ ଭାବେ ପାଳନ କରାଯାଉଛି। ହଠାତ୍ ଓଜନ ବଢ଼ିବା କିମ୍ବା କମିବା, ଅତ୍ୟଧିକ ଥକ୍କାପଣ, ଚୁଟି ଝଡ଼ିବା, ଏବଂ ବେକ ଫୁଲିଯିବା ଏହାର ସାଧାରଣ ଲକ୍ଷଣ ଅଟେ। ଥାଇରଏଡ୍ ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି ରକ୍ତ ପରୀକ୍ଷା (TSH, T3, T4) କରାଇବା ଉଚିତ୍। ଶରୀରରେ ଥାଇରଏଡ୍‌ର ମାତ୍ରା ଜଣାପଡ଼ିବା ପରେ ଏହାର ଚିକିତ୍ସା କରାଯାଇଥାଏ। ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ଏହି ରୋଗ ଅଧିକ ଦେଖିବାକୁ ମିଳିଥାଏ। ଛୋଟ ପିଲାଙ୍କଠାରେ ମଧ୍ୟ ଥାଇରଏଡ୍ ସମସ୍ୟା ଦେଖିବାକୁ ମିଳୁଛି। ଛୋଟ ପିଲା ଥାଇରଏଡ୍ ରୋଗରେ ପୀଡ଼ିତ ହେଲେ ଏହା ସେମାନଙ୍କର ବିକାଶ ଉପରେ ପ୍ରଭାବ ପକାଇଥାଏ। ଥାଇରଏଡ୍‌କୁ ଏଡାଇବା ପାଇଁ, ସର୍ବପ୍ରଥମେ ଓଜନ ହ୍ରାସ କରିବା ଉଚିତ। ଏହା ସହିତ ସିଗାରେଟ୍, ମଦ୍ୟପାନ, ତମାଖୁ, ପ୍ରକ୍ରିୟାକୃତ ଖାଦ୍ୟ, ଫାଷ୍ଟଫୁଡ୍, ଅତ୍ୟଧିକ ମିଠା ଇତ୍ୟାଦି ଖାଇବା ଅନୁଚିତ। ଫୁଲକୋବି, ବନ୍ଧାକୋବି ଏବଂ ବ୍ରୋକୋଲି ଥାଇରଏଡ୍ ସମସ୍ୟାକୁ ଆହୁରି ବଢ଼ାଇଥାଏ। ତେଣୁ ଏସବୁରୁ ଦୂରେଇ ରହିବା ଉଚିତ। ଏଥି ସହିତ, ଦୈନିକ ବ୍ୟାୟାମ ଏବଂ ପର୍ଯ୍ୟାପ୍ତ ନିଦ ନେବା ଆବଶ୍ୟକ। ଥାଇରଏଡ୍ ରୋଗୀ ସର୍ବଦା ଆୟୋଡିନ୍‌ଯୁକ୍ତ ଲୁଣ ଖାଇବା ଉଚିତ୍। ଆୟୋଡିନ୍‌ଯୁକ୍ତ ଲୁଣ ଥାଇରଏଡ୍ ଗ୍ରନ୍ଥିକୁ ସଠିକ୍ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରେ ଏବଂ ହାଇପୋଥାଇରଏଡିଜିମ୍‌ର ଆଶଙ୍କା ହ୍ରାସ କରେ।

'କଲ୍‌କୀ ୨' ପାଇଁ କମଲଙ୍କ ବଡ଼ ନିଷ୍ପତ୍ତି

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ହାତରେ ଏବେ ଅନେକ ବଡ଼ ପ୍ରୋଜେକ୍ଟ ରହିଛି। ପ୍ରଭାସ ଏବେ ଯେଉଁ ଫିଲ୍ମକୁ ନେଇ ସବୁଠୁ ଅଧିକ ଚର୍ଚ୍ଚାରେ ଅଛନ୍ତି ତାହା ହେଉଛି 'କଲ୍‌କୀ ୨'। ମୂଳ ଫିଲ୍ମ 'କଲ୍‌କୀ ୨୮୯୮ ଏଡି'ରେ ପ୍ରଭାସଙ୍କ ସହ ଲିଡ୍ ରୋଲରେ ବିଗ୍ ବି ଅମିତାଭ ଓ କମଲ ହାସନ ନଜର ଆସିଥିଲେ। ଏହା ବକ୍ସ ଅଫିସ୍‌ରେ ୧୦୦୦ କୋଟିରୁ ଅଧିକ ଆୟ କରିଥିଲା। ଏହାର ସିକ୍ୱେଲରେ କମଲ ହାସନଙ୍କୁ ପୁଣି 'ସୁପ୍ରିମ୍ ୟାସ୍କିନ୍' ଭୂମିକାରେ ଦେଖିବାକୁ ମିଳିବ। ଏହାର ମୂଳ ଫିଲ୍ମରେ କମଲଙ୍କ ଭୂମିକା ବେଶ୍ ଛୋଟ ଥିଲା। ଫିଲ୍ମର ଶେଷରେ ହିଁ କମଲଙ୍କ ଲୁକ୍‌କୁ ରିଭିଲ୍ କରାଯାଇଥିଲା। ଏଥର କିନ୍ତୁ ତାଙ୍କ ଭୂମିକା ବେଶ୍ ବଡ଼ ରହିବ। ଖଳନାୟକଙ୍କୁ ନେଇ ହିଁ ଫିଲ୍ମର କାହାଣୀ ଆଗକୁ ବଢ଼ିବ। 'କଲ୍‌କୀ ୨' ପାଇଁ କମଲ ଇତିମଧ୍ୟରେ ଏକ ବଡ଼ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସୁଟିଂ ସେଟ୍‌କୁ ପ୍ରାଇଭେଟ୍ ଚାର୍ଟରରେ ଯିବା ତଥା ଲଗ୍‌ଜୁରି ଟ୍ରାଭେଲକୁ ସେ ବାଦ୍ ଦେଇଛନ୍ତି। ସେ ଇକୋନମି କ୍ଲାସ୍‌ରେ ଯାତ୍ରା କରି 'କଲ୍‌କୀ ୨' ସେଟ୍‌ରେ ପହଞ୍ଚି ସମସ୍ତଙ୍କୁ ଚକିତ କରି ଦେଇଥିଲେ। ସେହିଭଳି ଏହି ଫିଲ୍ମ ପାଇଁ ସେ କୌଣସି ପ୍ରକାର ବଡ଼ ଦାବି ପ୍ରଯୋଜକଙ୍କ ଆଗରେ ରଖି ନଥିବା ଜଣାପଡ଼ିଛି। ଏହାଦ୍ୱାରା ପ୍ରଯୋଜକଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡ଼ିଥାନ୍ତା। କମଲଙ୍କ ଏଭଳି ନିଷ୍ପତ୍ତିକୁ ସମସ୍ତେ ପ୍ରଶଂସା କରୁଛନ୍ତି। ଆସନ୍ତା ବର୍ଷ ଏହି ଫିଲ୍ମକୁ ରିଲିଜ୍ କରାଯିବ ବୋଲି କୁହାଯାଉଛି। ପ୍ରଭାସ ତାଙ୍କ ଅନ୍ୟ ପ୍ରୋଜେକ୍ଟର ସୁଟିଂ ସାରିବା ପରେ 'କଲ୍‌କୀ ୨'ର ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି।

ଆଜି ଆସିଥିଲେ

ଭଜନ ସମ୍ରାଟ ଭିକାରୀ ବଳ



ଭଜନ ସମ୍ରାଟ ଭିକାରୀ ବଳ ଭକ୍ତି ସଙ୍ଗୀତର ଏକ ପରିପୂର୍ଣ୍ଣ ପରିଭାଷା। ଈଶ୍ୱରଦତ୍ତ ଅମୃତ କଣ୍ଠରେ ସେ ଗାଇଛନ୍ତି ଶତାଧିକ ଭଜନ ଓ ଜଣାଣ। ତାଙ୍କ କଣ୍ଠର ପ୍ରତିଟି ସଙ୍ଗୀତ ଭକ୍ତିରସର ଭାବଧାରା ପ୍ଲାବିତ କରେ ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ହୃଦୟକୁ। ନିମାଇଁ ହରିଚନ୍ଦନଙ୍କ ପରେ ଭିକାରୀ ବଳ ଭଜନକୁ ଓଡ଼ିଶାରେ ସର୍ବାଧିକ ଲୋକପ୍ରିୟ କରାଇ ପାରିଥିଲେ। ଓଡ଼ିଆଙ୍କ ପ୍ରତ୍ୟେକ ଭାବ ଓ ଅଭାବକୁ ଗୀତ କରି ସେ ଗାଉଥିଲେ। 'କୋଠଭୋଗଖିଆ...' 'ମୁଁ ତ ବଡ଼ ଦେଉଳର ପାରାରେ...', 'ହାତରେ ମୋ' ମୁଠାମୁଠା ଶରଧାବାଲି...' ସେ ଗାଇଥିବା ପ୍ରତିଟି ଭଜନରେ ଥିଲା ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ସମର୍ପଣ ଭାବ। ଓଡ଼ିଆ ଭକ୍ତି ସଙ୍ଗୀତ ଜଗତ ପ୍ରତି ତାଙ୍କ ଅବଦାନ ଅତୁଳନୀୟ। ମହାପ୍ରଭୁଙ୍କ ନିକଟରେ ଭାବ ଆଉ ଭକ୍ତିର ଗାନ କରୁ କରୁ ସେ ଭିକାରୀ ବଳରୁ ସାଜିଥିଲେ 'ଭଜନ ସମ୍ରାଟ'। ୧୯୨୯ ମସିହା ଆଜିର ଦିନରେ ସେ ଓଡ଼ିଶାର କେନ୍ଦ୍ରାପଡ଼ା ସ୍ଥିତ ସୋବଳା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ରାମଚନ୍ଦ୍ର ବଳ ଓ ମାତା ଗେହ୍ଲାରାଣୀ। ତାଙ୍କ ବାପା-ମାଆଙ୍କ ସବୁ ସନ୍ତାନ ଜନ୍ମ ପରେ ମରିଯାଉଥିଲେ, କେବଳ ଭିକାରୀ ହିଁ ଜୀବିତ ରହିବାରୁ ତାଙ୍କ ନାମ 'ଭିକାରୀ' ରଖିଥିଲେ। ପିଲାଟି ବେଳୁ ତାଙ୍କ ବାପା-ମାଆ ଆରପାରିକୁ ଚାଲି ଯାଇଥିଲେ ପ୍ରାଥମିକ ଶିକ୍ଷା ପରେ ସେ କେନ୍ଦ୍ରାପଡ଼ା ଜିଲ୍ଲା କଦଳୀବଣ ହାଇସ୍କୁଲରେ ନାମ ଲେଖାଇଥିଲେ। ସେଠାରେ ସେ ନବମ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ। ଏହା ପରେ ନିଜ ଗାଁ ସୋବଳାରେ ସେ ଯାତ୍ରା ଦଳରେ ଯୋଗ ଦେଇଥିଲେ। ସେଠାରେ ସେ ଗୀତ ଗାନ, ହାରମୋନିୟମ ବଜାଇବା, ଅଭିନୟ ଆଦି ଶିଖିଥିଲେ। ଏହାପରେ ସେ ଏକ ପାଖ ସ୍କୁଲ, ଗୋକୁଳାନନ୍ଦ ସଙ୍ଗୀତ ସଦନରେ ସଙ୍ଗୀତ ଶିକ୍ଷକ ହୋଇଥିଲେ। ଭିକାରୀ ବଳ ୨୦ ବର୍ଷ ବୟସରେ ଉଷାରାଣୀ ଦେବୀଙ୍କୁ ବିବାହ କରିଥିଲେ। ବିବାହ ପରେ କର୍ମସଂସ୍ଥାନ ପାଇଁ ସେ କଟକ ଚାଲି ଆସିଥିଲେ। ଗୁରୁ କ୍ଷିତିଜ ମିତ୍ରଙ୍କ ସହାୟତାରେ ସେ କଟକ କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ସଙ୍ଗୀତରେ ଶିକ୍ଷାଲାଭ କରିଥିଲେ। ଏହାପରେ ସେ ଆକାଶବାଣୀ କଟକରେ ଏ- ଗ୍ରେଡ୍ ଗାୟକ ଭାବରେ ୧୯୬୩ରେ କାମ ଆରମ୍ଭ କଲେ। 'ପ୍ରାଣ ମିତଣୀ ବାରେ ଚାହାଁରେ' ଗୀତ ପାଇଁ ସେ ଅନେକ ଲୋକପ୍ରିୟତା ଅର୍ଜନ କରିଥିଲେ। 'କୋଠଭୋଗଖିଆ' ଭଜନରୁ ତାଙ୍କର ଲୋକପ୍ରିୟତା ଅନେକ ବଢ଼ିଯାଇଥିଲା। ଏହା ୭୦ ଦଶକରେ ଏକ ବହୁଳ ଲୋକପ୍ରିୟ ଭଜନର ମାନ୍ୟତା ପାଇଥିଲା ଏବଂ ଆଜି ଯାଏଁ ମଧ୍ୟ ରହିଛି। ତାଙ୍କର ଜଗନ୍ନାଥ ଭଜନ ଓ ଗୀତ ଗୋବିନ୍ଦର ପଦ ଆବୃତ୍ତି ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା। ସେ ଅନେକ ଚମ୍ପୂ, ଛାନ୍ଦ ଓ ଲୋକଗୀତ ମଧ୍ୟ ଗାଇଥିଲେ। ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ମଧ୍ୟ ସେ କଣ୍ଠଦାନ କରିଥିଲେ। ତାଙ୍କର ସଙ୍ଗୀତମୟ ଜୀବନକୁ ସେ ସମ୍ପୂର୍ଣ୍ଣ ଭାବେ ଜଗନ୍ନାଥଙ୍କ ନିକଟରେ ସମର୍ପଣ କରିଦେଇଥିଲେ। ଏଥିପାଇଁ ସେ ଓଡ଼ିଶା ଓ ଓଡ଼ିଶା ବାହାରୁ ବହୁ ସମ୍ମାନ, ସ୍ୱୀକୃତି ଓ ପୁରସ୍କାର ଲାଭ କରିଥିଲେ। ପୁରୀର ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କୁ 'ଭଜନ ସମ୍ରାଟ'' ଉପାଧିରେ ଭୂଷିତ କରିଥିଲେ। ସେ ଜଗନ୍ନାଥଙ୍କର ଚାମର ସେବା ନିମନ୍ତେ ମଧ୍ୟ ସୁଯୋଗ ପାଇଥିଲେ। ୨୦୧୦ ମସିହା ନଭେମ୍ବର ୨ ତାରିଖରେ ୮୧ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା।

ସ୍ତୁତି

ନୌତପା
୪ ରାଶି ପାଇଁ ଶୁଭ

ଜ୍ୟୋତିଷଙ୍କ ମତେ ପ୍ରତିବର୍ଷ ଜ୍ୟେଷ୍ଠ ମାସରେ ସୂର୍ଯ୍ୟ ରୋହିଣୀ ନକ୍ଷତ୍ରରେ ୧୫ ଦିନ ଅବସ୍ଥାନ କରି ମୃଗଶିରା ନକ୍ଷତ୍ରକୁ ଗୋଚର ହୁଅନ୍ତି। ଏହି ୧୫ ଦିନ ମଧ୍ୟରୁ ପ୍ରଥମ ୯ ଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥାଏ। ଏହାକୁ 'ନୌତପା' ବା 'ନୌତାପ' କୁହାଯାଏ। ମଇ ୨୫ରୁ ଏହା ଆରମ୍ଭ ହୋଇ ଜୁନ୍ ୨ରେ ସମାପ୍ତ ହେବ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ଏହି ସମୟକାଳରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଦୂରତା ହ୍ରାସ ପାଇଥାଏ। ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କର ଅତି ନିକଟତର ରହିଥିବାରୁ ସୌର ରଶ୍ମି ସିଧାସଳଖ ପଡ଼େ। ଫଳରେ ତାପାମାତ୍ରା ଅଧିକ ରହେ। କୁହାଯାଏ, ନୌତାପ ସମୟରେ ପ୍ରବଳ ଗରମ ଅନୁଭୂତ ହେଲେ ଭଲ ବର୍ଷା ହୁଏ। ଅନ୍ୟପକ୍ଷରେ କମ୍ ତାପ ପ୍ରବାହ ହେଲେ ସ୍ୱାଭାବିକ ବୃଷ୍ଟିପାତ ହୋଇଥାଏ।

ଏଥର ନୌତପାରେ ଦୁର୍ଲଭ ସଂଯୋଗ ସୃଷ୍ଟି ହୋଇଛି। ଏହି ନଅ ଦିନରେ ୭ ବଡ଼ ଗ୍ରହଙ୍କ ଗୋଚର ହେବ। ମେ ୨୫ରେ ସୂର୍ଯ୍ୟ ରୋହିଣୀ ନକ୍ଷତ୍ର ଏବଂ ବୁଧ ମୃଗଶିରା ନକ୍ଷତ୍ରରେ ଗୋଚର କରିବେ। ଏହାପରେ ମଙ୍ଗଳ, ବୁଧ, ରାହୁ, ଶୁକ୍ରଙ୍କ ନକ୍ଷତ୍ର ଗୋଚର ହେବ। ଏହାସହ ଚନ୍ଦ୍ର ନୌତପା ସମୟରେ ଅନେକ ଥର ରାଶି ପରିବର୍ତ୍ତନ କରିବେ। ଏହି ଦୁର୍ଲଭ ସଂଯୋଗ ୪ ରାଶିଙ୍କୁ ଶୁଭ ଫଳ ପ୍ରଦାନ କରିବ।

ମେଷ: କାର୍ଯ୍ୟାଳୟରେ କୌଣସି ବଡ଼ ଉପଲବ୍ଧି ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ। ସମ୍ପର୍କରେ ଥିବା ଭୁଲ ବୁଝାମଣା ଦୂର ହେବ।

ବୃଷ: କୌଣସି ନୂଆ କାମ ଆରମ୍ଭ କରିବେ। ଅଟକି ରହିଥିବା କାମ ପୂରା ହେବ। ଚାକିରି ଓ ବ୍ୟବସାୟ ଦୃଷ୍ଟିକୋଣରୁ ଏହା ଉତ୍ତମ ସମୟ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ସଞ୍ଚୟ କରିବେ।

କର୍କଟ: ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ମାଆଙ୍କ ଇଚ୍ଛା ପୂରଣ ହେବ। ଆର୍ଥିକ ସମସ୍ୟା ଦୂର ହେବ। ସାଙ୍ଗସାଥୀଙ୍କ ସହିତ ଖୁସିରେ ସମୟ ଅତିବାହିତ ହେବ।

ବିଛା: ପ୍ରତ୍ୟେକ କାମରେ ସଫଳତା ମିଳିବା ଆଶଙ୍କା ଅଛି। କର୍ମଜୀବୀ ଅଧିକ ସକାରାତ୍ମକ ରହିବେ। ପରିବାରରେ ସୁଖ ଶାନ୍ତି ବୃଦ୍ଧି ପାଇବ। ବୈବାହିକ ଜୀବନରେ ପ୍ରେମ ବଢ଼ିବ।

ଜ୍ୟେଷ୍ଠରେ ଜଳ ଦାନ

ଜ୍ୟେଷ୍ଠ ମାସ ସୂର୍ଯ୍ୟଦେବଙ୍କୁ ସମର୍ପିତ। କୁହାଯାଏ, ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଚନ୍ଦ୍ର ଜ୍ୟେଷ୍ଠ ନକ୍ଷତ୍ରରେ ଥାନ୍ତି। ସେଥିପାଇଁ ଏହି ମାସର ନାଁ ଜ୍ୟେଷ୍ଠ। ଉକ୍ତ ମାସର ପ୍ରାରମ୍ଭ କୃଷ୍ଣ ପ୍ରତିପଦାରୁ ଆରମ୍ଭ ହୋଇଥାଏ ଏବଂ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସମାପ୍ତ ହୁଏ। ତେବେ ଏହି ମାସର ସମ୍ବନ୍ଧ ଜଳ ସହ ଯୋଡ଼ା ଯାଇଛି। ଏହି ମାସରେ ସୂର୍ଯ୍ୟଦେବ ଏବଂ ବରୁଣ ଦେବଙ୍କ ଉପାସନା ଫଳଦାୟୀ। ଜ୍ୟେଷ୍ଠ ମାସରେ ଭୀଷଣ ଗରମ ଅନୁଭୂତ ହୋଇଥାଏ। ଏଣୁ ଏହି ମାସରେ ଜଳ ଦାନକୁ ଶୁଭ ବୋଲି କୁହାଯାଏ।

ଏହି ମାସରେ ଭୀଷଣ ଗରମ ହୋଇଥାଏ। ସେଥିପାଇଁ ଅଧିକାଂଶ ନଦୀ, ପୋଖରୀ, କୂଅ ଶୁଖି ଯାଏ। ପୁଣି କେତେକ ସ୍ଥାନରେ ଜଳାଭାବ ଦେଖାଯାଏ। ସେଥିପାଇଁ ଏହି ମାସରେ ଜଳ ସଂରକ୍ଷଣ କରିବାର ପରମ୍ପରା ଅଛି। ଭୀଷଣ ଗରମ ଏବଂ ଜଳାଭାବ ଯୋଗୁଁ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଏହିପରି ଭାବେ ଏହି ମାସ ଜଳର ମହତ୍ତ୍ୱ ବାବଦରେ ବୁଝାଏ। ସେହିପରି ନିର୍ଜଳା ଏକାଦଶୀର ସମ୍ବନ୍ଧ ଜଳ ସହ ଜଡ଼ିତ। ନିର୍ଜଳା ରହି ଭକ୍ତ ଏହାକୁ ପାଳନ କରନ୍ତି। ଏହି ବ୍ରତରେ ଅନ୍ନ ସହିତ ଜଳ ମଧ୍ୟ ତ୍ୟାଗ କରାଯାଏ।

ଏହି ମାସ ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ ବୋଲି ବିଚାର କରାଯାଏ। ତା'ସହ ବରୁଣ ଦେବ, ଶନିଦେବ, ସୂର୍ଯ୍ୟ ଦେବ ଏବଂ ହନୁମାନଙ୍କ ଉପାସନା କରାଯାଏ। ଏହି ମାସରେ ଏହି ସବୁ ଦେବତାଙ୍କ ବିଶେଷ ପୂଜାପାଠ କରିବା ସହ ଜଳଦାନ କରିବାର ପରମ୍ପରା ଅଛି। କେବଳ ସେତିକି ନୁହେଁ, ପବିତ୍ର ନଦୀ ଗଙ୍ଗା, ଯମୁନା, ନର୍ମଦାରେ ସ୍ନାନ କରିବାକୁ କୁହାଯାଏ।

ପୁଷ୍ପାଞ୍ଜଳିର ମହତ୍ତ୍ୱ

ସନାତନ ଧର୍ମରେ କୌଣସି ପୂଜା, ପାଠ, ଯଜ୍ଞ ଆଦି ଶେଷରେ ପୁଷ୍ପାଞ୍ଜଳି ଦିଆଯାଏ। ପୂଜା ପରେ ମନ୍ତ୍ର ପୁଷ୍ପାଞ୍ଜଳିର ପରମ୍ପରା ବହୁ ପୁରୁଣା। କୁହାଯାଏ, ଏହି ପରମ୍ପରା ବୈଦିକ କାଳରୁ ଚାଲି ଆସିଛି। ତେବେ ପୁଷ୍ପାଞ୍ଜଳି ସହିତ ସମସ୍ତେ ପରିଚିତ ଥିଲେ ବି ଏହାର ମହତ୍ତ୍ୱ ଏବଂ ବାସ୍ତବିକ ଅର୍ଥ ଜାଣି ନାହାନ୍ତି। ଫଳରେ ପୂଜାର ସମ୍ପୂର୍ଣ୍ଣ ଫଳ ପ୍ରାପ୍ତି ହୋଇ ନ ଥାଏ।

କୌଣସି ପୂଜାପାଠ, ଯଜ୍ଞ ଆଦି ଧାର୍ମିକ ଅନୁଷ୍ଠାନ ସମାପ୍ତି ପରେ ଦେବୀ ଦେବତାଙ୍କ ପ୍ରତି ଆଦର ପ୍ରକଟ କରିବା ଲାଗି ଦୁଇ ହାତ ଯୋଡ଼ି ସେଥିରେ ଫୁଲ ରଖାଯାଏ। ଏହା ପରେ ବିଶେଷ ମନ୍ତ୍ରକୁ ଉଚ୍ଚାରଣ କରାଯାଇ ସେହି ଫୁଲକୁ ଦେବୀ ଦେବତାଙ୍କୁ ଅର୍ପଣ କରାଯାଏ। ଶାସ୍ତ୍ର ଅନୁସାରେ, ଏହାକୁ ପୁଷ୍ପାଞ୍ଜଳି କୁହାଯାଏ। କାରଣ ଏହି ପ୍ରକ୍ରିୟା ବିଶେଷ ମନ୍ତ୍ର ଏବଂ ଫୁଲ ସହିତ କରାଯାଏ। ତେଣୁ ଏହାକୁ ମନ୍ତ୍ର ପୁଷ୍ପାଞ୍ଜଳି କୁହାଯାଏ।

ଶାସ୍ତ୍ର ଅନୁସାରେ, ମନ୍ତ୍ର ପୁଷ୍ପାଞ୍ଜଳି ଦେବୀ ଦେବତାଙ୍କ ପ୍ରତି ଭକ୍ତି ଓ ନିଷ୍ଠା ପ୍ରକଟ କରିବା ଲାଗି କରାଯାଏ। କୁହାଯାଏ ଦେବୀ ଦେବତାଙ୍କୁ ମନ୍ତ୍ର ସହିତ ପୁଷ୍ପ ଅର୍ପଣ କରିବା ଦ୍ୱାରା ମନ ଶୁଦ୍ଧ ରହେ ଏବଂ ଚିନ୍ତାଧାରାରେ ଶୁଦ୍ଧତା ଆସେ। ଏଭଳି କରିବା ଦ୍ୱାରା ଆତ୍ମ ଶାନ୍ତି ଓ ସନ୍ତୋଷ ମିଳେ। ପୁରାଣ ଅନୁସାରେ, ଭଗବାନଙ୍କୁ ଧନ୍ୟବାଦ ଜ୍ଞାପନ କରିବା ଏବଂ ପରିବାର ସଦସ୍ୟଙ୍କ ସୁଖଶାନ୍ତି ପାଇଁ ପୁଷ୍ପାଞ୍ଜଳି ଅର୍ପଣ କରାଯାଏ। ଏହାକୁ କରିବା ଦ୍ୱାରା ଦେବୀ ଦେବତା ପ୍ରସନ୍ନ ହୋଇ ଭକ୍ତଙ୍କ ମନୋକାମନା ପୂରଣ କରନ୍ତି।

କବାଟ ପଛରେ କ'ଣ ରଖିବେନି

ବାସ୍ତୁ ଶାସ୍ତ୍ର ଅନୁସାରେ, କବାଟ ପଛ ପାର୍ଶ୍ୱରେ କିଛି ଜିନିଷ ରଖିବା ତଥା ଝୁଲାଇବା ଅଶୁଭ। ଏଭଳି କରିବା ଦ୍ୱାରା ଘରେ ନକାରାତ୍ମକ ଶକ୍ତି ବୃଦ୍ଧି ପାଏ। ଏହାର ପ୍ରଭାବ ଆର୍ଥିକ ସ୍ଥିତି, ମାନସିକ ଶାନ୍ତି ଏବଂ ପରିବାର ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ତେବେ କବାଟ ପଛରେ କେଉଁ ଜିନିଷ ରଖିବା ମନା ସେ ସମ୍ପର୍କରେ ଜାଣିବା।

- ବାସ୍ତୁ ଶାସ୍ତ୍ର ଅନୁସାରେ, କବାଟ ପଛରେ ମଇଳା ତଥା ଅଧିକ ପୋଷାକ ଝୁଲାଇବା ଅନୁଚିତ। ଏହା ଦ୍ୱାରା ନକାରାତ୍ମକ ଶକ୍ତି ଜମା ହୁଏ। ଘରର ପରିବେଶ ଖରାପ ହୁଏ।
- ଔଷଧ ଭର୍ତ୍ତି ବ୍ୟାଗ୍ ତଥା ପଲିଥିନ କବାଟ ପଛରେ ଝୁଲାଇବା ଭଲ ନୁହେଁ। ବାସ୍ତୁ ଅନୁସାରେ, ଔଷଧ ରୋଗର ପ୍ରତୀକ। ଏହାକୁ କବାଟ ପଛରେ ରଖିବା ଦ୍ୱାରା ଘରେ ରୋଗର ପ୍ରଭାବ ବଜାୟ ରହେ।
- ଅନେକ ଲୋକ ପୁରୁଣା କ୍ୟାଲେଣ୍ଡରକୁ ଫିଙ୍ଗିବା ବଦଳରେ କବାଟ ପଛରେ ଝୁଲାଇ ଦିଅନ୍ତି।

ଏହାକୁ ବାସ୍ତୁଶାସ୍ତ୍ରରେ ଅଶୁଭ ବୋଲି କୁହାଯାଇଛି।

- ସେହିପରି କବାଟ ପଛରେ ଜୋତା ଚପଲ ରଖିଲେ ବାସ୍ତୁ ଦୋଷ ସୃଷ୍ଟି ହୁଏ। ଏହାବାଦ୍ ଓଦା ତଉଲିଆ କବାଟରେ ଝୁଲାଇଲେ ନକାରାତ୍ମକ ପ୍ରଭାବ ପଡ଼େ। ମୁଖ୍ୟତଃ ପରିବାର ସଦସ୍ୟଙ୍କ ଉପରେ।

ସକାଳ
THE SAKALA
www.sakalaepaper.com

ଅଲ୍‌ରାଉଣ୍ଡର ଆର୍ଚରଙ୍କ ପ୍ଲେୟର ଅଫ୍ ଦି ମ୍ୟାଚ୍; ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ ବେକାର

ମୁମ୍ବଇକୁ ହରାଇ ପ୍ଲେ ଅଫ୍‌ରେ ରାଜସ୍ଥାନ

ମୁମ୍ବଇ,୨୪।୫(ଏଜେନ୍ସି)

୫ଥରର ଚାମ୍ପିଅନ ମୁମ୍ବଇ ଇଣ୍ଡିଆନ୍ସକୁ ୩୦ରନ୍‌ରେ ପରାସ୍ତ କରି ରାଜସ୍ଥାନ ରୟାଲ୍ସ ଚତୁର୍ଥ ତଥା ଶେଷ ଦଳ ଭାବେ ୨୦୨୬ ଆଇପିଏଲ୍ ପ୍ଲେ ଅଫ୍‌ରେ ପ୍ରବେଶ କରିଛି। ଏହା ଫଳରେ ପ୍ଲେ ଅଫ୍‌ରେ କିଏ କାହା ସହ ଖେଳିବ ତାହା ଚୂଡ଼ାନ୍ତ ହୋଇଯାଇଛି। ପଏଣ୍ଟ ଟେବୁଲର ପ୍ରଥମ ଦୁଇଟି ସ୍ଥାନରେ ଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (୧୮) ଓ ଗୁଜରାଟ ଟାଇଟାନ୍ସ (୧୮) ମଧ୍ୟରେ ପ୍ଲେ ଅଫ୍‌ର ପ୍ରଥମ ମ୍ୟାଚ୍ ବା ପ୍ରଥମ କ୍ୱାଲିଫାୟର ମୁକାବିଲା ହେବ। ଏହି ମ୍ୟାଚ୍‌ଟି ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ମେ ୨୬ରେ ଅନୁଷ୍ଠିତ ହେବ। ସେହିପରି ଏହାର ପରଦିନ ଅର୍ଥାତ୍ ଚଣ୍ଡିଗଡ ନିକଟସ୍ଥ ମୁଲାନପୁରରେ ମେ ୨୭ ତାରିଖରେ ଏଲିମିନେଟର ଖେଳାଯିବ। ଏଥିରେ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନରେ ଥିବା ସନ୍‌ରାଇଜର୍ସ ହାଇଦରାବାଦ୍ (୧୮ ପଏଣ୍ଟ) ଓ ଚତୁର୍ଥ ହୋଇଥିବା ରାଜସ୍ଥାନ ରୟାଲ୍ସ (୧୬ପଏଣ୍ଟ) ମଧ୍ୟରେ ମୁକାବିଲା ହେବ। ପ୍ଲେ ଅଫ୍‌ର ତୃତୀୟ ମ୍ୟାଚ୍ ମୁଲାନପୁରରେ ମେ ୨୯ରେ ଖେଳାଯିବ। ମେ ୨୬ରେ ଅନୁଷ୍ଠିତ ପ୍ରଥମ କ୍ୱାଲିଫାୟରରେ ପରାଜିତ ହୋଇଥିବା ଦଳ ଏବଂ ମେ ୨୭ରେ ଏଲିମିନେଟରରେ ବିଜୟୀ ହୋଇଥିବା ଦଳ ମଧ୍ୟରେ ଏହି ଦିନ ଦ୍ୱିତୀୟ କ୍ୱାଲିଫାୟର ଖେଳାଯିବ। ପ୍ରଥମ ଓ ଦ୍ୱିତୀୟ କ୍ୱାଲିଫାୟରର ବିଜେତା ଦଳ ମଧ୍ୟରେ ଆଇପିଏଲ୍ ୨୦୨୬ର ଗ୍ରାଣ୍ଡ ଫାଇନାଲ ଅହମ୍ମଦାବାଦ୍‌ରେ ମେ ୩୧ ତାରିଖ ରବିବାର ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପ୍ଲେ ଅଫ୍‌ରେ ରାଜସ୍ଥାନ ପ୍ରବେଶ କରିବା ପରେ ଅନ୍ୟ ଦୁଇ ଆଶାୟୀ ଦଳ ପଞ୍ଜାବ କିଙ୍ଗ୍‌ସ ଓ କୋଲକାତା ନାଇଟ୍ ରାଇଡର୍ସର ଆଶା ଧୂଳିସାତ ହୋଇଯାଇଛି। ଅନ୍ୟ ପକ୍ଷରେ ମୁମ୍ବଇ (୧୪ମ୍ୟାଚ୍‌ରୁ ୮ପଏଣ୍ଟ) ୯ମ ସ୍ଥାନରେ ରହି ସିଜନ ଶେଷ କରିଛି। ଆଜିର ଖେଳରେ ୧୫ବଲ୍‌ରୁ ୩୨ରନ୍ କରିବା ସହ ୪ଓଭର ବୋଲିଂ କରି ୧୭ରନ୍‌ରେ ୩ଟି ୱିକେଟ ନେଇଥିବା ରାଜସ୍ଥାନର ଜୋଫ୍ରା ଆର୍ଚରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଆଜି ଖେଳାଯାଇଥିବା ଆଇପିଏଲ୍‌ର ୬୯ତମ ମୁକାବିଲା ବୋଲରମାନଙ୍କ କବ୍‌ଜାରେ ରହିଥିଲା। ମୁମ୍ବଇ ଇଣ୍ଡିଆନ୍ସର ସ୍ଲୋ ବଲ୍ ଆଟାକ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସର ଜଣେ ହେଲେ ବ୍ୟାଟର ବଡ଼ ସ୍କୋର କରି ପାରି ନ ଥିଲେ। ତଥାପି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୦୫ ରନ୍‌ର ସମ୍ମାନଜନକ ସ୍କୋର କରିଥିଲା। ଦଳ ପକ୍ଷରୁ ଧ୍ରୁବ ଜୁରେଲ ୩୮, ଦାସୁନ ଶାନକା ୨୯ ଓ ଯଶସ୍ୱୀ ଜୟସ୍ୱାଲ ୨୭ ରନ୍ କରିଥିଲେ। ପୂର୍ବଭାରତର ଦୁଇ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ୪ ଓ ଅଧିନାୟକ ରିୟାନ ପରାଗ ୧୪ରନ୍ କରିଥିଲେ। ଶେଷ ଭାଗରେ ଜୋଫ୍ରା ଆର୍ଚର ୧୫ବଲ୍‌ରେ ୩ ଛକା ସହ ୩୨, ରବୀନ୍ଦ୍ର ଜାଡେଜା ୧୧ ବଲ୍‌ରେ ଅପରାଜିତ ୧୯ ଓ ନାନ୍ଦ୍ରେ ବର୍ଗର ୩ବଲ୍‌ରେ ୧୦ ରନ୍ କରିବା ଫଳରେ ରାଜସ୍ଥାନ ଏକ ଡିଫେଣ୍ଡେବଲ ସ୍କୋର କରିଥିଲା। ମୁମ୍ବଇର ଦୀପକ ଚହର ଓ ଶାର୍ଦ୍ଦୁଳ ଠାକୁର ୨ଟି ଲେଖାଏଁ ୱିକେଟ ପାଇଥିଲେ।

ଜବାବରେ ୨୦୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବ୍ୟାଟିଂ କରିଥିବା ମୁମ୍ବଇ ଇଣ୍ଡିଆନ୍ସ ପ୍ରତିପକ୍ଷ ରାଜସ୍ଥାନ ଶୀର୍ଷ ବୋଲରଙ୍କୁ ମୁକାବିଲା କରିପାରି ନ ଥିଲା। ପାୱାର ପ୍ଲେ ଶେଷ ହେବା ପୂର୍ବରୁ ଅର୍ଥାତ୍ ୫.୧ଓଭରରେ ମାତ୍ର ୩୮ ରନ୍‌ରେ ମୁମ୍ବଇର ଟପ୍ ଅର୍ଡର ରୋହିତ ଶର୍ମା (୦), ନମନ ଧୀର (୬), ରିୟାନ ରିକେଲଟନ (୧୨) ଓ ତିଲକ ବର୍ମା (୩) ପାଭିଲିୟନ ଫେରିଯାଇଥିଲେ। ଏହି ସମୟରେ ସୂର୍ଯ୍ୟକୁମାର ଯାଦବ (୪୨ବଲ୍‌ରେ ୬୦ରନ୍, ୩ଚୌକା, ୪ଛକା) ତାଙ୍କ ପୁରୁଣା ଫର୍ମ କିଛିଟା ଫେରିପାଇବା, ୱିଲ ଜ୍ୟାକ୍ସ (୧୮ ବଲ୍‌ରେ ୩୩ରନ୍) ଓ ହାର୍ଦ୍ଦିକ ପାଣ୍ଡ୍ୟା (୧୫ବଲ୍‌ରେ ୩୪ରନ୍)ଙ୍କ କାଉଣ୍ଟର ଆଟାକ ରାଜସ୍ଥାନ ଆଶାରେ ଆତଙ୍କ ଖେଳାଇଦେଇଥିଲା। ୧୩ତମ ଓଭରରେ ରାଜସ୍ଥାନ ବୋଲରଙ୍କୁ ସହାୟତା ଦେଉଥିବା ପିଚ୍‌ରେ ମ୍ୟାଚ୍‌କୁ ନିୟନ୍ତ୍ରଣକୁ ଆଣିଥିଲା। ଆର୍ଚର ତାଙ୍କ ସ୍ପେଲର ଶେଷ ଓଭରରେ ହାର୍ଦ୍ଦିକଙ୍କୁ ଆଉଟ କରିଥିଲେ। ସୂର୍ଯ୍ୟକୁମାରଙ୍କୁ ଆଉଟ କରି ବର୍ଗର ମୁମ୍ବଇର ଶେଷ ଆଶାକୁ ମଧ୍ୟ ଧୂଳିସାତ କରିଦେଇଥିଲେ। ସହଜ ବିଜୟ ଆଶାରେ ଯାଉଥିବା ରାଜସ୍ଥାନ ଏମାନଙ୍କ ଆଉଟ ପରେ ଆଶ୍ୱସ୍ତ ହୋଇଥିଲା। ଦଳ ପକ୍ଷରୁ ଚମତ୍କାର ଖେଳିଥିବା ଜୋଫ୍ରା ଆର୍ଚର ମାତ୍ର ୧୭ରନ୍‌ରେ ୩ଟି, ନାନ୍ଦ୍ରେ ବର୍ଗର, ବ୍ରିଜେଶ ଶର୍ମା ଓ ଯଶରାଜ ପୁଞ୍ଜା ୨ଟି ଲେଖାଏଁ ୱିକେଟ ନେବା ଫଳରେ ମୁମ୍ବଇ ଇଣ୍ଡିଆନ୍ସର ଇନିଂସ ୯ୱିକେଟରେ ୧୭୫ରନ୍‌ରେ ଅଟକିଯାଇଥିଲା। ଦମ୍‌ର ସହ ଖେଳି ରାଜସ୍ଥାନ ସପ୍ତମ ଥର ଲାଗି ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା। ଏହି ଦଳ ୨୦୦୮ରେ ଚାମ୍ପିଅନ ଓ ୨୦୨୨ରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।

୨୦୨୬ ଆଇପିଏଲ: ପ୍ଲେ ଅଫ୍ ଖେଳସୂଚୀ

୨୬।୫	ପ୍ରଥମ କ୍ୱାଲିଫାୟର	ବେଙ୍ଗାଲୁରୁ - ଗୁଜରାଟ	ଧର୍ମଶାଳା
୨୭।୫	ଏଲିମିନେଟର	ହାଇଦରାବାଦ୍-ରାଜସ୍ଥାନ	ମୁଲାନପୁର
୨୯।୫	ଦ୍ୱିତୀୟ କ୍ୱାଲିଫାୟର	୨୬ର ପରାଜିତ -୨୭ର ବିଜେତା	ମୁଲାନପୁର
୩୧।୫	ଗ୍ରାଣ୍ଡ ଫାଇନାଲ	୧ମ ଓ ୨ୟ କ୍ୱାଲିଫାୟର ବିଜେତା	ଅହମ୍ମଦାବାଦ୍

ସଂକ୍ଷିପ୍ତ ସ୍କୋର

ରାଜସ୍ଥାନ ରୟାଲ୍ସ: ୨୦୫/୯, ୨୦ ଓଭର (ଜୁରେଲ-୩୮, ଆର୍ଚର-୩୨, ଶାନକା-୨୯, ଜୟସ୍ୱାଲ-୨୭, ସୂର୍ଯ୍ୟବଂଶୀ-୪, ଠାକୁର-୨/୪୧, ଦୀପକ ଚହର-୨/୪୩)।

ମୁମ୍ବଇ ଇଣ୍ଡିଆନ୍ସ: ୧୭୫/୯, ୨୦ ଓଭର (ସୂର୍ଯ୍ୟକୁମାର-୬୦, ହାର୍ଦ୍ଦିକ-୩୪, ଜ୍ୟାକ୍ସ-୩୩ ଆର୍ଚର-୩/୧୭, ବ୍ରିଜେଶ-୨/୨୬, ବର୍ଗର-୨/୪୩, ଯଶରାଜ-୨/୪୪)।

ଆଇପିଏଲ୍ ପଏଣ୍ଟ ଟେବୁଲ୍

ଦଳ	ମ୍ୟା.	ବି.	ପ.	ବା.	ପ.	ଏନ୍‌ଆର୍‌ଆର୍
ବେଙ୍ଗାଲୁରୁ	୧୪	୯	୫	୦	୧୮	+୦.୭୮୩
ଗୁଜରାଟ	୧୪	୯	୫	୦	୧୮	+୦.୬୯୫
ହାଇଦରାବାଦ	୧୪	୯	୫	୦	୧୮	+୦.୫୨୪
ରାଜସ୍ଥାନ	୧୪	୮	୬	୦	୧୬	+୦.୧୮୯
ପଞ୍ଜାବ	୧୪	୭	୬	୧	୧୫	+୦.୩୦୯
ଦିଲ୍ଲୀ	୧୪	୭	୭	୦	୧୪	-୦.୬୫୧
କୋଲକାତା	୧୪	୬	୭	୧	୧୩	-୦.୧୪୭
ଚେନ୍ନଇ	୧୪	୬	୮	୦	୧୨	-୦.୩୪୫
ମୁମ୍ବଇ	୧୪	୪	୧୦	୦	୮	-୦.୫୮୪
ଲକ୍ଷ୍ନୌ	୧୪	୪	୧୦	୦	୮	-୦.୭୪୦

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

କେକେଆର୍ ନିରାଶ

କୋଲକାତା, ୨୪।୫ (ଏଜେନ୍ସି): ପାଖାପାଖି ଦୁଇମାସ ଧରି ଚାଲିଥିବା ଆଇପିଏଲ୍-୧୯'ର ଲିଗ୍ ପର୍ଯ୍ୟାୟ ମୁକାବିଲା ଶେଷ ହୋଇଛି। ରବିବାର ଅନୁଷ୍ଠିତ ୭୦ତମ ଲିଗ୍ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୪୦ ରନରେ ଘରୋଇ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ପରାସ୍ତ କରିଛି। ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ୫ ୱିକେଟ୍ ହରାଇ ୨୦୩ ରନ କରିଥିଲା। ଓପନର୍ ଲୋକେଶ ରାହୁଲ ସର୍ବାଧିକ ୬୦ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଅକ୍ଷର ପଟେଲ (୩୯ ରନ), ଡେଭିଡ୍ ମିଲର (୨୮), ସାହିଲ ପାରଖ (୨୪), ଅଭିଷେକ ପୋରେଲ (୨୨) ଉପଯୋଗୀ ପାଳି ଖେଳିଥିଲେ। ବୋଲିଂରେ ଘରୋଇ କୋଲକାତା ପକ୍ଷରୁ ସୌରଭ ଦୁବେ ୨ଟି ଏବଂ ଅନୁକୂଳ ରୟ, ସୁନିଲ ନାରାୟଣ ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ କୋଲକାତା ୧୮.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୩ ରନ କରିବାକୁ ସମର୍ଥ ହୋଇପାରିଥିଲା। ଓପନିଂ ଆସିଥିବା ଅଧିନାୟକ ଆଜିଙ୍କ୍ୟ ରାହାଣେ ୩୯ ବଲରେ ୬୩ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ରୋଭମାନ ପାୱେଲ ୨୯, ମନୀଷ ପାଣ୍ଡେ ୨୫, ଫିନ ଆଲେନ ୨୦ ରନ କରିଥିଲେ। ବୋଲିଂରେ କୁଲଦୀପ ଯାଦବଙ୍କୁ ଓ ଲୁନଗି ଏନଗିଡିଙ୍କୁ ୩ଟି ଲେଖାଏଁ ୱିକେଟ୍ ମିଳିଥିଲା। ୧୪ତମ ମ୍ୟାଚରୁ ୭ମ ବିଜୟ ସହ ଦିଲ୍ଲୀ ଅଭିଯାନ ଶେଷ କରିଛି। ସେହିଭଳି କୋଲକାତା ୭ମ ପରାଜୟ ସହ ବିଦାୟ ନେଇଛି।

କିଟ୍ ଚେସ୍ ମହୋତ୍ସବ
ଶୀର୍ଷରେ ସମ୍ବିତ ଓ ଶ୍ରୀହାନ

ଭୁବନେଶ୍ୱର,୨୪।୫(ସମିସ): ଓଡ଼ିଶାର ଆଇଏମ୍ ସମ୍ବିତ ପଣ୍ଡା ଓ ୧୭ବର୍ଷରୁ କମ୍ ଖେଳାଳି ଶ୍ରୀହାନ ସାବତ କିଟ୍ ଚେସ ମହୋତ୍ସବର କାଟୋଗୋରୀ-ଏ'ର ଦ୍ୱିତୀୟ ରାଉଣ୍ଡ ଶେଷ ସୁଦ୍ଧା ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଉଭୟ ଖେଳାଳି ଅନ୍ୟ ୪୮ ଜଣଙ୍କ ସହ ପ୍ରଥମ ୨ ରାଉଣ୍ଡରୁ ୨ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଏହି ସଫଳତା ଯେ ସେମାନଙ୍କୁ ଟାଇଟଲ ହାସଲ ଦିଗରେ ସହାୟତା କରୁ କ ନକରୁ କିନ୍ତୁ ଏମାନେ ୧୦ ରାଉଣ୍ଡରୁ ଗୋଟିଏ ରାଉଣ୍ଡରେ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଏହି ସଫଳତା ଓଡ଼ିଶାର ଚେସ ପ୍ରତିଭାଙ୍କୁ ଦର୍ଶାଉଛି।

କାଟାଗୋରୀ-ଏ'ର ପ୍ରଥମ ରାଉଣ୍ଡରେ ୪ଜଣ ଜିଏମ୍, ୨ଜଣ ମହିଳା ଜିଏମ୍ ଓ ୨୪ଜଣ ଆଇଏମ୍ ମ୍ୟାଚ୍ ଡ୍ର ରଖିଥିଲେ। ଆଜି ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡରେ ମଧ୍ୟ ଏହି ଧାରା ବଜାୟ ରହିଛି। ଭାରତର ଯୁବ ଖେଳାଳିମାନେ ଟାଇଟଲଧାରୀଙ୍କୁ ମ୍ୟାଚ୍ ଡ୍ର ରଖିବା ପାଇଁ ବାଧ୍ୟ କରିଛନ୍ତି। ସେମାନଙ୍କ ମଧ୍ୟରେ ଜିଏମ୍ ରୁଷିଆର ବୋରିସ ସାଭଚେଙ୍କୋ, ଜିଏମ୍ ମିହାଇଲ ନିକିଟେଙ୍କୋ, ଜିଏମ୍ ଆର୍ଟେମ ଓମେଲଜା, ଜିଏମ୍ ଡକ୍ ହୋଆ ଏନଗୁଏନ୍, ଜିଏମ୍ ଭାନ୍ ହୁଏ ଏନ୍‌ଗୁଏନ୍, ଜିଏମ୍ ମାନିକ୍ ମୁକୁଲାସ୍ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଥିଲେ। ଅନ୍ୟପକ୍ଷରେ କାଟାଗୋରୀ-ବି'ରେ ତୃତୀୟ ରାଉଣ୍ଡ ସୁଦ୍ଧା ୩ ପଏଣ୍ଟ ପାଇ ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ମାତ୍ର ୨ଜଣ ଓଡ଼ିଆ ଖେଳାଳି ରହିଛନ୍ତି। ସେମାନେ ହେଉଛନ୍ତି ଅରୀନ୍ ଅନ୍ୱେଷ ସ୍ୱାଇଁ ଓ ଅମ୍ଲାନ ସ୍ୱାଇଁ। ଟୁର୍ଣ୍ଣାମେଣ୍ଟକୁ ଆଜି କିଟ୍ ଓ କିସ୍ ପ୍ରତିଷ୍ଠାତା ଉଦ୍‌ଘାଟନ କରିଛନ୍ତି। କାଟାଗୋରୀ-ଏ'ରେ ୧୦ ରାଉଣ୍ଡ ଖେଳ ହେବ।

ଫ୍ରେଞ୍ଚ ଓପନ୍: ଜ୍ୱେରେଭଙ୍କ ବିଜୟ ଅଭିଯାନ

ପ୍ୟାରିସ, ୨୪।୫ (ଏଜେନ୍ସି): ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ୍‌ର ୧୨୫ତମ ସଂସ୍କରଣ ରବିବାରଠାରୁ ରୋଲାଣ୍ଡ ଗାରୋସରେ ଆରମ୍ଭ ହୋଇଯାଇଛି। ପ୍ରଥମ ଦିବସରେ କୌଣସି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିନି। ପୁରୁଷ ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଜ୍ୱେରେଭ ୬-୩, ୬-୪, ୬-୨ ସିଧାସଳଖ ସେଟରେ ଘରେଶଇ ଖେଳାଳି ବେଞ୍ଜାମିନ ବୋନଜିଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଜ୍ୱେରେଭଙ୍କ ମୁକାବିଲା ଚେକ୍ ଗଣରାଜ୍ୟର ତୋମାସ ମାଚାକ୍‌ଙ୍କ ସହ ହେବ। ସେହିଭଳି ମହିଳା ବିଭାଗରେ ୟୁକ୍ରେନର ମାର୍ତା କୋସ୍ତ୍ୟୁକ, ୧୧ତମ ସିଡ୍ ସୁଇଜରଲାଣ୍ଡର ବେଲିଣ୍ଡା ବେନସିକ, ଚାଇନାର ୱାଙ୍ଗ ଜିୟୁ, ଚେକ୍ ଗଣରାଜ୍ୟର ମାରିଏ ବୌଜକୋଭା ପ୍ରମୁଖ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି।

● ଦ୍ୱିତୀୟ ସମୀରନ ସ୍ମାରକୀ ଓପନ ଚେସ୍

ଯାଜପୁରର ସଞ୍ଜୀବନ ଚାମ୍ପିଅନ

ଭୁବନେଶ୍ୱର,୨୪।୫ (ସମିସ): ଯାଜପୁରର ସଞ୍ଜୀବନ ନାୟକ ଦ୍ୱିତୀୟ ସମୀରନ ସୁକୁମାର ନାୟକ ସ୍ମାରକୀ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରାଜଧାନୀ ଉପକଣ୍ଠ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍ ପରିସରରେ ରବିବାର ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ସଞ୍ଜୀବନ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇଥିଲେ। ତାଙ୍କ ପଛକୁ ୪ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଟାଇବ୍ରେକରରେ ସେମାନଙ୍କ ମଧ୍ୟରୁ କନ୍ଧମାଳର ଲରେନ୍ସ ପ୍ରଧାନ ଦ୍ୱିତୀୟ, ଭୁବନେଶ୍ୱରର ଅଞ୍ଜଳି ମିଶ୍ର ତୃତୀୟ ଓ ନଟବର ଦାସ ଚତୁର୍ଥ, ପୁରୀର ମହେଶ ପ୍ରସାଦ ସେଠୀ ୫ମ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱରର ଦୁଇ ଖେଳାଳି ସ୍ୱସ୍ତିକ ତ୍ରିପାଠୀ ଓ ମନୀଷ ଦାସ ଯଥାକ୍ରମେ ୬ଷ୍ଠ ଓ ୭ମ, ବାଲେଶ୍ୱରର ଶୁଭେନ୍ଦୁ ପାତ୍ର ୮ମ ସ୍ଥାନ ଅଧିକାର କରିଥିଲେ। ଏମାନେ ସମସ୍ତେ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟକୁ ଟିସିଏସ୍‌ର ପ୍ରୋଜେକ୍ଟ ମୁଖ୍ୟ ଦୀପ୍ତିରଞ୍ଜନ ନାୟକ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଶେଷରେ ରୟାଲ ପବ୍ଲିକ୍ ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ, ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ମଧୁସ୍ମିତା ନାୟକ, ଦୀପିକା ଦୀପାନ୍ୱିତା ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଅଷ୍ଟ୍ରିଆନ୍ ଓପନ୍‌ରେ ରୌପ୍ୟ ଜିତିଲେ ତନ୍ୱୀ

ଭୁବନେଶ୍ୱର, ୨୪।୫ (ସମିସ): ଓଡ଼ିଶାର ଉଦୀୟମାନ ବ୍ୟାଡମିଣ୍ଟନ ଖେଳାଳି ତନ୍ୱୀ ପତ୍ରୀ ଅଷ୍ଟ୍ରିଆନ୍ ଓପନ୍‌ରେ ରନର୍ସଅପ୍ ହୋଇଛନ୍ତି। ରବିବାର ଅଷ୍ଟ୍ରିଆର ଗ୍ରାଜ୍ ସହରରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲ୍ ମ୍ୟାଚ୍‌ରେ ତନଭୀ ୧୪-୨୧, ୧୭-୨୧ ଗେମରେ କାନାଡାର ରେଚେଲ୍ ଚାନ୍‌ଙ୍କଠାରୁ ପରାଜିତ ହୋଇ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରକାଶ ପାଦୁକୋନ ବ୍ୟାଡମିଣ୍ଟନ ଏକାଡେମୀର ପ୍ରଶିକ୍ଷାର୍ଥୀ ତନ୍ୱୀ ଏହି ଟୁର୍ଣ୍ଣାମେଣ୍ଟରେ ଅଷ୍ଟମ ସିଡ୍ ରଣିଥମା ଲିୟାନାଗେ, ମାଲେସିଆର ଶାନ୍ ଜି, ତୁର୍କୀର ଦ୍ୱିତୀୟ ମାନ୍ୟତା ଓଜଗେ ବାୟରାକ୍ ଏବଂ ତୃତୀୟ ମାନ୍ୟତା ପେଙ୍ଗ୍ ୟୁ ୱେଙ୍ଗ ଭଳି ଅନେକ ବଡ଼ ଖେଳାଳିଙ୍କୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲେ।

ଗୋଟିଏ ବି ମ୍ୟାଚ୍ ନ ଖେଳି ଦରମା ପାଇବେ ଧୋନି

ଚେନ୍ନଇ, ୨୪।୫ (ଏଜେନ୍ସି)

ପାଞ୍ଚଥରର ବିଜେତା ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ) ଚଳିତ ଆଇପିଏଲ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରି ପ୍ଲେ-ଅଫ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି। ସିଏସକେ'ର ପ୍ରମୁଖ ଖେଳାଳି ମହେନ୍ଦ୍ର ସିଂ ଧୋନି ଚଳିତ ସିଜନରେ ଆଘାତଜନିତ ସମସ୍ୟା ଲାଗି ଗୋଟିଏ ହେଲେ ମ୍ୟାଚ୍ ଖେଳିପାରି ନ ଥିଲେ। ସିଜନରେ ସମସ୍ତ ୧୪ଟି ଯାକ ମ୍ୟାଚ୍ ଖେଳି ନ ପାରିବା ଫଳରେ ଏବେ ସେ ତାଙ୍କ ବାର୍ଷିକ ପାଉଣା ଫ୍ରାଞ୍ଚାଇଜ ନିକଟରୁ ପାଇବେ କି ନାହିଁ ତାହାକୁ ନେଇ ପ୍ରଶଂସକଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ତେବେ ରିପୋର୍ଟ ଅନୁଯାୟୀ ସିଏସକେ ଫ୍ରାଞ୍ଚାଇଜ ତାଙ୍କୁ ଅନକ୍ୟାପଡ ଖେଳାଳି ଭାବରେ ୪ କୋଟି ଟଙ୍କାରେ ଦଳରେ ରିଟେନ ରଖିଥିଲା। ଗୋଟିଏ ମ୍ୟାଚ୍ ଖେଳିପାରି ନ ଥିଲେ ମଧ୍ୟ ସେ ସମ୍ପୂର୍ଣ୍ଣ ୪ କୋଟି ଟଙ୍କା ଦରମା ଫ୍ରାଞ୍ଚାଇଜ ନିକଟରୁ ପାଇବେ। ଆଇପିଏଲ୍ ନିୟମ ଅନୁଯାୟୀ ଯଦି ଜଣେ ଖେଳାଳି ସମ୍ପୂର୍ଣ୍ଣ ସିଜନ ଫ୍ରାଞ୍ଚାଇଜ ପାଇଁ ଉପଲବ୍ଧ ରହିଥାନ୍ତି, କିନ୍ତୁ ଆଘାତ କାରଣରୁ ଗୋଟିଏ ମ୍ୟାଚ୍ ଖେଳି ନ ପାରନ୍ତି ତେବେ ସେହି ଖେଳାଳିଙ୍କୁ ଚୁକ୍ତି ଅନୁଯାୟୀ ସମ୍ପୂର୍ଣ୍ଣ ଦରମା ମିଳିବ। ରିପୋର୍ଟ ଅନୁଯାୟୀ ଆଇପିଏଲ୍ ଖେଳୁଥିବା ପ୍ରତ୍ୟେକ ଖେଳାଳିଙ୍କ ବୀମା କରାଯାଇଥାଏ। ଆଘାତ କିମ୍ବା ଅସୁସ୍ଥତା କ୍ଷେତ୍ରରେ ସମ୍ପୃକ୍ତ ଖେଳାଳିଙ୍କ ଦରମା ବୀମା କମ୍ପାନୀ ଫ୍ରାଞ୍ଚାଇଜକୁ ଫେରସ୍ତ କରିଥାଏ। କିନ୍ତୁ ଧୋନିଙ୍କୁ ମ୍ୟାଚ୍ ପାଉଣା ମିଳିବ ନାହିଁ। ଆଇପିଏଲ୍‌ରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ମ୍ୟାଚ୍ ପିଛା ୭.୫ ଲକ୍ଷ ଟଙ୍କା ଦିଆଯାଇଥାଏ।

ଜାତୀୟ ସବ୍‌ଜୁନିଅର ବେସ୍‌ବଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୪।୫ (ସମିସ): ଜାତୀୟ ସବ୍-ଜୁନିଅର ବେସବଲ୍ ଚାମ୍ପିଅନସିପ୍‌ର ୩୧ତମ ସଂସ୍କରଣ କିସ୍ ଷ୍ଟାଡିୟମରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବେସ୍‌ବଲ୍ ଆସୋସିଏସନ ଅଫ୍ ଓଡ଼ିଶା (ବିଏଓ) ଓ ଆମେଚର ବେସବଲ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏବିଏଫଆଇ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଚାମ୍ପିଅନସିପ୍‌ରେ ୨୦ଟି ବାଳକ ଓ ୧୮ଟି ବାଳିକା ଦଳ ଅଂଶଗ୍ରହଣ କରିଛନ୍ତି। ମେ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚାମ୍ପିଅନସିପ୍ ଲିଗ୍ କମ୍ ନକ୍‌ଆଉଟ୍ ଭିତ୍ତିରେ ଖେଳାଯିବ। ମୋଟ୍ ୫୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ଉଦ୍‌ଘାଟନୀ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ଏବିଏଫଆଇର ସଭାପତି ପଙ୍କଜ ଲୋଚନ ମହାନ୍ତି, ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଶିବାନନ୍ଦ ପ୍ରଧାନ, ସଭାପତି ପ୍ରବୋଧ ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କୁଳପତି ଶରଣଜିତ୍ ସିଂହ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଟୁର୍ଣ୍ଣାମେଣ୍ଟର ସଂଯୋଜକ ଅଞ୍ଜନ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

କର୍ଣ୍ଣାଟକରେ ନିର୍ମିତ ହେବ ଭାରତର ଦ୍ୱିତୀୟ ବଡ଼ କ୍ରିକେଟ ଷ୍ଟାଡିୟମ

ବେଙ୍ଗାଲୁରୁ, ୨୪।୫ (ଏଜେନ୍ସି): ଭାରତର ଦ୍ୱିତୀୟ ସର୍ବବୃହତ କ୍ରିକେଟ୍ ଷ୍ଟାଡିୟମ କର୍ଣ୍ଣାଟକରେ ଖୁବଶୀଘ୍ର ନିର୍ମିତ ହେବାକୁଯାଉଛି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରମେୟା ଏହି କ୍ରିକେଟ୍ ଷ୍ଟାଡିୟମ ଓ କ୍ରୀଡ଼ା କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୭୫ ଏକର ଜମିରେ ନିର୍ମିତ ହେବାକୁ ଥିବା ଏହି ଷ୍ଟାଡିୟମରେ ୮୦ ହଜାର ଦର୍ଶକ ବସି ଖେଳ ଦେଖିପାରିବେ। ଅହମ୍ମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମ ଏକ ଲକ୍ଷ ୩୨ ହଜାର ଦର୍ଶକ କ୍ଷମତା ସହ ଭାରତର ସର୍ବବୃହତ କ୍ରିକେଟ୍ ଷ୍ଟାଡିୟମ ରହିଛି। ଗତବର୍ଷ ଆଇପିଏଲ୍ ଚାମ୍ପିଅନ ଆର୍‌ସିବିର ବିଜୟ ଉତ୍ସବରେ ଦଳାଚକଟାରେ ୧୧ଜଣ କ୍ରିକେଟ୍ ପ୍ରେମୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ କର୍ଣ୍ଣାଟକ ସରକାର ରାଜ୍ୟରେ ଦ୍ୱିତୀୟ କ୍ରିକେଟ୍ ଷ୍ଟାଡିୟମ ନିର୍ମାଣ କରିବାକୁ ଚିନ୍ତା କରିଥିଲେ।

ମାଇକେଲ କିଣ୍ଡୋ ମେମୋରିଆଲ ମହିଳା ହକି

ସେମିଫାଇନାଲରେ ସୁନ୍ଦରଗଡ଼

ଭୁବନେଶ୍ୱର,୨୪।୫(ସମିସ)

ସୁନ୍ଦରଗଡର କ୍ରୀଡ଼ା ଛାତ୍ରାବାସ୍ ଦ୍ୱିତୀୟ ମାଇକେଲ କିଣ୍ଡୋ ସ୍ମାରକୀ ମହିଳା ହକି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଏହା ସହ ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଦକ୍ଷିଣ ପୂର୍ବ ରେଳବାଇ ସହ ସିଆଇଏସ୍‌ଏଫ୍ ଏବଂ ଦ୍ୱିତୀୟ ସେମିଫାଇନାଲରେ ସୁନ୍ଦରଗଡ଼ ସହ ସାଇ କୋଲକାତାର ମୁକାବିଲା ହେବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ସାଇ କୋଲକାତା ୩-୧ ଗୋଲରେ ରାଉରକେଲାର କ୍ରୀଡ଼ା ଛାତ୍ରାବାସକୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ପୂର୍ବରେଳବାଇ ୭-୦ ଗୋଲରେ ଆୟୋଜକ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟକୁ ପରାସ୍ତ କରିଥିଲା। ଏହା ଫଳରେ ରାଉରକେଲା ଉନ୍ନତ ଗୋଲ ବ୍ୟବଧାନରେ ପଛରେ ପଡ଼ି ସେମିଫାଇନାଲରୁ ବଞ୍ଚିତ ହୋଇଥିଲା। ସେହିପରି ଅପରାହ୍ଣରେ ଖେଳାଯାଇଥିବା ମ୍ୟାଚ୍‌ରେ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ୬-୧ ଗୋଲରେ ଓଡ଼ିଶା ପୁଲିସ୍‌କୁ ଏବଂ ଶେଷ ଲିଗ୍ ମ୍ୟାଚ୍‌ରେ ସିଆଇଏସ୍‌ଏଫ୍ ୩-୨ ଗୋଲରେ ହକି ସିମ୍‌ଡେଗାକୁ ପରାସ୍ତ କରିଥିଲା। ବିଜୟୀ ସୁନ୍ଦରଗଡ଼ ଦଳ ପକ୍ଷରୁ ସଞ୍ଜନା କିରୋ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ସେହିଭଳି ଅଙ୍କିତା ମିଞ୍ଜଙ୍କ ଷ୍ଟିକରୁ ଦୁଇଟି ଗୋଲ୍ ବାହାରିଥିଲା। ସେହିଭଳି ସିଆଇଏସଏଫ୍‌ର ଅଙ୍କିତା ପାଲ୍, ପ୍ରମୋଦିନୀ ଲାକ୍ରା ଓ ଅଧିନାୟିକା ମହିମା ଟେଟେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

ବେଦାନ୍ତଙ୍କ ଦ୍ୱିଶତକ; କଟକ-ଏ'ର ବିଶାଳ ବିଜୟ

ଭୁବନେଶ୍ୱର, ୨୪।୫ (ସମିସ)

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍‌ର ୪ର୍ଥ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ରବିବାର ଖେଳାଯାଇଥିବା ଏକ ମ୍ୟାଚରେ କଟକ-୧୯୯ ରନର ବିଶାଳ ବ୍ୟବଧାନରେ ଜଗତସିଂହପୁରକୁ ପରାସ୍ତ କରିଛି। ସନ୍‌ସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ବେଦାନ୍ତ ଦେଭାଡେ (୨୨୬ ରନ)ଙ୍କ ଦ୍ୱିଶତକ ବଳରେ କଟକ-ଏ ପ୍ରଥମେ ବ୍ୟାଟିଂ କରି ୪୭ ଓଭରରେ ୪ ୱିକେଟ ବିନିମୟରେ ୩୯୨ ରନ କରିଥିଲା। ଜବାବରେ ଜଗତସିଂହପୁର ୪୧.୩ ଓଭରରେ ୧୯୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା।

ସେହିଭଳି ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକରେ ଭୁବନେଶ୍ୱର-ଏ ୭ ୱିକେଟରେ ଢେଙ୍କାନାଳକୁ, କୋରାପୁଟ ୫ ୱିକେଟରେ ବରଗଡ଼କୁ, ଅନୁଗୋଳ ୧୯ ରନରେ ବଲାଙ୍ଗିରକୁ, ଗଞ୍ଜାମ ୧ ୱିକେଟରେ ଖୋର୍ଦ୍ଧାକୁ, ଝାରସୁଗୁଡ଼ା ୮୬ ରନରେ ମୟୁରଭଞ୍ଜକୁ, ମାଲକାନଗିରି ୨୦୩ ରନରେ ନୂଆପଡ଼ାକୁ, ବାଲେଶ୍ୱର ୧୪୯ ରନରେ କେନ୍ଦୁଝରକୁ ଓ ପୁରୀ ୨ ୱିକେଟରେ ସୋନପୁରକୁ ପରାସ୍ତ କରିଥିଲା। ପୁରୀର ମୟଙ୍କ ପଟ୍ଟନାୟକ (୪୯ ରନ ଓ ୪ ୱିକେଟ), ବାଲେଶ୍ୱରର ଶୁଭମ ପଲାଇ (୯୦ ରନ), ମାଲକାନଗିରିର ଭୁବନ ମଣ୍ଡଳ (୧୦୯ ରନ), ଝାରସୁଗୁଡ଼ାର ଓମ୍ ସାକୁନିଆ (୫ ୱିକେଟ), ଗଞ୍ଜାମର ଅନିରୁଦ୍ଧ ପଟ୍ଟନାୟକ (୫ ୱିକେଟ) ପ୍ରଭାବୀ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS